cmyk cmyk cmyk

79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୯ବର୍ଷ ■ ସଂଖ୍ୟା-୩୦୧ ● କଟକ ● ଶନିବାର ● ୬ ଜୁନ୍- ୨୦୨୬ ●ମିଥୁନ- ୬ ●ସାଲ୍ ୧୪୩୧
CUTTACK● SATURDAY ● 6 JUNR-2026 ● RNI Regd.No.4001/57
ମୂଲ୍ୟ: ₹ ୫ ଟଙ୍କା

## ଖୁବଶୀଘ୍ର ଆସିବ ପ୍ଲାଷ୍ଟିକ୍ ନୋଟ୍



ନୂଆଦିଲ୍ଲୀ: ଦେଶରେ ଖୁବଶୀଘ୍ର ଆସିବ ପଲିମର ବା ପ୍ଲାଷ୍ଟିକ୍ ନୋଟ। କାଗଜ ନୋଟ୍ ବଦଳରେ ପ୍ଲାଷ୍ଟିକ୍ ନୋଟ୍ ଆଣିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଯୋଜନା। ଏନେଇ ପ୍ରସ୍ତାବ ପ୍ରାଥମିକ ପର୍ଯ୍ୟାୟରେ ଥିବା କହିଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର। କାଗଜ ନୋଟ୍ ମୁଦ୍ରଣରେ ଅଧିକ ଖର୍ଚ୍ଚ ହେଉଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏଭଳି ନିଷ୍ପତ୍ତି ନେଇଛି। ପ୍ଲାଷ୍ଟିକ ନୋଟ୍ ୱାଟରପ୍ରୁଫ୍ ରହିବା ଫଳରେ କାଗଜ ନୋଟ୍ ତୁଳନାରେ ଅଧିକ ଦିନ ତିଷ୍ଠିବ ବୋଲି କୁହାଯାଉଛି। ଓଦା ହେଲେ ନଷ୍ଟ ହେବନି। ଚିରିଯିବାର ଭୟ ରହିବ ନାହିଁ। ଶୀଘ୍ର ମଇଳା ବି ହେବନି। ବଜାରରେ ଖୁବ ଶୀଘ୍ର ଦେଖିବାକୁ ମିଳିପାରେ ନୂଆ ନୋଟ୍ । ଦେଶରେ ପଲିମର ନୋଟ୍ ପ୍ରଚଳନ ପାଇଁ ଯୋଜନା କରୁଛି ଭାରତୀୟ ରିଜର୍ଭ ବ୍ୟାଙ୍କ । ଏ ନେଇ ପ୍ରସ୍ତାବ ବିଚାରାଧୀନ ଥିବା ସ୍ପଷ୍ଟ କରିଛନ୍ତି ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା । ଏହା ପ୍ରାଥମିକ ପର୍ଯ୍ୟାୟରେ ରହିଛି ବୋଲି ଆଜି ମୁଦ୍ରା ନୀତିର ସମୀକ୍ଷା ପରେ କହିଛନ୍ତି ଆରବିଆଇ ଗଭର୍ଣ୍ଣର । ତେବେ ମିଳିଥିବା ସୂଚନା ଅନୁସାରେ ଖୁବ ଶୀଘ୍ର ଏ ନେଇ ପାଇଲଟ୍ ପ୍ରୋଜେକ୍ଟ ଆସିପାରେ। ପଲିମର ନୋଟ୍ ଏକ ସ୍ୱତନ୍ତ୍ର ପ୍ରକାର ପ୍ଲାଷ୍ଟିକ୍ ସବ୍ ଷ୍ଟ୍ରେଟ୍ ରୁ ତିଆରି ହୋଇଥାଏ । ପ୍ରଥମେ ଏହା ଅଷ୍ଟ୍ରେଲିଆରେ ପ୍ରଚଳନ ଆରମ୍ଭ ହୋଇଥିଲା । ପରେ ପରେ ୟୁକେ, କାନାଡା, ନ୍ୟୁଜିଲାଣ୍ଡ ଏବଂ ସିଙ୍ଗାପୁର ଭଳି ବହୁ ରାଷ୍ଟ୍ରରେ ଏହା ପ୍ରଚଳିତ ହେଉଛି। ବିଶେଷଜ୍ଞଙ୍କ କହିବା ଅନୁସାରେ ପଲିମର ବା ପ୍ଲାଷ୍ଟିକ୍ ନୋଟ୍ ପାରମ୍ପରିକ କାଗଜ ନୋଟ୍ ଅପେକ୍ଷା ଅଧିକ ଶକ୍ତିଶାଳୀ ଓ ଦୀର୍ଘ ସ୍ଥାୟୀ। ଏହି ନୋଟ୍ ଗୁଡ଼ିକ ଉପରେ ପାଣି, ଆର୍ଦ୍ରତା, କାଦୁଅ କିମ୍ବା କୌଣସି ପ୍ରକାର ମଇଳାର ପ୍ରଭାବ ପଡ଼େନାହିଁ । ଏହା ପାଣିରେ ଭିଜିଲେ ମଧ୍ୟ ନଷ୍ଟ ହୁଏନାହିଁ। ଏଗୁଡ଼ିକ ସହଜରେ ଚିରେ ନାହିଁ, ଯାହାଫଳରେ କେନ୍ଦ୍ରୀୟ ବ୍ୟାଙ୍କକୁ ବାରମ୍ବାର ନୂଆ ନୋଟ୍ ଛାପିବାକୁ ପଡ଼ିବ ନାହିଁ ଏବଂ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ସଞ୍ଚୟ ହେବ । ସେହିପରି ଏହାର ନକଲ କରିବା ବା ଜାଲ୍ ନୋଟ୍ ପ୍ରସ୍ତୁତ କରିବା ସମ୍ପୂର୍ଣ୍ଣ ଅସମ୍ଭବ।

## ରେପୋରେଟ୍ ଅପରିବର୍ତ୍ତିତ ରଖିଲେ ରିଜର୍ଭ ବ୍ୟାଙ୍କ୍




ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସୃଷ୍ଟି ହୋଇଥିବା ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଗୁରୁତ୍ୱପୂର୍ଣ୍ଣ ସୁଧ ହାର ରେପୋ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି। ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ଛଅ ଜଣିଆ ମୁଦ୍ରାନୀତି କମିଟି ବ୍ୟାପକ ମାନସମନ୍ଥନ କରିବା ପରେ ସୁଧକୁ ସ୍ଥିର ରଖିଛି। ଏହା ଘର, ଗାଡ଼ି ଓ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଋଣ ନେଇଥିବା ଗ୍ରାହକଙ୍କ ନିମନ୍ତେ ଏକ ବଡ଼ ଆଶ୍ୱସ୍ତି। ସେମାନଙ୍କ ଋଣର ମାସିକ କିସ୍ତି ବା ଇଏମ୍ଆଇରେ କେ ?ଣସି ବୃଦ୍ଧି ହେବ ନାହିଁ।ଆଜି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶ୍ରୀ ମଲହୋତ୍ରାଙ୍କ କିଛି ତଥ୍ୟ କିନ୍ତୁ ଚିନ୍ତାଜନକ ମନେ ହେଉଛି। ସେ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶର ଗତି ଧିମା ହୋଇଯିବ। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୬.୬ ପ୍ରତିଶତକୁ ହ୍ରାସ ପାଇବ। ପୂର୍ବରୁ ଏହା କହିଥିଲା ଯେ ଅଭିବୃଦ୍ଧି ୬.୯ ପ୍ରତିଶତ ହେବ। ଯୁଦ୍ଧ ପାଇଁ ଏହା ନିଜର ପୂର୍ବ ଆକଳନ ହ୍ରାସ କରିବାକୁ ବାଧ୍ୟ ହୋଇଛି। ଅର୍ଥନୀତିକୁ ଡବଲ୍ ଟଙ୍କା ମିଳିବ। କେବଳ ଅଭିବୃଦ୍ଧି କମିବ ନାହିଁ, ଅନ୍ୟ ପଟେ ଦରଦାମ୍ ମଧ୍ୟ ବେଲଗାମ ହୋଇପଡ଼ିବ। ଖୁଚୁରା ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ୪ ପ୍ରତିଶତର ସୀମାରେଖା ଡେଇଁ ୫ ପ୍ରତିଶତରୁ ଅଧିକ ହୋଇଯିବ ବୋଲି ମଧ୍ୟ ଆକଳନ କରାଯାଇଛି। ଶ୍ରୀ ମଲହୋତ୍ରା କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧକୁ ନେଇ ଅନିଶ୍ଚିତତା ରହିଛି। ତାହାର ପ୍ରଭାବ ଓ ଯୋଗାଣ ଶୃଙ୍ଖଳା ସ୍ୱାଭାବିକ ହେବାର ସମ୍ଭାବନାକୁ ଆଧାର କରି ମୁଦ୍ରାନୀତି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦେଶରୁ ଲାଗାତାର ଭାବେ ପାଣ୍ଠି ପ୍ରତ୍ୟାହାର କରୁଥିବା ବିଦେଶୀ ନିବେଶକମାନଙ୍କୁ ଶାନ୍ତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସରକାରୀ ପ୍ରତିଭୂତି ଉପରେ ବିଦେଶୀ ନିବେଶକମାନଙ୍କ ଲାଗି ଲଗାଯାଇଥିବା ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସକୁ ହଟାଇ ଦିଆଯାଇଛି। କେବଳ ସେତିକି ନୁହେଁ, ଅଧିକ ବିଦେଶୀ ପାଣ୍ଠି ଆଣିବା ପଥକୁ ସୁଗମ କରିବା ପାଇଁ ଅଣ ପ୍ରବାସୀ ଭାରତୀୟ, ବିଦେଶରେ ରହୁଥିବା ଭାରତୀୟ ନାଗରିକମାନଙ୍କ ପାଇଁ ଇକ୍ୱିଟିରେ ନିବେଶ ସୀମାକୁ ବୃଦ୍ଧି କରାଯାଇଛି।

## ମ୍ୟାଜିକ୍ ସଂଖ୍ୟାଠାରୁ ଏନ୍‌ଡିଏ ୧୫ ଆସନ ଦୂରରେ

ରାଜ୍ୟସଭା



ନୂଆଦିଲ୍ଲୀ: ରାଜ୍ୟସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଭାରତୀୟ ଜନତା ପାର୍ଟି (ବିଜେପି) ୫ଟି ରାଜ୍ୟ ପାଇଁ ୧୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସମ୍ବିଧାନ ସଂଶୋଧନ ବିଲ୍ ମାମଲାରେ ମାତ୍ ଖାଇଥିବା ଏନ୍‌ଡିଏ ପାଇଁ ଆଗାମୀ ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଦେଶର ୧୦ଟି ରାଜ୍ୟର ୨୪ଟି ଆସନରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ, ଜୁନ୍ ୧୮ରେ ମତଦାନ ହେବ ଏବଂ ସେହି ଦିନ ଫଳାଫଳ ଘୋଷଣା ହେବାର ସମ୍ଭାବନା ରହିଛି। ୨୪୫ ସଦସ୍ୟ ବିଶିଷ୍ଟ ରାଜ୍ୟସଭାରେ ଏନ୍‌ଡିଏର ମୋଟ ୧୪୮ ଜଣ ସାଂସଦ ଅଛନ୍ତି। ଏଥିମଧ୍ୟରୁ ସବୁଠାରୁ ବଡ଼ ଦଳ ବିଜେପିର ୧୧୩ ଜଣ ସାଂସଦ ଅଛନ୍ତି। ବର୍ତ୍ତମାନ ଏହି ମେଣ୍ଟକୁ ଦୁଇତୃତୀୟାଂଶର କୁହୁକ ସଂଖ୍ୟାକୁ ଛୁଇଁବା ପାଇଁ ଆଉ ୧୫ ଜଣ ସାଂସଦ ଆବଶ୍ୟକ। ବିଶେଷ କଥା ହେଉଛି ଯେକୌଣସି ସାମ୍ବିଧାନିକ ସଂଶୋଧନ ବିଲ୍ ପାରିତ ହେବା ପାଇଁ ସରକାରଙ୍କୁ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ। ତେବେ କୁହାଯାଉଛି ଯେ, ଏହି ନିର୍ବାଚନରେ ଏନ୍‌ଡିଏ ଏହି ସଂଖ୍ୟାରେ ପହଞ୍ଚିବା ନିଶ୍ଚିତ ନୁହେଁ, କିନ୍ତୁ ଅନେକ ରାଜ୍ୟରେ ବିଜେପି ଆଗୁଆ ରହିପାରେ।
ଆନ୍ଧ୍ର ପ୍ରଦେଶ ଓ ଗୁଜରାଟର ୪ଟି ଲେଖାଏଁ ଆସନରେ ନିର୍ବାଚନ ହେବ। ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ୩ଟି ଲେଖାଏଁ ଆସନରେ ନିର୍ବାଚନ ଅନୁଷ୍ଠିତ ହେଉଛି। ଏହା ବ୍ୟତୀତ ମଣିପୁରର ଗୋଟିଏ, ମେଘାଳୟର ଗୋଟିଏ, ଝାଡ଼ଖଣ୍ଡର ୨ଟି, ଅରୁଣାଚଳ ପ୍ରଦେଶର ୧ଟି, କର୍ଣ୍ଣାଟକର ୪ଟି ଓ ମିଜୋରାମର ଗୋଟିଏ ଆସନରେ ନିର୍ବାଚନ ହେବ। ଏଥିସହ ୨ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ହେବ। କର୍ଣ୍ଣାଟକରେ ଏନ୍‌ଡିଏକୁ ଗୋଟିଏ ଆସନ ମିଳିବ। କଂଗ୍ରେସ ୨ଟି ଆସନରେ ବିଜୟୀ ହୋଇପାରେ। କୁହାଯାଉଛି ଯେ, ଚତୁର୍ଥ ଆସନ ବିଧାୟକମାନେ କେଉଁ ଉପାୟରେ ଭୋଟ୍ ଦେଉଛନ୍ତି ତାହା ଉପରେ ନିର୍ଭର କରିବ। ଆନ୍ଧ୍ରପ୍ରଦେଶରେ ଟିଡିପିର ୧୩୫ ଜଣ ଓ ଜନସେନା ପାର୍ଟିର ୨୧ ଜଣ ବିଧାୟକ ଅଛନ୍ତି। ବିଜେପିର ୮ ଜଣ ଏବଂ ୱାଇଏସ୍ଆର୍‌ସିପିର ୧୧ ଜଣ ବିଧାୟକ ଅଛନ୍ତି। ଏହି ଦୃଷ୍ଟିରୁ ୧୬୪ଟି ଆସନ ବିଶିଷ୍ଟ ଏନ୍‌ଡିଏ ଏଠାରେ ରାଜ୍ୟସଭାର ୪ଟି ଆସନ ଜିତିପାରେ। ୧୮୨ ସଦସ୍ୟ ବିଶିଷ୍ଟ ଗୁଜରାଟ ବିଧାନସଭାରେ ବିଜେପିର ୧୬୧ ଜଣ ବିଧାୟକ ଅଛନ୍ତି। ଏହି ଆଧାରରେ ଜୁନ୍ ୧୮ରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନରେ ଦଳ ସମସ୍ତ ଚାରୋଟି ଆସନରେ ଜିତିବାକୁ ଆତ୍ମବିଶ୍ୱାସୀ। ରାଜସ୍ଥାନ ବିଧାନସଭାରେ ସଦସ୍ୟଙ୍କ ସଂଖ୍ୟା ହେଉଛି ୨୦୦। ବିଜେପିର ୧୧୫ ଜଣ ଓ କଂଗ୍ରେସର ୬୯ ଜଣ ବିଧାୟକ ଅଛନ୍ତି। ଏଠାରେ ବିଜେପି ୨ଟି ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇପାରେ ବୋଲି ବିଶ୍ୱାସ କରାଯାଉଛି। ମଧ୍ୟପ୍ରଦେଶର ଫଳାଫଳ ଆଶ୍ଚର୍ଯ୍ୟଜନକ ହୋଇପାରେ। ୧୬୩ ଜଣ ବିଧାୟକ ଥିବା ବିଜେପି ଏଠାରେ ଦୁଇଟି ଆସନ ଜିତିପାରେ। ଏଥି ସହିତ ଗୋଟିଏ ଆସନ କଂଗ୍ରେସକୁ ଯାଇପାରେ। ଇଣ୍ଡିମେଣ୍ଟ ଶାସିତ ରାଜ୍ୟରେ ଉଭୟ ଆସନ ଶାସକ ମେଣ୍ଟକୁ ଯାଇପାରେ। ତେବେ କୁହାଯାଉଛି ଯେ, ରଣନୀତି ଅନୁଯାୟୀ ଏନ୍‌ଡିଏ ଗୋଟିଏ ଆସନ ପାଇପାରେ। ଏଠାରେ ମୋଟ ୮୧ ଜଣ ବିଧାୟକ ଅଛନ୍ତି, ଯେଉଁଥିରେ ଇଣ୍ଡିମେଣ୍ଟର ୫୬ ଜଣ ଓ ଏନ୍‌ଡିଏର ୨୪ ଜଣ ବିଧାୟକ ଅଛନ୍ତି।

## ହେବନି ବସ୍ ଧର୍ମଘଟ

ଭୁବନେଶ୍ୱର, (ପିପିଏସ୍): ୧୦ ତାରିଖରେ ହେବାକୁ ଥିବା ବସ୍ ଧର୍ମଘଟକୁ ସ୍ଥଗିତ ରଖିଲା ଘରୋଇ ମାଲିକ ସଂଘ। ଶୁକ୍ରବାର ରାଜ୍ୟ ପରିବହନ ପ୍ରାଧିକରଣ କମିଶନରଙ୍କ ସହିତ ଆଲୋଚନା ପରେ ପ୍ରସ୍ତାବିତ ବସ୍ ଧର୍ମଘଟକୁ ସ୍ଥଗିତ ରଖିଛି ଘରୋଇ ବସ୍ ମାଲିକ ସଂଘ। ସରକାରଙ୍କୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛି ଘରୋଇ ବସ୍ ମାଲିକ ସଂଘ। ଯଦି ସରକାର ଦାବି ନ ଶୁଣନ୍ତି, ତା'ହେଲେ ଜୁଲାଇ ୧ ତାରିଖରେ ସଂଘର ବୈଠକ ବସିବ। ସେଥିରେ ପୁଣି ଥରେ ବସ୍ ଧର୍ମଘଟ ହେବ କି ନାହିଁ, ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ସେ କହିଛନ୍ତି, ଆଶା କରୁଛୁ ସରକାର ସକାରାତ୍ମକ ପଦକ୍ଷେପ ନେବେ ଓ ଆମ ଦାବି ପୂରଣ କରିବେ। ଅନ୍ୟପକ୍ଷରେ ଏସ୍ଟିଏ ସମ୍ପାଦକ ଶିବ ଟପୋ କହିଛନ୍ତି, ୧୪ଟି ପାରାମିଟର ନେଇ ବସ୍ ଭଡ଼ା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖିବ ଏସଟିଏ। ଏହାପରେ ଭଡ଼ା ବୃଦ୍ଧି ନେଇ ନିଷ୍ପତ୍ତି ନେବେ ରାଜ୍ୟ ସରକାର।

## ନୀଳକଣ୍ଠ ମିଶ୍ର ବିଶ୍ୱବ୍ୟାଙ୍କର ନୂଆ ଇଡି

ନୂଆଦିଲ୍ଲୀ: ଆକ୍ସିସ୍ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ନୀଳକଣ୍ଠ ମିଶ୍ରଙ୍କୁ କେନ୍ଦ୍ର ସରକାର ବିଶ୍ୱବ୍ୟାଙ୍କରେ ଭାରତରନୂଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ତିନି ବର୍ଷ ପାଇଁ ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ଏହି ପଦରେ କାର୍ଯ୍ୟ କରୁଥିବା ପୂର୍ବତନ ପ୍ରଶାସନିକ ଅଧିକାରୀ ପରମେଶ୍ୱର ଆୟାରଙ୍କ ସ୍ଥାନରେ ସେ କାର୍ଯ୍ୟ କରିବେ। ସେ ୱାସିଂଟନସ୍ଥିତ ବିଶ୍ୱବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରୁ କାମ କରିବେ। ନିଯୁକ୍ତି ସମ୍ପର୍କିତକ୍ୟାବିନେଟ୍ କମିଟି ତାଙ୍କ ନିଯୁକ୍ତିକୁ ମଞ୍ଜୁର କରିଛି। ଆକ୍ସିସ୍ ବ୍ୟାଙ୍କ ସହ ଯୋଡ଼ି ହେବା ପୂର୍ବରୁ ଶ୍ରୀ ମିଶ୍ର କ୍ରେଡିଟ୍ ସୁଇସ୍ର ଦୁଇ ଦଶନ୍ଧି କାମ କରିଥିଲେ। ସେ ପରିଚାଳନା ନିର୍ଦ୍ଦେଶକ ପଦ ପର୍ଯ୍ୟନ୍ତ ପଦୋନ୍ନତୀ ପାଇଥିଲେ। ଆର୍ଥିକ ବଜାର, ସରକାରୀ ନୀତି ଓ ନିବେଶ ରଣନୀତି ଉପରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ଆଇଆଇଟି କାନପୁରରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଡିଗ୍ରି ହାସଲ କରିଥିବା ଶ୍ରୀ ମିଶ୍ର ମୁଖ୍ୟତଃ ଅର୍ଥନେ ?ତିକ ଗବେଷଣା, ବଜାର ବିଶ୍ଳେଷଣ ଓ ନୀତି ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ବେସରକାରୀ ସଂସ୍ଥା ବ୍ୟତୀତ ସେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନେ ?ତିକ ପରାମର୍ଶଦାତା ପରିଷଦର ଅସ୍ଥାୟୀ ସଦସ୍ୟ, ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ)ର ଅସ୍ଥାୟୀ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ପଞ୍ଚଦଶ ଅର୍ଥ କମିସନ, ଷୋଡ଼ଶ ଅର୍ଥ କମିସନ, ଭାରତୀୟ ସେମିକଣ୍ଡକ୍ଟର ମିସନ, ଜିଏସଟିର ରେଭିନ୍ୟୁ ନିଉଟ୍ରାଲ ରେଟ କମିଟି ଏବଂ ବଜେଟ ପରିଚାଳନା ସମୀକ୍ଷା କମିଟିରେ ମଧ୍ୟ କାମ କରିଥିଲେ।

## ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ଗଜପତିଙ୍କ କ୍ଷୋଭ




ପୁରୀ, (ପିପିଏସ୍): ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଚାଲିଥିବା ପରିଚାଳନା କମିଟି ବୈଠକ ଶେଷ ହୋଇଛି । ବୈଠକ ସରିବା ପରେ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ । ରାଜେନ୍ଦ୍ରାଭିଷେକଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଛତିଶା ନିଯୋଗ ଏବଂ ନୀତି ସବ୍ କମିଟି ବୈଠକରେ ଚୁଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟକୁ ମୋହର ମାରିଛି ପରିଚାଳନା କମିଟି । ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ନେଇ ପରିଚାଳନା କମିଟିକୁ ଅବଗତ କରାଯାଇଛି । ଆଗକୁ ସ୍ନାନଯାତ୍ରା ଓ ଘୋଷଯାତ୍ରା ଥିବାରୁ ଗଣତି ପ୍ରକ୍ରିୟା ସ୍ଥଗିତ ରଖାଯିବ । ନିଳାଦ୍ରୀ ବିଜେ ପରେ ଗଣତି ମଣତି କାର୍ଯ୍ୟ ହେବ। ଭିତର ରତ୍ନଭଣ୍ଡାରରେ ଥିବା ପୁରୁଣା ଆଲମିରା ଗୁଡ଼ିକ ବାହାରକୁ ଆସିବ । ମୂଲ୍ୟବାନ ସାମଗ୍ରୀ ଓ ରତ୍ନ ଅଳଙ୍କାର ବହୁତ ବଡ଼ ଥିବାରୁ ଭିତର ରତ୍ନଭଣ୍ଡାର ଭିତରେ ଗଣତି କରିବା ସମ୍ଭବ ନୁହେଁ । ଖଟ ଶେଯ ଘରେ ଏହାର ଗଣତି କାର୍ଯ୍ୟ କରାଯିବ । ନରେନ୍ଦ୍ର ପୁଷ୍କରିଣୀରେ ଏକ ନୂତନ ଭାବେ ସୂଚନା କେନ୍ଦ୍ର ଓ ଅଭ୍ୟର୍ଥନା ପ୍ରକୋଷ୍ଠ ନିର୍ମାଣ ହେବ । ଅଦିନିଆ ରଥଯାତ୍ରାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଗଜପତି। ଇସ୍କନ୍ ଏବଂ ଅନ୍ୟ ସଂସ୍ଥା ଅଦିନିଆ ରଥଯାତ୍ରା ଓ ଯାନି ଯାତ୍ରା ଆୟୋଜନ ଉଚିତ୍ ନୁହେଁ । ଏହାକୁ ନେଇ ପରିଚାଳନା କମିଟି ବୈଠକରେ ଉଦବେଗ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କୁ ଜଣାଇବା ପରେ କେନ୍ଦ୍ର ସରକାରଙ୍କୁ ଏ ବିଷୟରେ ଅବଗତ କରାଯିବ । ଅଦିନିଆ ରଥଯାତ୍ରା ଓ ଯାନିଯାତ୍ରା ବନ୍ଦ କରିବା ପାଇଁ ନିଳାଦ୍ରୀ ବିଜେ ପରେ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ । ଜମିଜମା ସଂପର୍କିତ ନେଇ ଆଲୋଚନା ହୋଇଛି । ଶ୍ରୀମନ୍ଦିର ଆଇନ୍ ସଂଶୋଧନ ନେଇ ପରିଚାଳନା କମିଟି ସରକାରଙ୍କୁ ଚିଠା ଦେଇଛନ୍ତି । ଶ୍ରୀମନ୍ଦିର ସେବକ ମାନଙ୍କ ପାଇଁ ଗୁରୁକୁଳ ପ୍ରକଳ୍ପକୁ ଓବିସିସି ଠିକ୍ ସମୟରେ ଶେଷ ନ କଲେ ଅନ୍ୟ ସଂସ୍ଥାକୁ ଦିଆଯିବ । ବାହାର ରତ୍ନଭଣ୍ଡାର ୬ଟି ତାଲା ପଡ଼ିଥାଏ । ଭଣ୍ଡାର ମେକାପ ଯେଉଁ ତାଲା ବ୍ୟବହାର କରୁଛନ୍ତି ତାହା ପୁରୁଣା ହୋଇଯାଇଛି । ନୂତନ ତାଲା ପାଇଁ ପରିଚାଳନା କମିଟି ଅନୁମତି ଦେଇଛି । ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଆଗାମୀ ସ୍ନାନଯାତ୍ରାଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଆଶା ରଖିଛି ପରିଚାଳନା କମିଟି ।

### ସପ୍ତାହାନ୍ତ ବିଚାର

୧୨ବର୍ଷର ସଫଳତା ଓ ବିଫଳତା

### ବାଟେଘାଟେ



କାଲି କହୁଥିଲେ ନବୀନ ସୁନ୍ଦର
ମୋହନ ଦୁର୍ନୀତି ଖୋର
ଆଜି କହୁଛନ୍ତି ନବୀନ ବିଫଳ
ମୋହନ ଟି ଧୂରନ୍ଧର
ବିଜେଡି ବିରୁଦ୍ଧେ କହୁଥିଲେ ଯିଏ
ଶୁଣୁ ଥିଲେ ସିଏ ଗାଳି
ଏବେ କିନ୍ତୁ ଶଙ୍ଖ ବିପକ୍ଷ ରେ ଶୁଣି
ଖୁସିରେ ମାରନ୍ତି ତାଳି
ହେଲେ ଏବେ ବାହୁ ବଳି
ଅକ୍ଲେଶରେ ସିଏ ଝାମ୍ପି ନେଇଯିବେ
ବେପାର ଖେଚୁଡ଼ି ଥାଳି
-ରାହୀ

### କଟକରେ ଏଫଏମ୍ ମେଡିକାଲ କଲେଜ ଛାତ୍ରୀ ମୃତ୍ୟୁ ଘଟଣା

## କାଳ ସାଜିଲା ତ୍ରିକୋଣୀୟ ପ୍ରେମ !



କଟକ, (ପିପିଏସ୍): ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଛାତ୍ରୀଙ୍କର କଟକରେ ରହସ୍ୟଜନକ ମୃତ୍ୟୁ ପଛରେ ଜଣେ ଟ୍ରେନିଂ ଓଏଏସ୍ ଅଫିସରଙ୍କ ଲିଙ୍କ୍ ଅଭିଯୋଗ। ଗତକାଲି ତ୍ରିଶୁଳିଆ ବ୍ରିଜ୍ ତଳୁ ଏମବିବିଏସ୍ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ପରେ ଆଜି ମୟୂରଭଞ୍ଜ ଉଦଳାସ୍ଥିତ ତାଙ୍କ ଗାଁକୁ ଯାଇଛି ମୃତଦେହ। ଏକମାତ୍ର ପଢୁଆ ଝିଅକୁ ହରାଇ ଭାଙ୍ଗିପଡ଼ିଥିବା ଚନ୍ଦ୍ରିକାଙ୍କ ପରିବାର ଲୋକେ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। କହିଛନ୍ତି ଝିଅ ସହ ଦୀର୍ଘ ବର୍ଷ ଧରି ପ୍ରେମ ସମ୍ପର୍କରେ ଥିବା ଓଏଏସ୍ ଅଫିସର ଭୀମସେନ୍ ଟୁଡୁ ଅନ୍ୟ ଜଣେ ଝିଅକୁ ପାଇବା ପରେ ଚନ୍ଦ୍ରିକାଙ୍କୁ ରାସ୍ତାରୁ ହଟାଇ ଦେଇଛନ୍ତି। ଏ ନେଇ ଭୀମସେନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ସେପଟେ ସବୁ ଦିଗକୁ ନେଇ ତଦନ୍ତ ହେଉଥିବା କହିଛନ୍ତି କଟକ ଡିସିପି।
କାନ୍ଦି କାନ୍ଦି ଭାଙ୍ଗି ପଡୁଛି ମାଆ, ଅଭାବନୀୟ ପରିସ୍ଥିତି ଆଉ ଅବେଳରେ ଚାଲିଯିବାର ଦୁଃଖରେ ମ୍ରିୟମାଣ ସମ୍ପର୍କୀୟ। ମେଡିକାଲ ପଢୁଥିବା ଝିଅକୁ ହରାଇ ବୁଝୁନି ମନ, ବୋଲ ମାନୁନି ଆଖିର ଲୁହ। ମୟୂରଭଞ୍ଜ ଉଦଳା ରାଇଦାଣ୍ଡିଆ ଗାଁରେ ଆଜି ସକାଳୁ ଝିଅର ମୃତଦେହ ପହଞ୍ଚିବା ସୃଷ୍ଟି ହୋଇଥିଲା ଏମିତି ଶୋକାକୁଳ ପରିସ୍ଥିତି। ଘର ଅଗଣାରେ ସବୁ ଦିନ ପାଇଁ ଶୋଇଥିଲା ଚନ୍ଦ୍ରିକା। ଆଉ ଏପଟେ କାନ୍ଦ ବୋବାଳିରେ ଫାଟି ପଡୁଥିଲା ପରିବେଶ। ତାରି ଭିତରେ ଚନ୍ଦ୍ରିକାଙ୍କ ପରିବାରର ସେଇ ଗୋଟିଏ ଅଭିଯୋଗ ଯେ, ତାଙ୍କ ଝିଅକୁ ହତ୍ୟା କରିଛି ପ୍ରେମିକ ଭୀମସେନ ପ୍ରସାଦ ଟୁଡୁ। ଆଉ ହତ୍ୟା ପଛରେ ରହିଛି ତ୍ରୀକୋଣୀୟ ପ୍ରେମ କାହାଣୀ। ଚନ୍ଦ୍ରିକାଙ୍କ ମାଆଙ୍କ ଅଭିଯୋଗ କରିଛନ୍ତି, ଝିଅ ସହ ଦୀର୍ଘ ବର୍ଷରୁ ପ୍ରେମ ସମ୍ପର୍କରେ ଥିଲେ ଓଏଏସ୍ ଅଫିସର ଭୀମସେନ ପ୍ରସାଦ ଟୁଡୁ। ଏମିତିକି ଆସନ୍ତା ୨୦୨୭ ଡିସେମ୍ବରରେ ଚନ୍ଦ୍ରିକାଙ୍କୁ ସେ ବିବାହ କରିବାର ପ୍ରତିଶ୍ରୁତି ବି ଦେଇଥିଲେ। କିନ୍ତୁ ଭୀମସେନଙ୍କର ଆଉ ଜଣେ ଯୁବତୀଙ୍କ ସହ ସମ୍ପର୍କରେ ଆସିବା ପରେ ଚନ୍ଦ୍ରିକାଙ୍କୁ ସେ ରୀତିମତ ମାନସିକ ନିର୍ଯାତନା ଦେଇଆସୁଥିଲେ। ଆଉ ଦୁଇ ଜଣ ମିଶି, ତାଙ୍କୁ ହତ୍ୟା କରିଥିବା ସଙ୍ଗୀନ ଅଭିଯୋଗ କରିଛନ୍ତି ଚନ୍ଦ୍ରିକାଙ୍କ ମାଆ ଓ ଭାଇ। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜର ଏମବିବିଏସ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କର ମୃତଦେହ ଗୁରୁବାର ସକାଳେ ସନ୍ଦେହଜନକ ଭାବେ କଟକ ତ୍ରିଶୁଳିଆ ସ୍ଥିତ କାଠଯୋଡି ପୋଲ ତଳୁ ଉଦ୍ଧାର ହୋଇଥିଲା। ମାତ୍ର ଗୋଟିଏ ଫୁଟ ପାଣି ଭିତରେ ପଡ଼ି ରହିଥିଲା ତାଙ୍କ ମରଶରୀର। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ପରେ ଅଗ୍ନିଶମ ବାହିନୀ ଜରିଆରେ ମୃତଦେହ ଉଦ୍ଧାର କରିଥିଲା ବାରଙ୍ଗ ପୋଲିସ। ଏପଟେ ବ୍ରିଜ୍ ଉପରୁ ଏକ ବ୍ୟାଗ୍ ଓ ଚପଲ ବି ଉଦ୍ଧାର କରିଥିଲା ପୋଲିସ। ପରେ ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ, ମୃତ ଯୁବତୀଙ୍କ ଘର ମୟୂରଭଞ୍ଜ ଉଦଳାରେ। ଘର ଲୋକଙ୍କୁ ଡାକିବା ପରେ, ତାଙ୍କୁ ଝିଅକୁ ହତ୍ୟା କରାଯାଇଥିବା ପୋଲିସ ଆଗରେ ଅଭିଯୋଗ ଆଣିଥିଲେ ପରିବାର ଲୋକେ। ଏପଟେ କଟକ ଡିସିପି କହିଛନ୍ତି, ଯୁବତୀଙ୍କ ଶରୀରରେ କ୍ଷତ କି ଆଘାତ ଚିହ୍ନ ନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ତାଙ୍କ ମୋବାଇଲ ଫୋନ୍ ଓ ଅନ୍ୟ ସୋସିଆଲ ମିଡ଼ିଆ ଚାଟିଂର ଯାଂଚ୍ କରାଯାଉଛି। ଭୀମସେନ ଟୁଡୁ ଆଙ୍ଗେଲର ବି ତଦନ୍ତ କରାଯାଉଥିବା ଡିସିପି କହିଛନ୍ତି। ତେବେ ଏ ନେଇ ଭୀମସେନଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ବି, ତାହା ସମ୍ଭବ ହୋଇପାରିନି।
ଏ ପୁରା ମାମଲା ସାମ୍ନାକୁ ଆସିବା ପରେ ପ୍ରଶ୍ନ ଉଠୁଛି ବାଲେଶ୍ୱରରେ ମେଡିକାଲ ପଢୁଥିବା ଛାତ୍ରୀ ଚନ୍ଦ୍ରିକା ତ୍ରିଶୁଳିଆ ବ୍ରିଜ୍ ତଳକୁ ଆସିଲେ କେମିତି ? ପ୍ରେମରେ ଧୋକ୍କା ପରେ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ଯୋଜନାବଦ୍ଧ ଭାବେ ହତ୍ୟା କରି ଏଠାରେ ଫିଙ୍ଗି ଦେଇଛନ୍ତି ? ଝିଅର ମୃତ୍ୟୁ ପଛରେ ଚନ୍ଦ୍ରିକାଙ୍କ ପରିବାର, ବୟଫ୍ରେଣ୍ଡ ଭୀମସେନଙ୍କ ସହ ଅନ୍ୟ ଜଣେ ଯୁବତୀଙ୍କୁ ମଧ୍ୟ ଯୋଡୁଛନ୍ତି। ତେଣୁ ଘଟଣା ଉପରୁ ରହସ୍ୟ ଉଠାଇବାକୁ ପୋଲିସ ଭୀମସେନଙ୍କ ସହ ସଂପୃକ୍ତ ଯୁବତୀଙ୍କୁ ଜେରା କରିବ ତ ?

## ଓଡ଼ିଶାକୁ ଅତିରିକ୍ତ ୬ଟି ସ୍ନାତକୋତ୍ତର ଡାକ୍ତରୀ ସିଟ୍ ସ୍ୱୀକୃତ

ଭୁବନେଶ୍ୱର : ନୂଆଦିଲ୍ଲୀର ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସ (ଘଈରଗଙ୍) ଓଡ଼ିଶାରେ ଅତିରିକ୍ତ ସ୍ନାତକୋତ୍ତର ଡାକ୍ତରୀ ସିଟ୍ ପାଇଁ ମାନ୍ୟତା ପ୍ରଦାନ କରିଛି । କୋରାପୁଟର ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ (ଝଖଘ-ଗଉଐ)କୁ ଉଘଇ (ଡିପ୍ଲୋମେଟ୍ ଅଫ୍ ନ୍ୟାସନାଲ ବୋର୍ଡ) ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗ (ଙଙଏ)୪ଟି ସିଟ୍ କୁ ସ୍ୱୀକୃତି ମିଳିଛି । ପୁରୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶିଶୁରୋଗରେ ୨ଟି ଏମବିବିଏସ ଡିପ୍ଲୋମା ସିଟ୍ ସ୍ୱୀକୃତି ମିଳିଛି । ଏହା ଫଳରେ ରାଜ୍ୟରେ ଡାକ୍ତରୀ ଶିକ୍ଷା ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟସେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ମିଳିବ । ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡ଼ିକାଲ ସାଇନ୍ସ ଦ୍ୱାରା ଏହି ମାନ୍ୟତା ପ୍ରଦାନ କରାଯାଇଛି । ଯାହା କେବିକେ ଅଞ୍ଚଳ ଏବଂ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ରୋଗୀ-ଡାକ୍ତର ଅନୁପାତରେ ଉନ୍ନତି ଏବଂ ମାତୃ ଏବଂ ଶିଶୁ ଯତ୍ନ ସେବା ସୁନିଶ୍ଚିତ କରିବା ପାଇଁ ସହଜ ହେବ । ଏଥି ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇ ତାଙ୍କ ପ୍ରୟାସରେ ଏହି ସିଟ୍ ବଢିବା ଦ୍ୱାରା ଓଡ଼ିଶାର ସ୍ୱାସ୍ଥ୍ୟ ସେବା ସୁଦୃଢ଼ ହେବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

cmyk cmyk cmyk

ପ୍ରଜାତନ୍ତ୍ର




# ଆଜିର ରାଶିଫଳ

**ମେଷ** - ସମାଜ ସେବାରେ ସୁନାମ ଅର୍ଜନ କରିପାରିବେ ଓ ଅନେକ ସୂତ୍ରରୁ କିଛି ଧନ ସମ୍ପତ୍ତି ପାଇବାର ଯୋଗ ଅଛି । କର୍ମକ୍ଷେତ୍ରରେ ଉତ୍ତମ ରୋଜଗାର କରି ପ୍ରଶଂସା ପାଇବେ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ବ୍ୟବସାୟ କ୍ଷେତ୍ରରେ ପ୍ରସାର ପ୍ରଚାର ଫଳରେ ଆଶାତୀତ ଲାଭ ପାଇବେ ।

**ବୃଷ** - ଅନେକ କ୍ଷେତ୍ରରେ ସ୍ୱାଭିମାନ ରକ୍ଷା ହେବା ସହ ଉନ୍ନତି ମଧ୍ୟ ହେବ । ଅଧସ୍ତନ କର୍ମୀ ଓ ସାଧାରଣ ବର୍ଗଙ୍କ ସୌଜନ୍ୟରୁ ସାହାଯ୍ୟ ସମର୍ଥନ ହାସଲ କରିବେ। ରାସ୍ତାରେ ଯିବା ସମୟରେ ସତର୍କ ରହିବା ଆବଶ୍ୟକ।

**ମିଥୁନ** - ଅପ୍ରିୟ ସତ କଥା କହି ଦୋଷୀ ସାବ୍ୟସ୍ତ ହୋଇପାରନ୍ତି । ଫଳରେ ମନ ଭାରାକ୍ରାନ୍ତ ହେବ । ପରିବାରର ବ୍ୟୟ ବୃଦ୍ଧି ହେତୁ ବ୍ୟସ୍ତତା ମଧ୍ୟ ବୃଦ୍ଧି ପାଇପାରେ । ତରବରିଆ ଭାବେ କୌଣସି କାମ କଲେ କ୍ଷତିରେ ପଡ଼ିପାରନ୍ତି। ନିଜର ଲୋକ ପରୋକ୍ଷରେ ସମାଲୋଚନା କରିବା ସହିତ ଅସହଯୋଗ କରିବେ ।

**କର୍କଟ** - ଶାରୀରିକ ମାନସିକ ଆର୍ଥିକ ଅଭିବୃଦ୍ଧି ଘଟିବ । ଶତ୍ରୁମାନେ ପରାଜିତ ହେବେ, ପୂର୍ବର ବକେୟା ଅର୍ଥ ହସ୍ତଗତ ହେବ । କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ବ୍ୟବସାୟରେ ଅଶାନୁସାରେ ଲାଭ ପାଇବେ ନାହିଁ କିନ୍ତୁ ବନ୍ଧୁ ସାହାଯ୍ୟ କରିବେ।

**ସିଂହ** - ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ବନ୍ଧୁ ମିତ୍ରଙ୍କର ସହଯୋଗ ଓ ପ୍ରେରଣା ପାଇ ଉଚିତ ପନ୍ଥା ଗ୍ରହଣ କରିବେ । ଇନ୍ଦ୍ରିୟପରାୟଣତା ଓ ବିଷୟବାସନା ଉପରେ ଅଧିକ ଗୁରୁତ୍ୱ ଦେବେ ।

**କନ୍ୟା** - ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ପଡୋଶୀମାନେ ସମ୍ମୁଖରେ ପ୍ରଶଂସା କରି ପଛରେ ନିନ୍ଦା କରିପାରନ୍ତି। କୌଣସି ଜାଗାକୁ ଯାତ୍ରାକଲେ ସତର୍କତା ଅବଲମ୍ବନ କରିବା ଉଚିତ୍ ।

**ତୁଳା** - ପରିବାରରେ କୌଣସି ପ୍ରସଙ୍ଗକୁ ନେଇ ସମସ୍ୟା ଦେଖାଦେଇପାରେ। ବିଭିନ୍ନ ପ୍ରକାର ବାଧାବିଘ୍ନ ଓ ସମସ୍ୟା ଲାଗି ରହୁଥିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତା ମନକୁ ଆକ୍ରାନ୍ତ କରିବ।

**ବିଛା** - କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଆତ୍ମୀୟମାନେ ସମାଲୋଚନା କରିପାରନ୍ତି। ଆୟ ତୁଳନାରେ ବ୍ୟୟ ଅଧିକ ହୋଇଯିବ।

**ଧନୁ** - କୌଣସି ବ୍ୟକ୍ତି ପରୋକ୍ଷରେ ଆକ୍ଷେପ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ସମ୍ମାନ ପ୍ରାପ୍ତିର ଯୋଗ ରହିଛି। ଅସାବଧାନତା କାରଣରୁ କୌଣସି ଜିନିଷ ହଜି ଯାଇପାରେ।

**ମକର** - ପରିବାରରେ ଛୋଟ ଛୋଟ କଥାକୁ ନେଇ ମନୋମାଳିନ୍ୟ, ସନ୍ଦେହ ଓ ଭୁଲ୍ ବୁଝାମଣା ଦେଖାଦେଇପାରେ। କୌଣସି ବ୍ୟକ୍ତିଙ୍କୁ ଦୀର୍ଘ ସମୟ ଅପେକ୍ଷା କରି ବ୍ୟସ୍ତତା ଅନୁଭବ କରିବେ । ବିଳମ୍ବରେ ହେଲେ ମଧ୍ୟ କାର୍ଯ୍ୟ ହାସଲ କରିବେ। ପୁରାତନ ରୋଗର ଉପଶମ ହେବ । ପରୋକ୍ଷ ଶତ୍ରୁତା ଯୋଗୁ ମନ ଭଲ ରହି ନ ପାରେ।

**କୁମ୍ଭ** - ପ୍ରତିଯୋଗିତାମୂଳକ ପରୀକ୍ଷାରେ ଆଶା ମୁତାବକ ଫଳ ପାଇବେ । ରାଜନୀତି କ୍ଷେତ୍ରରେ ଉଚ୍ଚ ସମ୍ପର୍କରୁ ଲାଭବାନ ହେବେ ଓ ନୂତନ ଲୋକଙ୍କ ସହ ବନ୍ଧୁତ୍ୱ ସ୍ଥାପନ ହେବ । ଗଠନମୂଳକ ଯୋଜନା ପ୍ରସ୍ତୁତ କରି ଆଗେଇ ଯିବାର ରାସ୍ତା ଖୋଲିଯିବ।

**ମୀନ** - କୌଶଳ ପ୍ରୟୋଗ କରି ସମସ୍ତ ପ୍ରକାର ଅଭିଳାଷ ପୂରଣ କରିବାକୁ ଚେଷ୍ଟା କରିବେ । ସାମାଜିକ ସ୍ଥିତି ଓ ମାନସମ୍ମାନ ବଜାୟ ରହିବାସହ ଦାମ୍ପତ୍ୟ ସୁଖରେ ମଧୁରତା ଆସିବ। ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବା ସହ ଦୂରଯାତ୍ରାର ସୁଯୋଗ ପାଇବେ ।

# 'ଚିକେନ୍ ପତ୍ର ପୋଡ଼ା'

ଆବଶ୍ୟକ ସାମଗ୍ରୀ - ଚିକେନ, ସୋରିଷ ତେଲ, ଲଙ୍କା ପାଉଡର, ଜିରା ପାଉଡର, ଧନିଆ ପାଉଡର, ପିଆଜ,ରସୁଣ, ଅଦା ପେଷ୍ଟ, ଗରମ ମସଲା, ଚିକେନ୍ ପାଉଡର, ଲୁଣ ,ହଳଦୀ, କଦଳୀ ପତ୍ର, ଚାଇନିଜ୍ ସଲ୍ଟ, ଧନିଆ ପତ୍ର, କଞ୍ଚା ଲଙ୍କା, କଞ୍ଚା ପିଆଜ।

ପ୍ରସ୍ତୁତି ପ୍ରଣାଳୀ - ବଜାରରୁ ଚିକେନ ଆଣି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ। ତାକୁ ଏକ



ପ୍ଲେଟରେ ରଖନ୍ତୁ। ଏହାପରେ ସେଥିରେ ଲୁଣ, ହଳଦି ଓ ସୋରିଷ ତେଲ ଦେଇ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତା' ପରେ ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ପାଉଡର ପକାଇ ଗୋଳାଇ ଦିଅନ୍ତୁ। ସେଥିରେ କିଛି ଚାଇନିଜ୍ ସଲ୍ଟ ପ ଚିକେନ୍ ପାଉଡର ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ।ପରେ ମସଲା ଗୋଳାଯାଇଥିବା ଚିକେନ୍କୁ କିଛି ସମୟ ଫ୍ରିଜରେ ରଖି ଦିଅନ୍ତୁ। ପରେ ଦୁଇଟି ବଡ଼ ଖଣ୍ଡ କଦଳୀ ପତ୍ର ଆଣନ୍ତୁ। ପତ୍ରକୁ ଭଲ ଭାବରେ ପାଣିରେ ଧୋଇ ଦିଅନ୍ତୁ।ଗୋଟିଏ କଦଳୀ ପତ୍ରରେ ସୋରିଷ ତେଲକୁ ଚାରି ଆଡେ ମାରି ଦିଅନ୍ତୁ। ସେଥିରେ ମସଲା ଗୋଳା ଚିକେନ୍କୁ ରଖନ୍ତୁ। ତାକୁ ଭଲ ଭାବରେ ଗୁଡ଼ାନ୍ତୁ। ଏକ ସୁତଲିରେ ତାକୁ ବାନ୍ଧନ୍ତୁ। ଅନ୍ୟ ଖଣ୍ଡେ କଦଳୀ ପତ୍ରରେ ଆଉଥରେ ତାକୁ ଗୁଡ଼ାନ୍ତୁ। ଦୁଇ ଖଣ୍ଡ କଦଳୀ ପତ୍ରରେ ଚିକେନ୍ ଗୁଡ଼ାଇ ଦେଲେ ତାହା ଶୀଘ୍ର ପୋଡ଼ିବ ନାହିଁ। ଏହାପରେ ତାକୁ ନେଇ ଅଳ୍ପ ନିଆଁ ଥିବା ଆଞ୍ଚରେ ପୋଡ଼ନ୍ତୁ। କିଛି ସମୟ ଗୋଟିଏ ପଟ ନିଆଁରେ ବସିବା ପରେ ତାକୁ ଓଲଟାଇ ଦିଅନ୍ତୁ। କିଛି ସମୟ ଏହାକୁ ଆଞ୍ଚରେ ରଖନ୍ତୁ। ଏହା ପ୍ରସ୍ତୁତ ହୋଇଯିବା ପରେ ତାକୁ ବାହାରକୁ କାଢ଼ି ଆଣନ୍ତୁ। ଥଣ୍ଡା ହେଲା ପରେ ପ୍ଲେଟରେ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା 'ଚିକେନ ପତ୍ର ପୋଡ଼ା'। ଏହି ରେସିପିକୁ ପ୍ଲେଟ୍ରେ କଞ୍ଚା ଲଙ୍କା, ଧନିଆ ପତ୍ର ଓ ପିଆଜ ଦେଇ ସଜାଇ ଗରମ ଗରମ ଖାଆନ୍ତୁ।

# ବ୍ରେଡକୁ କିପରି ଅଧିକ ଦିନ ସତେଜ ରଖିବେ

**ବ୍ୟସ୍ତ ବହୁଳ ଜୀବନଶୈଳୀରେ ପୂର୍ବ ପ୍ରସ୍ତୁତ ଖାଦ୍ୟର ଚାହିଦା ବଢୁଛି। ସେଥିମଧ୍ୟରୁ ବଜାରରେ ଉପଲବ୍ଧ ବ୍ରେଡ୍ ଅନ୍ୟତମ। ବଟର୍ କିମ୍ବା ବିଭିନ୍ନ ପ୍ରକାରର କ୍ରିମ୍ ସହ ବ୍ରେଡ୍ ସେବନ ସବୁଠୁ ସହଜ ଆଉ ସୁବିଧା ବ୍ରେକଫାଷ୍ଟ। କିନ୍ତୁ ବ୍ରେଡକୁ ଅଧିକ ଦିନ ସତେଜ ରଖିବା କଷ୍ଟକର। ଅତି ସହଜରେ ବ୍ରେଡ୍ ନଷ୍ଟ ହୋଇଯାଏ। ତେଣୁ କିପରି ଏହାକୁ ଅଧିକ ଦିନ ସତେଜ ରଖିପାରିବେ, ଜାଣନ୍ତୁ କିଛି ଟିପ୍ସ...**

**ହ୍ୱାଇଟ୍ ବ୍ରେଡକୁ କିପରି ସତେଜ ରଖିବେ**

ପ୍ରଥମ କଥା ହେଉଛି କି ବଜାରରେ ଦୁଇ ପ୍ରକାରର ହ୍ୱାଇଟ୍ ଓ ବ୍ରାଉନ୍ ବ୍ରେଡ୍ ମିଳିଥାଏ। ଏହି ଦୁଇ ପ୍ରକାରର ବ୍ରେଡକୁ ଅଧିକ ଦିନ ସତେଜ ରଖିବାର ଉପାୟ ଭିନ୍ନ ଭିନ୍ନ।



**ହ୍ୱାଇଟ୍ ବ୍ରେଡକୁ ରେଫ୍ରିଜରେଟରେ ରଖନ୍ତୁ ନାହିଁ**

ହ୍ୱାଇଟ ବ୍ରେଡର ସତେଜତା ବଜାୟ ରଖିବା ପାଇଁ ରେଫ୍ରିଜରେଜେସନ୍ ଏକ ଉପଯୁକ୍ତ ଉପାୟ ପରି ମନେହୁଏ, କିନ୍ତୁ ଏହା ଷ୍ଟଲିଂ କରିଥାଏ। ଷ୍ଟଲିଂ ଏକ କେମିକାଲ୍ ପ୍ରକ୍ରିୟା, ଯେଉଁଥିପାଇଁ ଖାଦ୍ୟର ସ୍ୱାଦିଷ୍ଟ ଗୁଣ ହ୍ରାସ ପାଇଥାଏ।

**ବ୍ରେଡ୍ ବକ୍ସ:** ଉପଯୁକ୍ତ ଭେଣ୍ଟିଲେସନ୍ ସହିତ ଏକ ବ୍ରେଡ୍ ବକ୍ସର ବ୍ୟବହାର କରନ୍ତୁ। ଏହା ଫଳରେ ବ୍ରେଡର, ସ୍ୱାଦ ଏବଂ ଗଠନ ବଜାୟ ରହିଥାଏ।

**ଫ୍ରିଜିଂ:** ଯଦି ବ୍ରେଡ୍ ପ୍ରସ୍ତୁତ ହେବାର କିଛି ଦିନ ମଧ୍ୟରେ ଖାଇବାକୁ ଯୋଜନା କରୁନାହାଁନ୍ତି, ତେବେ ଏହାକୁ ଫ୍ରିଜିଂ କରିବାକୁ ଚିନ୍ତା କରନ୍ତୁ। ଫ୍ରିଜରେ ଖୋଲା ରଖିବା ପରିବର୍ତ୍ତେ ଆଲୁମିନିୟମ୍ ପାତ୍ର କିମ୍ବା ପ୍ଲାଷ୍ଟିକରେ ଗୁଡ଼ାଇ ରଖନ୍ତୁ। ଫଳରେ ବ୍ରେଡ୍ ଅଧିକ ଦିନ ସତେଜ ରହିଥାଏ।

**ବ୍ରାଉନ୍ ବ୍ରେଡ୍:** ବ୍ରାଉନ୍ ବ୍ରେଡ୍ ଏହାର ପୁଷ୍ଟିକର ସ୍ୱାଦ ଏବଂ ହାଲୁକା ବାଦାମୀ ରଙ୍ଗ ପାଇଁ ଜଣାଶୁଣା। କ୍ୟାଲୋରୀ କିମ୍ବା ଓଜନ ପରିଚାଳନା ଉପରେ ଧ୍ୟାନ ଦେଉଥିବା ବ୍ୟକ୍ତିଙ୍କର ଏହା ଖୁବ୍ ପସନ୍ଦ। ବ୍ରାଉନ୍ ବ୍ରେଡକୁ ଅଧିକ ଦିନ ସତେଜ ରଖିବା ପାଇଁ କିଛି ଟିପ୍ସ ଜାଣି ନିଅନ୍ତୁ...

**ରେଫ୍ରିଜରେଜେସନ୍:** ବ୍ରାଉନ୍ ବ୍ରେଡ୍ ରେଫ୍ରିଜରେଜେସନ୍ ହେଲେ ଭଲ। ଆର୍ଦ୍ରତା ନଷ୍ଟ ହେବା ପାଇଁ ଏହାକୁ ଏହାର ମୂଳ ପ୍ୟାକେଜ୍ ସହ ରେଫ୍ରିଜେରେଟରରେ ରଖନ୍ତୁ।

**ଫ୍ରିଜିଂ:** ହ୍ୱାଇଟ୍ ବ୍ରେଡ୍ ପରି ବ୍ରାଉନ୍ ବ୍ରେଡକୁ ଫ୍ରିଜିଂ କରି ରଖିଲେ ଏହା ଅଧିକ ଦିନ ସତେଜ ରହିଥାଏ।

# ଚକୋଲେଟ୍ର ଉପକାରୀ ଗୁଣ

**ଚକୋଲେଟ୍ କେବଳ ସ୍ୱାଦିଷ୍ଟ ନୁହେଁ, ଏହା ସ୍ୱାସ୍ଥ୍ୟ ଉପକାରୀ ମଧ୍ୟ। ଏଥିରୁ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ, ଫ୍ଲେଭୋନୋଏଡସ, ଆଇରନ୍ ଏବଂ ମ୍ୟାଗ୍ନେସିୟମ୍ ପରି ପଷୋକ ତତ୍ତ୍ୱ ମିଳିଥାଏ। ଏହାକୁ ଖାଇବା ଦ୍ୱାରା ହୃଦୟ ସ୍ୱାସ୍ଥ୍ୟଠୁ ଆରମ୍ଭ କରି ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରହିଥାଏ। ଏଥିସହ ଆଉ କି କି ଫାଇଦା ମିଳିଥାଏ, ଜାଣନ୍ତୁ...**

ସବୁଠୁ ବଡ଼ କଥା ହେଉଛି କି, କେଉଁ ଚକୋଲେଟ୍ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ବଜାରରୁ ମିଲ୍କ ଚକୋଲେଟଠୁ ଆରମ୍ଭ କରି ଡାର୍କ ଏବଂ ହ୍ୱାଇଟ୍ ଚକୋଲେଟ୍ ମିଳିଥାଏ। ଏଥିମଧ୍ୟରୁ ଡାର୍କ ଚକୋଲେଟକୁ ସ୍ୱାସ୍ଥ୍ୟ ଉପକାରୀ ଭାବେ ବିବେଚନା କରାଯାଏ। କାରଣ ଏଥିରେ ୭୦% କୋକୋ ଥାଏ। ତେବେ ଡାର୍କ ଚକୋଲେଟ୍ ଖାଇବାର ଉପକାରିତା ଜାଣନ୍ତୁ...



**କୋଷକୁ ରକ୍ଷାକରେ-** ଫ୍ଲାଭୋନାଇଡ ଏବଂ ପଲିଫେନୋଲ ଚକୋଲେଟରୁ ମିଳିଥାଏ, ଯାହା ଫ୍ରି ରେଡିକାଲକୁ ନଷ୍ଟ କରିଥାଏ ଏବଂ କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରିଥାଏ।

ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ- ଡାର୍କ ଚକୋଲେଟ ନିୟମିତ ଖାଇବା ଦ୍ୱାରା ରକ୍ତଚାପ ଏବଂ ହୃଦରୋଗ ହେବାର ଆଶଙ୍କା କମିଥାଏ।

**ମନୋବଳକୁ ଉନ୍ନତ କରିଥାଏ-** ସେରୋଟୋନିନ୍ ଏବଂ ଏଣ୍ଡୋରଫିନକୁ ପ୍ରୋତ୍ସାହିତ କରୁଥିବା ଉପାଦାନଗୁଡିକ ଚକୋଲେଟରୁ ମିଳିଥାଏ, ଯାହା ଚାପକୁ ହ୍ରାସ କରିବାରେ ଏବଂ ମନୋବଳକୁ ଦୃଢ କରିବାରେ ସାହାଯ୍ୟ କରିଥାଏ।

ମସ୍ତିଷ୍କ କାର୍ଯ୍ୟକୁ ବୃଦ୍ଧି କରେ- ଏଥିରେ କ୍ୟାଫେନ୍ ଏବଂ ଥିଓବ୍ରୋମାଇନ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ, ଯାହା ମାନସିକ ସ୍ୱାସ୍ଥ୍ୟକୁ ଏକାଗ୍ର କରିବା ଏବଂ ଉନ୍ନତି କରିବାରେ ସହାୟକ ହୋଇଥାଏ।

**ଚର୍ମ ପାଇଁ ଲାଭଦାୟକ-** ଚକୋଲେଟରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ମିନେରାଲ୍ସ ଥାଏ, ଯାହା ଚର୍ମର ଆର୍ଦ୍ରତା ବଜାୟ ରଖେ ଏବଂ ଏହାକୁ ସୂର୍ଯ୍ୟଙ୍କ ଅଲ୍ଟ୍ରାଭାୟୋଲେଟ ରେଡିଏସନ (ଅତିବାଇଗଣୀ ରଶ୍ମି)ରୁ ରକ୍ଷା କରିଥାଏ।

କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରେ- ଡାର୍କ ଚକୋଲେଟ୍ ଖଉଖ (ଖରାପ) କୋଲେଷ୍ଟ୍ରଲ୍କୁ ହ୍ରାସ କରିପାରେ ଏବଂ ଐଉଖ (ଭଲ) କୋଲେଷ୍ଟ୍ରଲ୍ ବୃଦ୍ଧି କରିପାରେ।

ବ୍ଲଡ ସୁଗାରକୁ ନିୟନ୍ତ୍ରଣ କରିଥାଏ- ଡାର୍କ ଚକୋଲେଟରେ ଥିବା ଫ୍ଲେଭୋନୋଏଡ ରକ୍ତରେ ଶର୍କରା ସ୍ତରକୁ ସ୍ଥିର ରଖେ।

ଏନର୍ଜି ବୁଷ୍ଟର ଭାବେ କାମ କରେ ଚକୋଲେଟ୍- ଚକୋଲେଟରେ ଫ୍ୟାଟ୍, ସୁଗାର ଏବଂ କଫିନ୍ ଥାଏ, ଯାହା ତତକ୍ଷଣାତ୍ ଏନର୍ଜି ଯୋଗାଇଥା।

ପ୍ରଦାହକୁ ହ୍ରାସ କରେ- ଚକୋଲେଟରେ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଶରୀରରେ ପ୍ରଦାହକୁ ହ୍ରାସ କରିପାରେ।

# ସୌଭାଗ୍ୟ ଆଣେ ବାମ୍ବୋପ୍ଲାଣ୍ଟ



ବାସ୍ତୁଶାସ୍ତ୍ର ଅନୁଯାୟୀ, ବାମ୍ବୋ ପ୍ଲାଣ୍ଟ ହେଉଛି ଭାଗ୍ୟଶାଳୀ ତଥା ଶୁଭଫଳ ପ୍ରଦାନକାରୀ ଏକ ପ୍ରକାର ଗଛ। ଏହାକୁ ଘରେ ହେଉ ଅବା କର୍ମକ୍ଷେତ୍ରରେ ରଖିଲେ ଭାଗ୍ୟୋଦୟ ହେବା ସହ ବୈଭବ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। କେବଳ ସେତିକି ନୁହେଁ, ବାମ୍ବୋପ୍ଲାଣ୍ଟ ପର୍ଯ୍ୟାବରଣକୁ ସଫାସୁତୁରା ରଖିବାରେ ମଧ୍ୟ ବେଶ୍ ସହାୟକ ହୋଇଥାଏ। ସେଥିପାଇଁ ଏହାକୁ ନାଚୁରାଲ୍ ଏୟାର୍ ପ୍ୟୁରିଫାୟର୍ ବୋଲି କୁହାଯାଏ। ଭାଗ୍ୟଶାଳୀ ବାମ୍ବୋପ୍ଲାଣ୍ଟକୁ ଘରର ପୂର୍ବ ଦିଗରେ ରଖିଲେ ସକାରାତ୍ମକ ଉର୍ଜ୍ଜା ଉତ୍ପନ ହୋଇଥାଏ। ଅନ୍ୟପକ୍ଷେ ଏହାକୁ ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଧନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ମଧ୍ୟ କରାଯାଏ। ସବୁଠୁ ବଡ଼ କଥା ହେଉଛି ବାମ୍ବୋପ୍ଲାଣ୍ଟରେ ଦିଆଯାଇଥିବା ପାଣିକୁ ପ୍ରତି ସପ୍ତାହରେ ବଦଳାଇବା ଦରକାର; ଯଦ୍ଦ୍ୱାରା ଆର୍ଥିକସ୍ଥିତି ମଜଭୁତ୍ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତା'ଛଡ଼ା ବାମ୍ବୋପ୍ଲାଣ୍ଟକୁ ଘରର ଯେ କୌଣସି ସ୍ଥାନରେ ରଖାଯାଇପାରେ। ଏପରିକି ପତ୍ନୀପତିଙ୍କ ବେଡ୍ରୁମ୍ରେ ବି। କାରଣ ଏହା ପତ୍ନୀପତିଙ୍କ ଭିତରେ ଭଲପାଇବା ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଥାଏ। ସେହିପରି କ୍ୟାରିୟର୍ରେ ସଫଳ ହେବାକୁ ଚାହୁଁଥିଲେ ଷ୍ଟଡିରୁମ୍ରେ ବାମ୍ବୋପ୍ଲାଣ୍ଟକୁ ରଖିବା ମଧ୍ୟ ବେଶ୍ ଉପକାରୀ ହୋଇଥାଏ।

# ଭାରତର ଏହି ଗାଁ'କୁ କୁହାଯାଏ ସାପଙ୍କ ଗାଁ

ଭାରତରେ, ସାପ ପ୍ରତି ସର୍ବଦା ଏକ ଅଦ୍ଭୁତ ଭୟ ଏବଂ ଗଭୀର ବିଶ୍ୱାସ ରହିଆସିଛି। ଯେତେବେଳେ ବିଷାକ୍ତ ସାପ କଥା ଆସେ, ଲୋକମାନେ ପ୍ରାୟତଃ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକର ଜଙ୍ଗଲ ବିଷୟରେ ଚିନ୍ତା କରନ୍ତି। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସାପଙ୍କ ଗଡ କୌଣସି ଦକ୍ଷିଣ ରାଜ୍ୟରେ ନୁହେଁ, ବରଂ ମହାରାଷ୍ଟ୍ରର ଏକ ଶାନ୍ତ ଗାଁରେ ରହିଛି। ସୋଲାପୁର ଜିଲ୍ଲାର ଶେତଫାଲ ହେଉଛି ଏକ ଗ୍ରାମ ଯେଉଁଠାରେ ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ନାଗସାପମାନେ ମଣିଷ ସହିତ ରୁହନ୍ତି। ବର୍ଷ ବର୍ଷ ଧରି ଚାଲିଆସିଥିବା ପୁରୁଣା ପରମ୍ପରା ମଣିଷ ଏବଂ ଏହି ବିଷାକ୍ତ ସରୀସୃପଙ୍କ ମଧ୍ୟରେ ଭୟକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିଦେଇଛି। ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ଅବସ୍ଥିତ ଶେତଫାଲ ଗ୍ରାମ ଏହାର ଆଶ୍ଚର୍ଯ୍ୟଜନକ ପରମ୍ପରା ପାଇଁ ସାରା ଦେଶରେ ଜଣାଶୁଣା। ଏହି ଗ୍ରାମର ସବୁଠାରୁ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ଯେ ସ୍ଥାନୀୟ ବାସିନ୍ଦା ବିଷାକ୍ତ ସାପ, ବିଶେଷକରି ନାଗସାପକୁ ଜମା ବି ଭୟ କରନ୍ତି ନାହିଁ। ସାଧାରଣତଃ ସାପ ଦେଖିଲେ ଲୋକମାନେ ଭୟ କରନ୍ତି କିନ୍ତୁ ଶେତଫାଲର ଲୋକମାନେ ସେମାନଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନର ଏକ ସାଧାରଣ ଅଂଶ ବୋଲି ବିବେଚନା କରନ୍ତି। ଏହି ଅନନ୍ୟ ସମନ୍ୱୟ ଏହି ଗ୍ରାମକୁ ଅନନ୍ୟ ଏବଂ ରହସ୍ୟମୟ କରିଥାଏ। ଏହି ଗାଁର ପ୍ରାୟ ପ୍ରତ୍ୟେକ ଘରେ ସାପ ରହିବା ଏବଂ ବିଶ୍ରାମ ନେବା ପାଇଁ ଏକ ଉତ୍ସର୍ଗୀକୃତ ସ୍ଥାନ ଅଛି।



ସ୍ଥାନୀୟ ଭାଷାରେ, ଏହି ସ୍ଥାନକୁ 'ଦେବସ୍ଥାନ' କୁହାଯାଏ। ଘର ନିର୍ମାଣ କରିବା ସମୟରେ, ଲୋକମାନେ ନାଗ ସାପମାନଙ୍କ ରହିବା ପାଇଁ ଛାତ କିମ୍ବା କାନ୍ଥରେ ଏକ କୋଣ ଛାଡି ଦିଅନ୍ତି। ଏହି ସୁରକ୍ଷିତ ସ୍ଥାନକୁ, ନାଗ ସାପମାନେ ମୁକ୍ତ ଭାବରେ ଆସିପାରିବେ ଏବଂ ଯାଇପାରିବେ। ଗ୍ରାମବାସୀ ବିଶ୍ୱାସ କରନ୍ତି ଯେ ନାଗମାନେ ସାକ୍ଷାତ ନାଗ ଦେବତାଙ୍କ ରୂପ ଏବଂ ସେମାନଙ୍କୁ ସେମାନଙ୍କ ଘରେ ଆଶ୍ରୟ ଦେବା ଅତ୍ୟନ୍ତ ଶୁଭ।

# ୪୦ ବର୍ଷରେ ବିବାହ ନୂଆ ଟ୍ରେଣ୍ଡ

ଗୋଟିଏ ସମୟ ଥିଲା ଯେତେବେଳେ ଜଣେ ୨୨-୨୫ ବର୍ଷ ବୟସରେ ପହଞ୍ଚିବା ମାତ୍ରେ ପଡ଼ୋଶୀ ଏବଂ ସମ୍ପର୍କୀୟମାନଙ୍କ ମଧ୍ୟରେ କୁହାକୁହି ହେଉଥିଲା ଯେ 'ପୁଅ କି ଝିଅ ତୁମ ହାତରୁ ଖସି ଯାଉଛି, ତାକୁ ବିବାହ କରିଦିଅ।'

କିନ୍ତୁ ସମୟ ବଦଳି ଯାଇଛି। ଏବେ ଲୋକମାନେ କେବଳ ୩୦ କିମ୍ବା ୩୫ ନୁହେଁ ୪୦ ବର୍ଷରେ ବି ବିବାହ କରିବାକୁ ସଂକୋଚ କରୁ ନାହାନ୍ତି। ତେବେ ଏପରି କ'ଣ ପରିବର୍ତ୍ତନ ଆସିଛି ଯେଉଁଥିପାଇଁ ୪୦ ବର୍ଷ ବିବାହ ପାଇଁ ଉପଯୁକ୍ତ ବୟସ ମନେ ହେଉଛି ? ଆସନ୍ତୁ ଏହି ଟ୍ରେଣ୍ଡ୍ ପଛରେ ଥିବା ସମ୍ପୂର୍ଣ୍ଣ କାହାଣୀକୁ ବୁଝିବା।

**କ୍ୟାରିଅର ଏବଂ ବ୍ୟାଙ୍କ ବାଲାନ୍ସ:**

ଲୋକମାନେ ଏବେ ପ୍ରଥମେ ନିଜ ଗୋଡ଼ରେ ଠିଆ ହେବାକୁ ଚାହାଁନ୍ତି। ୪୦ ବର୍ଷ ବୟସ ସୁଦ୍ଧା, ଜଣେ ବ୍ୟକ୍ତି ତାଙ୍କ କ୍ୟାରିଅରର ଏପରି ଏକ ପର୍ଯ୍ୟାୟରେ ପହଞ୍ଚି ଥାଆନ୍ତି ଯେଉଁଠାରେ ତାଙ୍କର ଆର୍ଥିକ ସୁରକ୍ଷା ଦୃଢ ହୋଇଥାଏ।

**କମ୍ ଡ୍ରାମା, ଅଧିକ ବୁଝାମଣା:**

୨୦ ବର୍ଷରେ ଥିବା 'ଜୋସ୍' ୪୦ ହେବା ବେଳକୁ 'ହୋସ୍'ରେ ବଦଳି ଯାଇଥାଏ। ଏହି ବୟସରେ ଲୋକମାନେ ସାମାନ୍ୟ କଥାରେ ଝଗଡ଼ା କରିବା ଅପେକ୍ଷା ସମସ୍ୟାର ସମାଧାନ କରିବାକୁ ଶିଖନ୍ତି। ଜୀବନରେ ଭାବପ୍ରବଣ ଡ୍ରାମା କମିଯାଏ ଏବଂ ସ୍ଥିରତା ବଢିଯାଏ।

**ଜଣେ ବୃତ୍ତିଗତ ସାଥୀ ଖୋଜା:** ଏହି ସମୟରେ ଲୋକମାନେ କେବଳ ରୂପ ଖୋଜନ୍ତି ନାହିଁ, ବରଂ ଏପରି ଜଣେ 'ବୃତ୍ତିଗତ ସାଥୀ' ଖୋଜନ୍ତି ଯାହାର ଚିନ୍ତାଧାରା ସମାନ ଏବଂ ସେମାନଙ୍କ କାମ ଏବଂ ଜୀବନଶୈଳୀକୁ ବୁଝିପାରୁଥିବ।

**ଛାଡପତ୍ର ସାଥୀଙ୍କୁ ବି ଏଡ଼ାଇ ଯିବାର ଆବଶ୍ୟକତା ନାହିଁ:** ସାମାଜିକ ଚିନ୍ତାଧାରା ବଦଳି ଯାଇଛି। ଆଜି, ୪୦ ବର୍ଷ ବୟସର ଅବିବାହିତ ଲୋକମାନେ ଛାଡପତ୍ର ପାଇଥିବା ସାଥୀଙ୍କୁ ବି ଖୁସିରେ ଗ୍ରହଣ କରୁଛନ୍ତି କାରଣ ସେମାନେ ବିଶ୍ୱାସ କରନ୍ତି ଯେ ପୂର୍ବ ଅଭିଜ୍ଞତା ଜଣେ ବ୍ୟକ୍ତିଙ୍କୁ ଅଧିକ ପରିପକ୍ୱ କରିଥାଏ।



# ତୃତୀୟଥର ବିବାହ କରିବାକୁ ଯାଉଛନ୍ତି ଅମିର

ବଲିଉଡ ଅଭିନେତା ଅମିର ଖାନ ପୁଣି ଥରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସମ୍ପ୍ରତି ଅମିର ଓ ତାଙ୍କ ପ୍ରେମିକା ଗୌରୀ ସ୍ପ୍ରାଟଙ୍କୁ ନେଇ ଖବର ଶିରୋନାମା ସାଜିଛି। ୬୧ ବର୍ଷ ବୟସରେ ଅମିର ତାଙ୍କ ଦୀର୍ଘଦିନର ପ୍ରେମିକାଙ୍କୁ ବିବାହ କରିବାକୁ ଯାଉଛନ୍ତି। ଏହା ଅମିର ଅମିରଙ୍କ ତୃତୀୟ ବିବାହ ହେବ। କିଛି ପ୍ରଶଂସକ ଅଭିନେତାଙ୍କ ଏ ନିଷ୍ପତ୍ତିକୁ ସମର୍ଥନ କରୁଥିବା ବେଳେ ଆଉ କିଛି ଏହାକୁ ସମାଲୋଚନା କରୁଛନ୍ତି। ଅମିର ଖାନ ଏବଂ ଗୌରୀ ୫ ଜୁଲାଇରେ ଏକ ବ୍ୟକ୍ତିଗତ ଉତ୍ସବରେ ମୁମ୍ବାଇସ୍ଥିତ ବାସଭବନରେ ବିବାହ କରିବାକୁ ଯୋଜନା କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହି ଉତ୍ସବରେ ଉଭୟଙ୍କ ପରିବାର ଏବଂ କିଛି ନିକଟତମ ବନ୍ଧୁ ଯୋଗଦେବାର ସୂଚନା ରହିଛି। ଏହି ଦମ୍ପତି ଘରେ ଏକ ପଞ୍ଜୀକରଣ ଏବଂ ସ୍ୱାକ୍ଷର କାର୍ଯ୍ୟକ୍ରମରେ ସେମାନଙ୍କ ସମ୍ପର୍କକୁ ଆନୁଷ୍ଠାନିକ କରିବେ। ଅମିର ଏବଂ ଗୌରୀ ପ୍ରାୟ ଏକବର୍ଷ ଧରି ଗୋଟିଏ ପରିବାର ପରି ଏକାଠି ରହୁଛନ୍ତି।





# ମୁଖ୍ୟମନ୍ତ୍ରୀଙ୍କ ସହ ବୃକ୍ଷରୋପଣ କଲେ କଙ୍ଗନା




ଭୁବନେଶ୍ୱର, (ପିପିଏସ୍): 'ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବୃକ୍ଷରୋପଣ କଲେ ସାଂସଦ କଙ୍ଗନା ରଣାୱତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା ଅଭିଯାନ 'ଏକ୍ ପେଡ୍ ମା କେ ନାମ୍' ବା 'ମାଆଙ୍କ ପାଇଁ ଗଛଟିଏ' ଅଭିଯାନରେ ସାମିଲ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସରକାରୀ ବାସଭବନ ପରିସରରେ ଓଡ଼ିଶା ଗସ୍ତରେ ଆସିଥିବା ବଲିଉଡ ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରଣାୱତଙ୍କ ସହ ବୃକ୍ଷ ରୋପଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହି ଅବସରରେ ପୁରୀ ସାଂସଦ ସମ୍ବିତ୍ ପାତ୍ର ମଧ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

# ଉପକୂଳ ରାଜପଥ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ

ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ହେଉ କିମ୍ବା ଆସିକା ସଂସଦୀୟ କ୍ଷେତ୍ର ହେଉ । ଏପରିକି ଦକ୍ଷିଣାଞ୍ଚଳର ସମସ୍ୟାଭିତିକ ଓ ପ୍ରସଙ୍ଗ-ଭିତିକ ଚିଠି ଲେଖି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଛନ୍ତି ବ୍ରହ୍ମପୁର ସାଂସଦ ଡା. ପ୍ରଦୀପ କୁମାର ପାଣିଗ୍ରାହୀ । ଗତ କିଛିଦିନ ହେବ ଆସିକା ସଂସଦୀୟ କ୍ଷେତ୍ର ଅଧିନ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସୁବୁଲିଆ ଗ୍ରାମର ଦିବ୍ୟାଙ୍ଗ ସୁଶାନ୍ତ ସାହୁଙ୍କୁ ପୋଲିସ ଥାନାରେ ଥାର୍ଡଡିଗ୍ରୀ କରି ମାଡ ମାରିବା ଫଳରେ ତାର ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ସ୍ଥାନୀୟ ବିଧାୟକ ହେଉ କିମ୍ବା ସାଂସଦ ଏଯାଏଁ ମୃତ ସୁଶାନ୍ତଙ୍କ ଘରକୁ ନଯିବା କିମ୍ବା ତାଙ୍କୁ କ୍ଷତିପୂରଣ ଦେବାପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ହେଉ କିମ୍ବା ଦୋଷୀ ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ଏପରି କିଛି ପଦକ୍ଷେପ ନେଇନଥିବା ବେଳେ ବ୍ରହ୍ମପୁର ସାଂସଦ ଘଟଣାକୁ ନିନ୍ଦାକରି ଦିବ୍ୟାଙ୍ଗ ସୁଶାନ୍ତଙ୍କୁ ଉଚିତ୍ ନ୍ୟାୟ ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦୋଷୀ ପୁଲିସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଏହାକୁ ନେଇ ଗଞ୍ଜାମ ଜିଲ୍ଲା ରାଜନୀତି ମହଲରେ ଚର୍ଚ୍ଚା ଜୋର ଧରିଥିଲା । ସେପଟେ ଶୁକ୍ରବାର ପୁଣି ସୁନାପୁର-ବାଲୁଗାଁ ଉପକୂଳ




ରାଜପଥ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିଛନ୍ତି । ଗତ କିଛିଦିନ ତଳେ କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍‌ରେ ଓଡ଼ିଶାର ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ ନିର୍ମାଣ ପାଇଁ ୮୩୦୦କୋଟି ବ୍ୟୟମଞ୍ଜୁର କରାଯାଇଛି । ତେଣୁ ସୁନାପୁର-ବାଲୁଗାଁ ଉପକୂଳ ରାଜପଥ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି। ସୁନାପୁର-ବାଲୁଗାଁ ଉପକୂଳ ରାଜପଥ ହେଲେ ଗୋପାଳପୁର ପୋର୍ଟ, ଟାଟାଏସିଜେଡ୍ ଓ ଆଇଆର୍‌ଇଏଲ୍ ଉପକୃତ ହେବ । ଏହିଭଳି ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଚର୍ଚ୍ଚାରେ ରହୁଛନ୍ତି ବ୍ରହ୍ମପୁର ସାଂସଦ । ନିର୍ବାଚନ ପର ଠାରୁ ଦଳୀୟ କାର୍ଯ୍ୟକ୍ରମ ହେଉ କିମ୍ବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ପ୍ରାୟ ଦୂରରେ ରହୁଥିବା ନଜରକୁ ଆସିଛି । ନିଜ ସଂସଦୀୟ କ୍ଷେତ୍ର ହେଉ କିମ୍ବା ଦକ୍ଷିଣାଞ୍ଚଳର ଲୋକଙ୍କ ସୁଖ, ସୁବିଧା, ଅଭାବ, ଅସୁବିଧା, ସମସ୍ୟା ବିଷୟରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ପତ୍ର ଲେଖୁଛନ୍ତି । ସେପଟେ ସାଂସଦଙ୍କ ଏଭଳି ପତ୍ରଲେଖାକୁ ନେଇ ବିରୋଧିମାନେ ବିଭିନ୍ନ ସମୟରେ ପ୍ରସଙ୍ଗ ଉଠାଉଥିବା ନଜରକୁ ଆସୁଛି । କିଛିମାସ ତଳେ ଖୋର୍ଦ୍ଧା ରୋଡ୍ ରେଳ ଡିଭିଜନରୁ ଇଚ୍ଛାପୁର ଓ ପାଲାସା ସେକ୍ସନ ବିଶାଖପାଟଣା ଡିଭିଜନକୁ ସ୍ଥାନାନ୍ତର ହେଉ କିମ୍ବା ଅନ୍ୟ କୌଣସି ଘଟଣାକୁ ସାଂସଦଙ୍କ ଖୋଲା ଚିଠି ସବୁଠି ଏବେ ଚର୍ଚ୍ଚା । ଏପରିକି ସୋସିଆଲ ମିଡିଆରେ ସାଂସଦଙ୍କ ଖୋଲା ଚିଠିକୁ କଟାକ୍ଷକରି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ । ଶାସକ ଦଳର ଜଣେ ବରିଷ୍ଠ ସାଂସଦଙ୍କ ଆପତି ଅଭିଯୋଗକୁ ଗୁରୁତର ସହ ବିଚାର ନେବା ଆବଶ୍ୟକ ବୋଲି ସେ ତାଙ୍କ ଏକ୍ସ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେପଟେ ଗତ ଜାନୁୟାରୀ ୩୧ତାରିଖରେ ହଳଦିଆପଦର ଓଭରବ୍ରିଜ୍‌ରେ ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ସାଂସଦ । ରେଳ ଓଭରବ୍ରିଜ୍ ନିର୍ମାଣ ଢ଼ାଞ୍ଚାରେ ତ୍ରୁଟି ଥିବାନେଇ ୨୦୨୫ ଅକ୍ଟୋବରରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ତଥାପି ଢ଼ାଞ୍ଚା ସୁଧିରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଏଭଳି ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଲା ବୋଲି ସେ ଉଲ୍ଲେଖ କରିଥିଲେ । ସରକାର ଅବଗତ ଥାଇ ପଦକ୍ଷେପ ନ ଗ୍ରହଣ କରିବାରୁ ଦୁର୍ଘଟଣା ଘଟିଲା ବୋଲି ଲୋକଙ୍କ ମନରେ ଧାରଣା ସୃଷ୍ଟି ହେଲା ବୋଲି ସେ ପରୋକ୍ଷରେ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ । ଏପଟେ ସାଂସଦଙ୍କ ଖୋଲାଖୋଲି ଚିଠି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ସରକାରଙ୍କୁ ଅଡୁଆରେ ପକାଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଗତ ସାଧାରଣ ପରଠାରୁ ସାଂସଦ ଡା.ପାଣିଗ୍ରାହୀ ଲଗାତାର ଭାବେ ବିଭିନ୍ନ ପ୍ରସଙ୍ଗକୁ ନେଇ ପତ୍ର ଲେଖି ଆସୁଥିବା ବେଳେ ସରକାରୀ କିମ୍ବା ଦଳୀୟ କାର୍ଯ୍ୟକ୍ରମରେ ନିଜର ସଂସଦୀୟ କ୍ଷେତ୍ରରେ ଉପସ୍ଥିତ ନ ରହିବାକୁ ମଧ୍ୟ ଦଳୀୟ କର୍ମୀଙ୍କ ମହଲରେ ଆଲୋଚନା ହେଉଛି ।

# କଦଳୀବନ୍ଧ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ଓଡ଼ଗାଁ, (ପିପିଏସ୍): ପ୍ରତିବର୍ଷ ଭଳି ଚଳିତ ବର୍ଷ ବନ ବିଶ୍ରାମାଗାର ସଭାଗୃହ ନୟାଗଡ଼ଠାରେ ବନଖଣ୍ଡ ଅଧିକାରୀ ନୟାଗଡ଼ ଦେବାର୍ଚ୍ଚନ ବେହେରାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟ ଅତିଥି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରା ସମ୍ମାନିତ ଅତିଥି ରୂପେ ଆସନ ଅଳଂକୃତ କରିଥିଲେ ।ଏଥିରେ ୮ ଟି ବ୍ଲକରୁ ସମସ୍ତ ଏ ସି ଏଫ୍ , ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ ଓ ପରିବେଶ କର୍ମୀ ଉପସ୍ଥିତ ଥିଲେ। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଜିଲ୍ଲାରୁ ମନୋନୀତ ହୋଇଥିବା ୫ଟି ଅନୁଷ୍ଠାନ ପ୍ରକୃତିମିତ୍ର ଓ ୪ ଜଣଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ଜିଲ୍ଲାପାଳଙ୍କ କରକମଳରେ ପ୍ରଦାନ କରାଯାଇଥିଲା। ପ୍ରକୃତି ଦ୍ୱାରା ଅନୁପ୍ରାଣିତ ହୋଇ ଜଳବାୟୁ ଓ ଭବିଷ୍ୟତ ପାଇଁ ନିଜେ ପ୍ରକୃତିର ରକ୍ଷାପାଇଁ କାମ କରିବା ସହିତ ଆଉ ୧୦ ଜଣଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟ ଅତିଥି ସମସ୍ତଙ୍କୁ ଅନୁରୋଧ କରିଥିଲେ। ଗଛ ଲଗାଇବାକୁ ଗୁରୁତ୍ୱ ଦେବା ସହିତ ଲଗାଯାଇଥିବା ଗଛକୁ ଯତ୍ନ ନେଇ ବଞ୍ଚାଇବା ପାଇଁ ଗୁରୁତ୍ୱ ଦେବା ଏହା କେବଳ ଜଙ୍ଗଲ ବିଭାଗର ଦାୟିତ୍ୱ ନୁହେଁ ଏହି ଦାୟିତ୍ୱ ଆମ ସଭିଙ୍କୁ ନେବାକୁ ପଡ଼ିବ ବୋଲି ଅତିଥି ମାନେ କହିଥିଲେ। ଓଡ଼ଗାଁ ବ୍ଲକର ସରକାରୀ ପ୍ରାଥମିକ ବିଦ୍ୟାଳୟ, କଦଳୀବନ୍ଧ ଅନୁଷ୍ଠାନକୁ ପ୍ରକୃତିମିତ୍ର ପୁରସ୍କାର ଏଥିରେ ସାର୍ଟିଫିକେଟ ସହିତ କୋଡ଼ିଏ ହଜାର ଟଙ୍କା ଏବଂ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, କୋମଣ୍ଡର ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ସାର୍ଟିଫିକେଟ ସହିତ ଦଶ ହଜାର ଟଙ୍କା ପୁରସ୍କାର ମିଳିଲା। ପ୍ରକୃତିବନ୍ଧୁ ପ୍ରଫୁଲ ମାଝୀ ଓ ସୁକାନ୍ତ ଚୌଧୁରୀ ପରିବେଶ ସୁରକ୍ଷାରେ ଆମ୍ଭମାନଙ୍କ ଅବଦାନ କଣ ସେ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀଯୁକ୍ତ ଦାଶ ଏବଂ ମହାପାତ୍ର ଓଡ଼ିଶା ସରକାରଙ୍କ ତରଫରୁ ପୁରସ୍କୃତ ହୋଇଥିବାରୁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ବିଡିଓ ପ୍ରିତୀବାଳା ରଣା, ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ, ବ୍ଲକ୍ ଶିକ୍ଷା ଅଧିକାରୀ ପିଣ୍ଟୁ ପ୍ରଧାନ,ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ସାମ୍ବାଦିକ ସଂଘ,ନିୟମିତ ଶିକ୍ଷକ ସଂଘର ସଭାପତି ଭକ୍ତରଞ୍ଜନ ମିଶ୍ର ଏବଂ ଏନ୍ ପି ଏସ୍ ସଂଘର ସଭାପତି ନରେଶ ପାଣିଗ୍ରାହୀ ଶୁଭେଚ୍ଛା ଜଣାଇଛନ୍ତି।

# ନୀଳାଦ୍ରିବିଜେ ପରେ ରତ୍ନଭଣ୍ଡାରର ଗଣତି



ପୁରୀ, (ପିପିଏସ୍): ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଗଜପତି ମହାରାଜଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ପରିଚାଳନା କମିଟି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପରିଚାଳନା କମିଟି ଦେବସ୍ନାନ ପୂର୍ଣ୍ଣମୀ,ରଥଯାତ୍ରା ଓ ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ ଓ ବ୍ୟବସ୍ଥାବଳୀକୁ ମୋହର ମାରିଛି। ତେବେ ବଡ କଥା ହେଉଛି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଭିତର ରତ୍ନଭଣ୍ଡାରର ଗଣତି ସ୍ଥଗିତ ରହିବ । ପୁରୁଣା ଆଲମିରାକୁ ବାହାରକୁ ଅଣାଯିବ। ଆକାର ଅନୁସାରେ ନିର୍ଦ୍ଧିଷ୍ଟ କିଛି ଅଳଙ୍କାରର ଗଣତି ଖଟ ଶେଯ ଘରେ ଗଣତି କରାଯିବ । ନୀଳାଦ୍ରି ବିଜେ ପରେ ପୁର୍ନବାର ରତ୍ନଅଳଙ୍କାରର ଗଣତି ହେବ। ଆକାରରେ ବଡ ଥିବା ଅଳଙ୍କାର ଖଟଶେଯ ଘରେ ଗଣତି କରି ଫଟୋଗ୍ରାଫି , ଭିଡ଼ିଓଗ୍ରାଫି ଓ ୩ଡି ମ୍ୟାପିଂ କରି ପୁର୍ନବାର ଭିତର ରତ୍ନଭଣ୍ଡାରରେ ରଖାଯିବା ନେଇ ନିଷ୍ପତ୍ତି କରାଯାଇଛି ।ବାହାର ରତ୍ନଭଣ୍ଡାରରେ ତିନୋଟି ତାଲା ପଡ଼ିଥାଏ । ବାହାର କବାଟ ତାଲା ଭଣ୍ଡାର ମେକାପ ପାଖରେ, ଗଜପତି ମହାରାଜଙ୍କ ପାଖରେ ଏବଂ ଶ୍ରୀମନ୍ଦିର ପ୍ରଶାସନ ପାଖରେ ରହିଥାଏ। ହେଲେ ଏହି ତାଲା ଖରାପ ହ୍ୱୋରୁ ଏହାକୁ ବଦଳା ଯିବ ବୋଲି ସୂଚନା ମିଳିଛି। ଶୁକ୍ରବାର ଏହି ପରିଚାଳନା କମିଟି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀ, ଶ୍ରୀମନ୍ଦିର ସୁରକ୍ଷା ସବ-କମିଟିର ଅଧ୍ୟକ୍ଷ ଡଃ ଗିରିଶ ଚନ୍ଦ୍ର ମୁର୍ମୁ,ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା,ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ,ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ । ଅନ୍ୟ ପକ୍ଷରେ ଆଭାସୀ ମାଧ୍ୟମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗ ଦେଇଥିଲେ ବୋଲି ସୂଚନା ମିଳିଛି।

## ନିମାପଡ଼ା ଅବକାରୀ ବିଭାଗର ସଫଳତା

# ୨୨ ଲକ୍ଷ ଟଙ୍କାର ହେରୋଇନ ଜବତ: ଜଣେ ଗିରଫ, କୋର୍ଟ ଚାଲାଣ



ଗୋପ (ପିପିଏସ ) ରାଜ୍ୟରେ ନିଶା କାରବାର ବିରୋଧରେ ଅବକାରୀ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। ପୁରୀ ଜିଲ୍ଲା ଗୋପ ଅଞ୍ଚଳରୁ ପ୍ରାୟ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହେରୋଇନ ଜବତ କରାଯାଇଛି। ଏହା ସହ ଜଣେ କୁଖ୍ୟାତ ନିଶା ବେପାରୀକୁ ଗିରଫ କରିଛି ନିମାପଡ଼ା ଅବକାରୀ ବିଭାଗ ।ପୁରୀ ଅବକାରୀ ଅଧିକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ରେଞ୍ଜ ନିରୀକ୍ଷକ ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ ହାଟସାହି ଗ୍ରାମର ଶୋମେଶ ମଉଜି। ଦୀର୍ଘ ଦିନ ହେଲା ସେ ଗୋପ, ଗଣେଶ୍ୱରପୁର ଓ ସୁବର୍ଣ୍ଣପୁର ଭଳି ବିଭିନ୍ନ ଅଞ୍ଚଳରେ ହେରୋଇନ କାରବାର ଚଳାଇଥିଲେ ।ଆଜି ସକାଳେ ଶୋମେଶ ଗୋପ-ବାଲିଘାଇ ରାସ୍ତାର ହାଟସାହି ନିକଟରେ ନିଶା ବେପାର କରୁଥିବା ବେଳେ, ପୂର୍ବରୁ ଛକି ରହିଥିବା ଅବକାରୀ ଟିମ୍ ? ତାକୁ କାବୁ କରିଥିଲେ। ଏହି ସମୟରେ ପୋଲିସ ଓ ବେପାରୀଙ୍କ ମଧ୍ୟରେ କିଛି ସମୟ ଧସ୍ତାଧସ୍ତି ହୋଇଥିବା ସୂଚନା ମିଳିଛି। ତେବେ ସୁଯୋଗ ଦେଖି ଘଟଣାସ୍ଥଳରୁ ଅନ୍ୟ ଦୁଇଜଣ ବେପାରୀ ଫେରାର ହୋଇଯାଇଛନ୍ତି ।ଏହି ଘଟଣାରେ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାକୁ ନିମାପଡ଼ା ଉପ-କାରାଗାରକୁ ପଠାଇ ଦିଆଯାଇଛି। ଏହି ସଫଳ ଚଢ଼ାଉରେ ଅବକାରୀ କର୍ମଚାରୀ ଶେଖ ୱାରିସ, ସବିତା ସାହୁ, ଫିରୋଜ ମହାନନ୍ଦିଆ, ସନ୍ତୋଷ ମହାରଣା, ତପନ କୁମାର ସାହୁ ଏବଂ ସ୍ୱାଗତିକା ଘଡେଇ ପ୍ରମୁଖ ସାମିଲ ଥିଲେ। ଭବିଷ୍ୟତରେ ମଧ୍ୟ ଏଭଳି ନିଶା ବିରୋଧୀ ଅଭିଯାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଶବ ମାଗୁଛି ନ୍ୟାୟ : ପୁଲିସର ତଦନ୍ତକୁ ନେଇ ସନ୍ଦେହ

# ଥାନା ସାମ୍ନାରେ ମୃତଦେହ ରଖି ଧାରଣା

ଅସ୍ତରଙ୍ଗ, (ପିପିଏସ୍): ଜମିଜମା ସମସ୍ୟାକୁ ନେଇ ଗଣ୍ଡଗୋଳ ପରେ ପୋଲିସ ର ତଦନ୍ତକୁ ନେଇ ମାନସିକ ଗ୍ଲାନିରେ ଉଚ୍ଚରକ୍ତଚାପ ଶହ ହୃଦଘାତ ରେ ମୃତ୍ୟୁ। ପରିବାର ଲୋକ ନ୍ୟାୟ ପାଇଁ କାକଟପୁର ଥାନା ସାମ୍ନାରେ ଶବ ରଖି ଧାରଣା।

ଖବର ମୁତାବକ, ପୁରୀ ଜିଲ୍ଲା କାକଟପୁର ଥାନା ଅଧୀନ ବରଜୀସାହି ଗ୍ରାମର ଦେବେନ୍ଦ୍ର ରାଉତ ଓ ଉପେନ୍ଦ୍ର ରାଉତଙ୍କ ପରିବାର ମଧ୍ୟରେ ପୂର୍ବରୁ ଜମିଜମା ସମସ୍ୟାକୁ ନେଇ ବିବାଦ ଥିବାବେଳେ ଗତମାସ ମେ ୩୦ତାରିଖରେ ପୂର୍ବ ଶତ୍ରୁତା କୁ କେନ୍ଦ୍ରକରି ପାଟିତୁଣ୍ଡ ପରେ ଦେବେନ୍ଦ୍ର ରାଉତ କାକଟପୁର ଥାନା ରେ ୫ଜଣ ନାଁରେ ଅଭିଯୋଗ ଦେଇଥିଲେ। ଅନ୍ୟ ପଟେ ପାଟିତୁଣ୍ଡ କୁ କେନ୍ଦ୍ର ଉପେନ୍ଦ୍ରରାଉତଙ୍କ ପତ୍ନୀ କୁନି ରାଉତ ୬ଜଣ ନାଁରେ ଅଭିଯୋଗ ଦେଇଥିଲେ। କିନ୍ତୁ ପୋଲିସ ଉଭୟ ଅଭିଯୋଗ ପାଇବା ପରେ ଥାନା କେଶ ନମ୍ବର ୧୯୬/୨୬, ୧୯୭/୨୬ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବିଳମ୍ବ ସହ ସଠିକ ନ୍ୟାୟ ଥାନାରୁ ନ ମିଳିବାରୁ ମାନସିକ ଗ୍ଲାନିରେ ଭାଙ୍ଗି ପଡ଼ିଥିଲେ ଉପେନ୍ଦ୍ର ରାଉତ। ଏହାପରେ




ମାନସିକ ଚିନ୍ତା ସହ ପୋଲିସ ଆଚରଣ ବ୍ୟଥିତ, ଚିନ୍ତିତ କରିଥିବା ବେଳେ ଉପେନ୍ଦ୍ରଙ୍କ ଉଚ୍ଚ ରକ୍ତଚାପ ଯୋଗୁଁ ହୃଦଘାତ ହୋଇଥିଲା। ବାଟରେ ନେଇ ଯାଉଥିବା ବେଳେ ସବୁଦିନ ପାଇଁ ଆଖି ବୁଝିଥିବାରୁ ମୃତଦେହକୁ ଅଟୋ ସହାୟତା ଶୁକ୍ରବାର ପୂର୍ବାହ୍ନ ସମୟରେ କାକଟପୁର ଥାନା ସାମ୍ନାରେ ପହଂଚି ନ୍ୟାୟ ଦାବି ସହ ପୋଲିସ ତଦନ୍ତକୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। କିନ୍ତୁ ପରିବାର ଲୋକ ଅଭିଯୋଗ କରିଛନ୍ତି ଯଦି ପୋଲିସ ସଠିକ ଓ ଉପଯୁକ୍ତ ନ୍ୟାୟ ପ୍ରଦାନ କରିଥାନ୍ତେ ତାହା ହେଲେ ମାନସିକ ଗ୍ଲାନିରେ ଉପେନ୍ଦ୍ରଙ୍କର ମୃତ୍ୟୁ ହୋଇନଥାନ୍ତା।

କୁନି ରାଉତ ଥାନାରେ ଅଭିଯୋଗ ଦେବା ପରେ କାର୍ଯ୍ୟରତ ପୁଲିସ ଏଏସଆଇ ମାମଲା ଚାପିବା ସହ ତଦନ୍ତରେ ଟାଳଟୁଳ ନୀତି ଅବଲମ୍ବନ କରି ଚାପ ପକାଇଥିଲେ ବୋଲି ଧାରଣାରେ ଥିବା ବ୍ୟକ୍ତିଙ୍କ ସହ ଜିତେନ୍ଦ୍ର ରାଉତ ଗଣମାଧ୍ୟମ ସାମ୍ନାରେ କହିଛନ୍ତି। ଅନ୍ୟ ପଟେ ପରିବାର ଲୋକ ଉପେନ୍ଦ୍ରରାଉତଙ୍କ ମୃତ ଦେହକୁ କାକଟପୁର ଥାନା ସାମ୍ନାରେ ରଖି ପ୍ରତିବାଦ କରିବା ସହ ନ୍ୟାୟ ଦାବୀ କରିଥିଲେ। ଏ ନେଇ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ କହିଛନ୍ତି; ଉଭୟ ପକ୍ଷ ଅଭିଯୋଗ ପରେ ମାମଲା ରୁଜୁ ସହ ଭଦ୍ରଲୋକ ମାଧ୍ୟମରେ ଆଲୋଚନା ହେବାର ଥିଲା ।କିନ୍ତୁ ଆଜି ଦୁଃଖଦ ଘଟଣା ଘଟିଛି ।ଧାରଣା ବସିଥିବା ଲୋକଙ୍କ ସହ ଆଲୋଚନା କରି ଘଟଣାର ସମ୍ପୂର୍ଣ୍ଣ ନିରପେକ୍ଷ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଏହା ପରେ ଏକ ରିପୋର୍ଟ ପରେ କାକଟପୁର ଥାନାରେ ଅପମୃତ୍ୟୁ ମାମଲା ୧୪/୨୬ରେ ରୁଜୁ କରି ମୃତଦେହକୁ ଶବ ବ୍ୟବଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଏହାସହ ଘଟଣା ତଦନ୍ତ ଜାରିରହିଥିବା ବେଳେ ରିପୋର୍ଟ ଆସିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାକଟପୁର ଥାନାଅଧିକାରୀ ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଲୋକଭବନରେ ଚାରା ରୋପଣ କଲେ ରାଜ୍ୟପାଳ

ଭୁବନେଶ୍ୱର, (ପିପିଏସ୍): ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟିଙ୍କ ଶୁକ୍ରବାର ଲୋକ ଭବନ ପରିସରସ୍ଥ ଅଟଳ ବନରେ ଚାରା ରୋପଣ କରିଛନ୍ତି। ଏହି ଅବସରରେ ଲୋକ ଭବନର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସଂରକ୍ଷଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ପରିବେଶ ସଂରକ୍ଷଣ ଏକ ସାମୁହିକ ଦାୟିତ୍ୱ ଅଟେ। ପରିବେଶକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରି ନିଜର ଯୋଗଦାନ ରଖିବା ଉଚିତ। ଏକ ବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି ଯେ ପରିବେଶ ଦିବସ ପୃଥିବୀ ଓ ପ୍ରକୃତି ସମ୍ପର୍କରେ ଚିନ୍ତା କରିବାର ଅବସର ଆଣେ ଓ ପରିବେଶକୁ ରକ୍ଷା କରିବା ସମସ୍ତଙ୍କର ଦାୟିତ୍ୱ। ଏହାର ସୁରକ୍ଷା ପାଇଁ ଚାରା ରୋପଣ ଦ୍ୱାରା ଆମେ ଏକ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ପଦକ୍ଷେପ ନେଇପାରିବା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ 'ଏକ ପେଡ଼ ମା କେ ନାମ' ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ପ୍ରତ୍ୟେକ ନାଗରିକ ଅତି କମରେ ଗୋଟିଏ ଲେଖାଏଁ ଚାରା ରୋପଣ କରିବାକୁ ରାଜ୍ୟପାଳ ନିବେଦନ କରିଛନ୍ତି ।

# ଭିଜିଲାନ୍ସ ଜାଲରେ ଜୁନିୟର ଆସିଷ୍ଟାଣ୍ଟ

ଭୁବନେଶ୍ୱର, (ପିପିଏସ୍): ଭିଜିଲାନ୍ସ ଜାଲରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଂଟ। ଲାଂଚ ନେବାବେଳେ ଧରାପଡ଼ିଲେ ଜୁନିୟର ଆସିଷ୍ଟାଂଟ ଶ୍ରୀକାନ୍ତ ଦାସ । ଭଦ୍ରକ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ (ଡିଇଓ) କର୍ମଚାରୀ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଲାଂଚ ଗ୍ରହଣ କରିବା ଅଭିଯୋଗରେ ଗିରଫ। ଏକ ବେସରକାରି ବିଦ୍ୟାଳୟ ପକ୍ଷରେ ସ୍ୱୀକୃତି ପ୍ରମାଣପତ୍ର ଜାରି ପାଇଁ ଫାଇଲ୍ ପ୍ରକ୍ରିୟାକରଣ ବାବଦରେ ୧୦,୦୦୦ ଟଙ୍କା ଲାଂଚ ନେଉଥିବା ବେଳେ ଧରାପଡ଼ିଛନ୍ତି। ଆଜି ଭଦ୍ରକ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ସହାୟକ ଶ୍ରୀ ଶ୍ରୀକାନ୍ତ କୁମାର ଦାଶଙ୍କୁ ଓଡ଼ିଶା ଭିଜିଲାନ୍ସ ଟିମ୍ ଏକ ବେସରକାରି ବିଦ୍ୟାଳୟର କର୍ମଚାରୀଙ୍କଠାରୁ ୧୦,୦୦୦ ଟଙ୍କା ଲାଂଚ ଦାବି ଓ ଗ୍ରହଣ କରୁଥିବା ବେଳେ ଧରିଥିଲା। ସମ୍ପୃକ୍ତ କର୍ମଚାରୀଙ୍କ ଅନୁରୋଧ ସତ୍ତ୍ୱେ ଶ୍ରୀ ଦାଶ ଲାଂଚ ଦାବିରେ ଅଟଳ ଥିଲେ। ଅନ୍ୟ କୌଣସି ଉପାୟ ନ ଥିବାରୁ ବିଦ୍ୟାଳୟ କର୍ମଚାରୀ ଏହି ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ସୂଚନା ପାଇବା ପରେ ଓଡ଼ିଶା ଭିଜିଲାନ୍ସ ଟିମ୍ ଆଜି ଶ୍ରୀ ଦାଶଙ୍କୁ ୧୦,୦୦୦ ଟଙ୍କା ଲାଂଚ ଗ୍ରହଣ କରୁଥିବା ସମୟରେ ଧରିଥିଲା। ଲାଂଚ ଟଙ୍କାର ସମ୍ପୂର୍ଣ୍ଣ ରାଶି ଶ୍ରୀ ଦାଶଙ୍କ ଠାରୁ ଜବତ କରାଯାଇଛି। ଗିରଫ ପରେ ଶ୍ରୀ ଦାଶ ସହ ସମ୍ପର୍କିତ ଦୁଇଟି ସ୍ଥାନରେ ଆୟ ବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଏକାସାଥି ତଲାଶି ଚାଲିଛି। ଏହି ସମ୍ବନ୍ଧରେ ବାଲେଶ୍ୱର ଭିଜିଲାନ୍ସ ପୁଲିସ ଥାନା କେସ୍ ନଂ ୦୯ ତା. ୦୪.୦୬.୨୦୨୬, ଧାରା ୭ ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ଶ୍ରୀ ଦାଶଙ୍କ ବିରୋଧରେ ରୁଜୁ କରାଯାଇଛି। ତଦନ୍ତ ଚାଲିଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହାୟତାରେ ବେଙ୍ଗାଲୁରୁରୁ ଓଡ଼ିଶା ଫେରିଲା ଯୁବକଙ୍କ ମୃତଦେହ



ବଲାଙ୍ଗିର (ପିପିଏସ): ସୋସିଆଲ ମିଡିଆ "ଏକ୍ସ"ରେ ଜଣେ ଅସହାୟ ଓଡ଼ିଆ ପରିବାରର ଅନୁରୋଧ ପାଇବା ମାତ୍ରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ାକ୍ତର ମୁକେଶ ମହାଲିଙ୍ଗଙ୍କ ହସ୍ତକ୍ଷେପ ଫଳରେ ଯୁବକଙ୍କ ମୃତଦେହ ଓଡିଶା ଫେରିପାରିଛି । ପ୍ରକାଶ ଯେ, ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ସିଲେଟପଡ଼ା ଗ୍ରାମର ୨୬ ବର୍ଷୀୟ ଯୁବକ ଦେବେନ୍ଦ୍ର ସୁନା ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ ଏବଂ ଅସୁସ୍ଥତା କାରଣରୁ ବେଙ୍ଗାଲୁରୁର ଏକ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ମୃତ୍ୟୁବରଣ କରିଥିବା ବଲାଙ୍ଗୀରର ଯୁବକ ଦେବେନ୍ଦ୍ର ସୁନାଙ୍କ ପରିବାରକୁ ହସ୍ପିଟାଲ କର୍ତ୍ତୃପକ୍ଷ ବକେୟା ବିଲ୍ ଜମା କରିବା ପାଇଁ କହିଥିଲେ । ଏ ସମ୍ପର୍କରେ ଦେବୀପ୍ରସାଦ ନାମରେ ଜଣେ ୟୁଜର ସାମାଜିକ ଗଣମାଧ୍ୟମରେ ମନ୍ତ୍ରୀଙ୍କୁ ଜଣାଇଥିଲେ । ଏ ଖବରକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଫିସ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତୁରନ୍ତ ସକରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଡ଼ା. ମୁକେଶ ମହାଲିଙ୍ଗ ମୃତକ ଦେବେନ୍ଦ୍ର ସୁନାଙ୍କ ପରିବାରକୁ ଜରୁରୀକାଳୀନ ସହାୟତା ଯୋଗାଇଦେବା ପାଇଁ "ଏକ୍ସ" ମାଧ୍ୟମରେ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶ ପରେ ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୧ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ସରକାରୀ ଅନୁଦାନ ସିଧାସଳଖ ବେଙ୍ଗାଲୁରୁସ୍ଥିତ ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି । ସରକାରଙ୍କର ଏହି ତୁରନ୍ତ ପଦକ୍ଷେପ ଯୋଗୁଁ ମୃତ ଶରୀର ଆମ୍ବୁଲାନ୍ସ ଯୋଗେ ଓଡିଶାକୁ ଫେରୁଛି । ପରିବାର ଲୋକମାନେ ମୁଖ୍ୟମନ୍ତ୍ରୀ , ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି ।

# ନୂଆପଡ଼ାରେ ଶିକ୍ଷା ସମୀକ୍ଷା ବୈଠକ

ନୂଆପଡ଼ା: ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ପ୍ରଶାନ୍ତ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଜିଲ୍ଲାର ଶିକ୍ଷାଗତ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବର୍ଷସାରା କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକଳାପ ପାଇଁ ବାର୍ଷିକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀନ୍ ସ୍କୁଲ ଅଧୀନରେ ସମସ୍ତ ବିଦ୍ୟାଳୟରେ ନ୍ୟୁଟ୍ରି ଗାର୍ଡେନ ସ୍ଥାପନ କରିବାକୁ ମଧ କହିଥିଲେ । ଆସନ୍ତା ୧୮ ଜୁନରେ ବିଦ୍ୟାଳୟ ଓ ଛାତ୍ରାବାସ ଖୋଲିବାକୁ ଥିବାରୁ ଜିଲ୍ଲାପାଳ ସମସ୍ତ ବିଦ୍ୟାଳୟରେ ପୂର୍ବ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବର୍ଷା ଋତୁକୁ ଦୃଷ୍ଟିରେ ରଖି ଜଳବାହିତ ଓ ମଶାବାହିତ ରୋଗ ରୋକିବା ପାଇଁ ବିଶେଷ ସତର୍କତା ଅବଲମ୍ବନ କରିବାକୁ ସେ କହିଥିଲେ ।

ବିଦ୍ୟାଳୟ ଓ ଛାତ୍ରାବାସର ଶ୍ରେଣୀଗୃହ, କାର୍ଯ୍ୟାଳୟ, ପରୀକ୍ଷାଗାର, ପୁସ୍ତକାଳୟ, ରୋଷେଇ ଘର, ଭୋଜନାଳୟ, ଶୌଚାଳୟ ଓ ଅନ୍ୟାନ୍ୟ ସ୍ଥାନକୁ ସଫା ଓ ବିଶୋଧନ କରିବାକୁ କହିଥିଲେ । ସେହିପରି କ୍ୟାମ୍ପସରୁ ଅନାବଶ୍ୟକ ଘାସ, ଆବର୍ଜନା ଓ ନିର୍ମାଣ ସାମଗ୍ରୀର ଅବଶିଷ୍ଟ ହଟାଇ ଜଳ ଜମିବା ସ୍ଥାନଗୁଡ଼ିକୁ ଦୂର କରିବା, ପାଣି ଟାଙ୍କି ଓ ଜଳ ନିଷ୍କାସନ ବ୍ୟବସ୍ଥା ସଫା ରଖିବା ଏବଂ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବାକୁ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଭିଡିଓ କଲ୍ ମାଧ୍ୟମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାର୍ଡ଼ିର ଛାତ୍ର ଲଭାଂଶ ମେହେରଙ୍କ ସହ କଥାବାର୍ତା କରିଥିଲେ । ସିବିଏସଇ ଯୁକ୍ତ ଦୁଇ ପରୀକ୍ଷାରେ ୯୬.୬୦ ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଥିବା ଲଭାଂଶ ଜେଇଇ ଏଡଭାନ୍ସରେ ଅଲ୍ ଇଣ୍ଡିଆ ରାଙ୍କ ୩୪୨୩ ହାସଲ କରିଥିବାରୁ ଜିଲ୍ଲାପାଳ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ତାଙ୍କ ଭବିଷ୍ୟତ ଲକ୍ଷ୍ୟ ଓ କ୍ୟାରିୟର ଯୋଜନା ସମ୍ପର୍କରେ ଆଲୋଚନା କରି ଉଚ୍ଚ ଶିକ୍ଷା ପାଇଁ ପ୍ରେରଣାଦାୟକ ପରାମର୍ଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକଙ୍କ ସମେତ ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

## ନିଳାବାଡ଼ି ଗ୍ରାମରେ ଅଜଣା ରୋଗ ଆତଙ୍କ
# ଶତାଧିକ ଘୁଷୁରୀ ମୃତ

ଜୟପୁର: କୋରାପୁଟ ଜିଲ୍ଲାର ନିଳାବାଡ଼ି ଗ୍ରାମରେ ଅଜଣା ରୋଗର ପ୍ରକୋପ ଯୋଗୁଁ ଶତାଧିକ ଘୁଷୁରୀଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଥିବାରୁ ସମଗ୍ର ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ପ୍ରାୟ ୪୦ରୁ ୪୫ ଜଣ ଚାଷୀଙ୍କ ୪୦୦ରୁ ୫୦୦ ଘୁଷୁରୀ ମୃତ୍ୟୁବରଣ କରିଥିବା ବେଳେ ଏହାର ଆନୁମାନିକ କ୍ଷତି ୪୫ରୁ ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପ୍ରଥମେ ଗୋଟିଏ କିମ୍ବା ଦୁଇଟି ଘୁଷୁରୀର ମୃତ୍ୟୁ ଘଟିଥିଲା । କିନ୍ତୁ ସମୟରେ ରୋଗ ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ଓ ପ୍ରତିଷେଧକ ବ୍ୟବସ୍ଥା ନ ହେବାରୁ ଏହା ଧୀରେ ଧୀରେ ମହାମାରୀର ରୂପ ନେଇଥିବା ଅଭିଯୋଗ ହୋଇଛି । ଚାଷୀମାନେ ବନ୍ଧୁଗାଁ ପ୍ରାଣୀ ଚିକିତ୍ସା ବିଭାଗର ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏପଟେ ମୃତ ଘୁଷୁରୀମାନଙ୍କୁ ସଠିକ୍ ଭାବେ ନିଷ୍କାସନ କରାଯାଇନଥିବାରୁ ଗ୍ରାମରେ ଅସହ୍ୟ ଦୁର୍ଗନ୍ଧ ସୃଷ୍ଟି ହୋଇଛି । ପଚିସଢି ଯାଉଥିବା ମୃତ ପଶୁମାନଙ୍କ ଦେହରୁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ଦେଖାଦେଇଛି । ଏହା ଫଳରେ ଗ୍ରାମବାସୀମାନେ ଭୟଭୀତ ହୋଇପଡ଼ିଛନ୍ତି । ଘୁଷୁରୀ ପାଳନ କରି ଜୀବିକା ନିର୍ବାହ କରୁଥିବା ଅନେକ ଚାଷୀଙ୍କ ୧୦ରୁ ୧୨ଟି ଲେଖାଏଁ ଘୁଷୁରୀ ମୃତ୍ୟୁ ହୋଇଥିବାରୁ ସେମାନେ ଆର୍ଥିକ ଭାବେ ଭାଙ୍ଗି ପଡ଼ିଛନ୍ତି । ଏହି ଅପୂରଣୀୟ କ୍ଷତି ପାଇଁ ସରକାରୀ ସହାୟତା ଓ କ୍ଷତିପୂରଣ ଦାବି କରିଛନ୍ତି ପ୍ରଭାବିତ ଚାଷୀମାନେ । ଗ୍ରାମବାସୀମାନେ ପ୍ରଶାସନ, ପ୍ରାଣୀ ଚିକିତ୍ସା ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ତୁରନ୍ତ ଘଟଣାସ୍ଥଳରେ ପହଂଚି ପରିସ୍ଥିତିର ସମୀକ୍ଷା କରିବା, ରୋଗର ପ୍ରକୃତ କାରଣ ଖୋଜିବା ଏବଂ ମୃତ ଘୁଷୁରୀମାନଙ୍କର ବୈଜ୍ଞାନିକ ନିଷ୍କାସନ କରିବାକୁ ଦାବି କରିଛନ୍ତି । ଗ୍ରାମରେ କୌଣସି ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହେବା ପୂର୍ବରୁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କ୍ୟାମ୍ପ୍ କୋର୍ଟ ଓ ଜନଶୁଣାଣି

ଜୟପୁର: ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କ୍ୟାମ୍ପ କୋର୍ଟ ଓ ଜନଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଆୟୋଗର ଅଧକ୍ଷା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଶିଶୁ ଅଧିକାର ସୁରକ୍ଷା, ଶିକ୍ଷା, ଶିଶୁ କଲ୍ୟାଣ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିଷୟକୁ ନେଇ ଶୁଣାଣି କରାଯାଇଥିଲା । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଶିଶୁମାନଙ୍କ ଅଧିକାର ସୁରକ୍ଷା ଓ ସେମାନଙ୍କ ସମ୍ପର୍କିତ ଅଭିଯୋଗର ତଦନ୍ତ ଓ ସମାଧାନ ପାଇଁ କାର୍ଯ୍ୟ କରୁଛି । ଏହି କାର୍ଯ୍ୟକ୍ରମରେ ଓଏସସିପିସିଆର୍ ଅଧକ୍ଷା ବବିତା ପାତ୍ର , ଓଏସସିପିସିଆର୍ ସଦସ୍ୟା ସୁଜାତା ନାୟକ , କସ୍ତୁରୀ ମିଶ୍ର, ମନସ୍ମିତା ଖୁଂଟିଆ,, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କୋରାପୁଟ ତପନ କୁମାର ନାୟକ, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଆଇନ ପରାମର୍ଶ ଦାତା ଶ୍ରୀ ଅବଦୁଲ ରେହେମାନ ପ୍ରମୁଖ ମଂଚାସୀନ ଥିଲେ । କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜ ଅଭିଯୋଗ ଉପସ୍ଥାପନ କରିଥିଲେ । ଅଧିକାଂଶ ଅଭିଯୋଗ ବିଭିନ୍ନ ବିଦ୍ୟାଳୟ ସହ ଜଡିତ ଥିବାବେଳେ, ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି ସୁବିଧା, ରାସନକାର୍ଡ ନ ମିଳିବା, ଭତ୍ତା ଏବଂ ଶିଶୁମାନଙ୍କ ଅଧିକାର ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଆୟୋଗ ଶୁଣାଣି କରିଥିଲେ । ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆୟୋଗ ପକ୍ଷରୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସ୍ନେହପ୍ରଭା ମାଝୀ, ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତୃପ୍ତି ବୋରେଇ,ଜୟପୁର ଉପ ଜିଲ୍ଲାପାଳ ଯଦୁମଣି ନାୟକ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା, ଜିଲ୍ଲା ଶିକ୍ଷାଧିକାରୀ କୋରାପୁଟ ପ୍ରଶାନ୍ତ କୁମାର ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ କୋରାପୁଟ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତ । ରାଣୀ ପାଣି , ଚେୟାରପର୍ସନ୍ ଶିଶୁ ମଙ୍ଗଳ ସମିତିର ଡା. ଗାୟତ୍ରୀ ଦେବୀ, ସଦସ୍ୟ ଶ୍ରୀ ସୁରେନ୍ଦ୍ର କରଣ ଏବଂ ସଦସ୍ୟା ଶିବାନୀ ପାତ୍ର, ପୁଲିସ ବିଭାଗର ଅଧିକାରୀ ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଜନଶୁଣାଣି ସମୟରେ ଉଠିଥିବା ବିଭିନ୍ନ ଅଭିଯୋଗ ଓ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଆୟୋଗ ପକ୍ଷରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଏହି ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କ ସ୍ୱାର୍ଥ ସୁରକ୍ଷା ଓ ସେମାନଙ୍କ ସମସ୍ୟାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଘ୍ନରାଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ



ବୌଦ୍ଧ(ପିପିଏସ୍) : ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ୍ ସଦରମହକୁମା ଚାରିଛକସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଦ୍ୟାଦାତା ଅଗ୍ରପୂଜ୍ୟ ବିଘ୍ନରାଜ ପ୍ରଭୁ ଗଜାନନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟାଳୟ ପରିସରରେ ଅଗ୍ରପୂଜ୍ୟ ବିଦ୍ୟାଦାତା ଗଜାନନଙ୍କ ସାଢ଼େ ତିନି ଫୁଟ୍ ଉଚ୍ଚ କଳାମୁଗୁନି ପଥରରେ ନିର୍ମିତ ପ୍ରତିମୂର୍ତ୍ତିକୁ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ସ୍ଥାପନ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ଓ ସି ଆର୍ ସି ସି ଉପସ୍ଥିତ ରହି ସହଯୋଗ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରାଙ୍କ ଏହି ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ପ୍ରବାସୀ ଶ୍ରମିକ ନିରାକରଣ ଶିବିର

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ଭାନପୁର ପଂଚାୟତ ଅନ୍ତର୍ଗତ ମସାନକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରବାସୀ ଶ୍ରମିକ ନିରାକରଣ ନିମନ୍ତେ ଏକ ବ୍ୟାପକ ସଚେତନତା ଶିବିର ଓ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ସୁର୍ମି ସୋରେନ, ସିଡିଏମଓ ଡଃ ଦ୍ୱାରିକାନାଥ ଶତପଥୀ, ବିଡିଓ ରୋହିତ ଭୋଇ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମନିଧି ଭୋଇ, ପଂଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସ୍ଥାନୀୟ ସରପଂଚ ବିଜୟ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସଭା ପରିଚାଳନା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସଭାରେ ବିଭିନ୍ନ ବିଭାଗର ଅଧିକାରୀମାନେ ଶ୍ରମିକ, କୃଷକ, ମହିଳା ଓ ସାଧାରଣ ଲୋକଙ୍କ ପାଇଁ ରହିଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ । ନିଜ ଅଭିଭାଷଣରେ ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲାରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ଫଳରେ ନୂଆପଡ଼ା ରାଜ୍ୟ ଓ ଜାତୀୟ ସ୍ତରରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି । ପ୍ରବାସୀ ଶ୍ରମିକ ସମସ୍ୟା ନିରାକରଣ ପାଇଁ ଲୋକଙ୍କ ସହଭାଗିତା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ପ୍ରତି ଶ୍ରମିକ ପରିବାରକୁ ୩୦୦ ଦିନର କାମ ଯୋଗାଇ ଦେବା ଲକ୍ଷ୍ୟ ରହିଥିବା ସହିତ ଗ୍ରାମରେ ରହି ଆର୍ଥିକ ସ୍ୱାବଲମ୍ବନ ହାସଲ କରିବାକୁ ସେ ଆହ୍ୱାନ ଦେଇଥିଲେ । ସମସ୍ତେ ମିଶିମିଶି ପ୍ରବାସମୁକ୍ତ ଗ୍ରାମ ପଂଚାୟତ ଗଢ଼ିବା ପାଇଁ ସେ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ "ଝିଅ ପାଇଁ ଗଛଟିଏ" ଓ "ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ" ପାଳନ କରାଯାଇଥିଲା । ଜିଲ୍ଲାପାଳ ଜଣେ ନବଜାତ ଶିଶୁ କନ୍ୟାକୁ କୋଳରେ ଧରି ତାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ଚାରା ଓ ଉପହାର ପ୍ରଦାନ କରିଥିଲେ । ସେହିପରି, ଜଣେ ଗର୍ଭବତୀ ମହିଳାମାନଙ୍କୁ ପୁଷ୍ଟିକର ଖାଦ୍ୟ ଓ ଉପହାର ବଂଟନ କରାଯାଇଥିଲା । ସ୍ଥାନୀୟ ସ୍କୁଲ୍ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ଓ ୧୦୦ ଦିନରୁ ଅଧିକ କାମ କରିଥିବା ଶ୍ରମିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ବୃକ୍ଷରୋପଣ ଓ ସଚେତନତା ଶୋଭାଯାତ୍ରା



ବୌଦ୍ଧ(ପିପିଏସ୍) : ବୌଦ୍ଧ ଠାରେ ବୌଦ୍ଧ ବନ ଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଓ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । କୁଲାରୀ କୁଦ ଠାରେ ଉକ୍ତ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ବନ ଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସମେତ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପରେ ବୌଦ୍ଧ ଆଦର୍ଶ କୃଷି ବଜାର ନିକଟ ମର୍ଜାକୁଦ୍ ବ୍ରିଜ ଛକରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା କ୍ଷ ଉକ୍ତ ସଚେତନତା ଶୋଭାଯାତ୍ରାରେ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନଙ୍କ ସମେତ ବିଭିନ୍ନ କଲେଜର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।

## ଜାତୀୟ ଜୁନିୟର କିକ୍‌ବକ୍ସିଂରେ ବଲାଙ୍ଗିରର ସଫଳତା



ବଲାଙ୍ଗିର, (ପିପିଏସ୍) : ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ରେ ମଇ ୩୦ ରୁ ଜୁନ ୩ ତାରିଖ ପର୍ଯ୍ୟନ୍ତ ଜାତୀୟ ଜୁନିୟର କିକ୍ ବକ୍ସିଂ ଚମ୍ପିୟାନସିପ୍ ଅନୁଷ୍ଠିତ ହୋଇଥିଲା । ଏହି ଚମ୍ପିୟାନସିପ୍ ରେ ବଲାଙ୍ଗିର ଆମ୍ରେଚର କିକ୍ ବକ୍ସିଂ ସଂଘର କିକ୍ ବକ୍ସିଂ ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠଙ୍କ ତତ୍ତ୍ୱାବଧାନରେ ଦୁଇ ଝିଅ ଅଭିପ୍ସା ହୋତା ଓ କିରନ ସେଠ ଜାତୀୟ ଜୁନିୟର କିକ୍ ବକ୍ସିଂ ରେ ଭାଗ ନେଇଥିଲେ । ଅଭିପ୍ସା ହୋତା ଦୁଇଟି ସ୍ୱର୍ଣ୍ଣ ପଦକ, ଗୋଟିଏ କାଂସ୍ୟ ପଦକ ଏବଂ କିରନ୍ ସେଠ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରି ଆମ ରାଜ୍ୟ ଓ ବଲାଙ୍ଗିର ଜିଲ୍ଲାର ଗର୍ବ ରଖିଥିଲେ । ଏହି ସଫଳତା ରେ ସ୍ପୋର୍ଟ୍ସ ଅଫିସର ପରାଶର ବାଗ, ରାଜ୍ୟର କିକ୍ ବକ୍ସିଂ ସଂଘର ସଭାପତି କର୍ତ୍ତିକ ଡାକୁଆ, କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସଂପାଦକ ଭଗବାନ କୁମ୍ଭାର, କରାଟେ ସଂଘର ସଂପାଦକ ହୃଦୟ ଶବର, ବଦ୍ରିନାଥ ହୋତା, ମୁରଲି ମହାକୁର, ସୁରେନ୍ଦ୍ର ସାହୁ, ମାନଗୋବିନ୍ଦ ମେହେର, ରାଜେନ୍ଦ୍ର ବାଗ ଏବଂ ଅଭିଭାବକମାନେ ଶୁଭେଚ୍ଛା ଜଣାଇଥିଲେ ।

# ଜନଜାତି ସୁରକ୍ଷା ମଞ୍ଚର ବୈଠକ

ଜୟପୁର: ବନବାସୀ କଲ୍ୟାଣ ଆଶ୍ରମ କାର୍ଯ୍ୟାଳୟ ଠାରେ କୋରାପୁଟ ଜିଲ୍ଲା ଜନଜାତି ସୁରକ୍ଷା ମଂଚର ଏକ ବୈଠକ ଜିଲ୍ଲା ସଭାପତି ବାଲାଜି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟାମ ପ୍ରାନ୍ତ ସଂଯୋଜକ ରତିକାନ୍ତ ସାହୁ ଦିଲ୍ଲୀ ଚାଲ ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ବ୍ୟବସ୍ଥା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ । ଜନଜାତି ମାନଙ୍କ ମୌଳିକ ସ୍ୱାର୍ଥକୁ ସୁରକ୍ଷା ଦେବା ନିମନ୍ତେ, ସମ୍ବିଧାନର ୩୪୧ ଧାରାକୁ କଡାକଡି ପାଳନ ନିମନ୍ତେ ତଥା ମୂଳ ଜନଜାତିର ଲୋକଙ୍କୁ ଧର୍ମାନ୍ତରିତ ସୁବିଧାବାଦୀ ଜନଜାତିଙ୍କ ସ୍ୱାର୍ଥକବଳରୁ ମୁକ୍ତି ନିମନ୍ତେ ଅଖିଳ ଭାରତୀୟ ଜନଜାତି ସୁରକ୍ଷା ମଂଚ ତରଫରୁ ମଇ ୨୪ ତାରିଖ ଦିନ ଦିଲ୍ଲୀରେ ପ୍ରାୟ ଦୁଇ ଲକ୍ଷ ଲୋକଙ୍କ ସମାବେଶ ହେବ ବୋଲି ବନବାସୀ କଲ୍ୟାଣ ଆଶ୍ରମ ଯୁବା ଆୟାମ ବିଭାଗର ସହପ୍ରାନ୍ତ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର ସୂଚିତ କରାଇଥିଲେ ।କୋରାପୁଟ ଜିଲ୍ଲାରୁ ୧୦୦ ଜଣ ତଥା ଅବିଭକ୍ତ କୋରାପୁଟଜିଲ୍ଲାରୁ ୨୫୦ ଜଣ ଦିଲ୍ଲୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ସଂଯୋଜକ ଚିତ୍ରସେନ ଭୁମିୟା ପ୍ରକାଶ କରିଥିଲେ ।

# ଝାରସୁଗୁଡ଼ାରେ ଭୋଟର ତାଲିକା ସଂଶୋଧନ ଅଭିଯାନ

## ୨୮% ପ୍ରକ୍ରିୟା ଶେଷ

ଝାରସୁଗୁଡ଼ା: ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ଏବେ ଝାରସୁଗୁଡ଼ା ଜିଲ୍ଲାରେ ବ୍ୟାପକ ଭାବେ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଜିଲ୍ଲାର ମୋଟ ୪୩୮୪୩୩ ଜଣ ଭୋଟରଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୮ ପ୍ରତିଶତ ଭୋଟରଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇ ସାରିଲାଣି । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ ଓ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବିଭିନ୍ନ ବୁଥ୍ ପରିଦର୍ଶନ କରି ଏନୁମେରେସନ ଫର୍ମ ବଂଟନ କାର୍ଯ୍ୟର ପ୍ରତ୍ୟକ୍ଷ ସମୀକ୍ଷା ଓ ତଦାରଖ କରୁଛନ୍ତି । ଅପରପକ୍ଷେ, ଉପ-ଜିଲ୍ଲାପାଳ ତଥା ଆଇ ଆର ଓ ୦୭-ଝାରସୁଗୁଡ଼ା ସବ୍ୟସାଚୀ ପଣ୍ଡା ମଧ ଝାରସୁଗୁଡ଼ା ପୌରାଚଂଳର ବିଭିନ୍ନ ବୁଥ୍ରେ ଏହି ପ୍ରକ୍ରିୟାର ଅନୁଧ୍ୟାନ କରିଛନ୍ତି । ଏହି ସମୟରେ ବିଏଲଓ ମାନଙ୍କ ଦ୍ୱାରା ଭୋଟରମାନଙ୍କୁ ସୂଚନା ସଂଗ୍ରହ ପାଇଁ ଏନୁମେରେସନ ଫର୍ମ ବଂଟନ କରାଯାଉଛି । ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟରଙ୍କ ନିକଟରେ ପହଂଚିବା ପାଇଁ ଘରକୁ ଘର ବୁଲି ଏହି ଫର୍ମ ବଂଟନ ପ୍ରକ୍ରିୟା ଜାରି ରହିଛି, ଯାହା ମାଧ୍ୟମରେ ଏପର୍ଯ୍ୟନ୍ତ ଜିଲ୍ଲାରେ ମୋଟ୍ ୧,୨୨,୭୬୧ଟି ଏନୁମେରେସନ ଫର୍ମ ବଂଟନ କରାଯାଇସାରିଛି । ଜିଲ୍ଲାର ବିଭିନ୍ନ ଅଂଚଳରେ ଯଥା ଆଦିବାସୀ ଅଧୁଷିତ, ଦୁର୍ଗମ ଅଂଚଳ ସମେତ ସହର ଓ ଗ୍ରାମାଚଂଳର ପ୍ରତିଟି ଘରକୁ ଯାଇ ବିଏଲଓମାନେ ପରିଗଣନା ଫର୍ମ ବଂଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି । ଭୋଟର ତାଲିକାକୁ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଓ ସଂଶୋଧିତ କରିବା ପାଇଁ ସ୍ଥାନୀୟ ରାଜନୈତିକ ଦଳ ପକ୍ଷରୁ ନିଯୁକ୍ତ ବୁଥ୍ ସ୍ତରୀୟ ଏଜେଂଟମାନେ ମଧ କ୍ଷେତ୍ର ସ୍ତରରେ ବିଏଲଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି ।

# ନାଦନିକୁଞ୍ଜ ପକ୍ଷରୁ ସଙ୍ଗୀତ ଆସର

ବଲାଙ୍ଗିର(ପିପିଏସ୍) : ଗତ ରବିବାର ସନ୍ଧ୍ୟାରେ ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ ସଙ୍ଗୀତ ଆସର କାର୍ଯ୍ୟକ୍ରମ ଅନୁଷ୍ଠାନ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ର ଛାତ୍ରୀମାନେ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ସରସ୍ୱତୀଙ୍କ ବନ୍ଦନା ପରେ କଣ୍ଠ ସଙ୍ଗୀତରେ ସୁଶ୍ରୀ ଅର୍ଯ୍ୟା ଆଦ୍ୟାଶକ୍ତି ତ୍ରିପାଠୀ ରାଗ ରାଗେଶ୍ରୀ, ରୁଦ୍ରାଣୀ ପ୍ରିୟଦର୍ଶିନୀ ସାହୁ ରାଗ ବିଲାବଲ୍, ଦିବ୍ୟଶି ମହାନ୍ତି ରାଗ ୟମନ୍, ତ୍ରିଶା ରଥ ଓ ଅଂଶିକା ଗୁରୁ ଦ୍ୱୈତ କଣ୍ଠରେ ରାଗ ଭୀମ ପଲାସୀ ଓ ଶ୍ରୀ ଆର୍ଯ୍ୟମାନ ସିଂ ଦେଓ ଦେଶ ରାଗ ପରିବେଷଣ କରିଥିଲେ, ସେହିପରି ଓଡ଼ିଶୀ ନୃତ୍ୟରେ ଆରୁଷି ପାତ୍ର, ଦିବ୍ୟାଶା ଭୋଇ, ଆରାଧ୍ୟତା ପଧାନ ଓ ଅଭିଶ୍ରୀ ଭୋଇ ମଙ୍ଗଳା ଚରଣ, ପ୍ରଜ୍ଞା ମହାନ୍ତି ବଟୁ, ଏକାଂଶି ପଣ୍ଡା ଶିବ ତାଣ୍ଡବ ଓ ସ୍ୱରଞ୍ଜିକା ମେହେର ବିହୁ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର ଅଭିଭାବକ ଅଭଭାବିକା ଓ ଅନେକ ଗନ୍ୟ ମାନ୍ୟ ବ୍ୟକ୍ତି ରହି ଉପଭୋଗ କରିଥିଲେ । କର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡି. ଶଙ୍କର୍ ନାରାୟଣ ମୂର୍ତି, ଡ. ରେଶ୍ମା ରାଣୀ ଦାଶ, ଗୁରୁଶ୍ରୀ ଶୁଭ୍ରାଂଶୁ ଶେଖର ମିଶ୍ର ଓ ପ୍ରଭଞ୍ଜନ ରାୟଗୁରୁ ଓ ଅନୁଷ୍ଠାନ ର ଅନେକ ଛାତ୍ର ଛାତ୍ରୀ । କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ ଅନୁଷ୍ଠାନ ର କୁନି ଶିଳ୍ପୀ ସୁଶ୍ରୀ ଦେବାଂଶି କେଡିଆ ।

## ବିଷପିଇ ଯୁବକଙ୍କ ଆତ୍ମହତ୍ୟା

ଜୟପୁର : ଜୟପୁର ସଦରଥାନା ଅନ୍ତର୍ଗତ ଘାଟବାଗ୍ରା ଅଂଚଳରେ ଜଣେ ବିଷପିଇ ଆତ୍ମହତ୍ୟା କରିଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି । ମୃତକ ଜଣକ ହେଲେ ଗଙ୍ଗାଧର ବିଶୋଇ । ମୃତକଙ୍କ ପୁଅ କାର୍ତିକ ବିଶୋଇଙ୍କ ଲିଖିତ ଅଭିଯୋଗ ଅନୁଯାୟୀ କୌଣସି କାରଣରୁ ଘରେ ଥିବା କିଟନାଶକ ସାର ଖାଇଦେଇଥିଲେ । ତୁରନ୍ତ ଜୟପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୋ ବାପାଙ୍କ ମସ୍ତିଷ୍କବିକୃତ ଥିଲା ବୋଲି ସଦରଥାନାରେ ଲିଖିତ ଅଭିଯୋଗ କରିବାପରେ ସଦରପୁଲିସ ଶବବ୍ୟବଚ୍ଛେଦ କରିପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ପରିବେଶ ସୁରକ୍ଷା ପାଇଁ ଜନସଚେତନତା ସହ ବୃକ୍ଷରୋପଣ



ବିଶ୍ୱ ପରିବେଶ ଦିବସ




ଜୁନାଗଡ(ପିପିଏସ୍) : ବିଶ୍ୱ ପରିବେଶ ଦିବସ । ସାରା ବିଶ୍ୱରେ ପରିବେଶ ଆସନ୍ତୁଳିତ । ପ୍ରତ୍ୟେକ ଜୀବନ ମୂଲ୍ୟବାନ କ୍ଷ ବି ପ ର୍ଯ ୍ୟ ସ୍ତ ପରିଚାଳନା ଓ ହ୍ରାସ ଏକ ଜାତୀୟ ପ୍ରୟାସ । ସାରା ବିଶ୍ୱରେ ଜିରୋ କାଜୁୟାଲିଟି ପାଇଁ ଓଡିଶା ପ୍ରଶଂସନୀୟ । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦେଶବ୍ୟାପୀ ଚାଲିଥିବା ଏକ ପେଡ୍ ମା କେ ନାମ୍ ଅଭିଯାନରେ ସାମିଲ ହୋଇ ବୁଧବାର ଭାଜପା କଳାହାଣ୍ଡି ଜିଲ୍ଲା ଉପସଭାପତି ତଥା ଜୁନାଗଡ଼ର ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ ଓ ତ । ଙ୍କ ଧର୍ମପତ୍ନୀ ବୃକ୍ଷରୋପଣ କରିଛନ୍ତି।ଏହି ଅବସରରେ ଉଭୟ ମିଳିତ ଭାବେ ଏକ ଅମୃତଭଣ୍ଡା ଚାରା ରୋପଣ କରିଥିଲେ । ଶ୍ରୀ ଅଗ୍ରୱାଲ କହିଛନ୍ତି ଯେ, ମା ଆମକୁ ଜୀବନ ଦିଅନ୍ତି, ଆଉ ଗଛ ଆମକୁ ଜୀବନ ବାୟୁ ଦିଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଅଭିଯାନ ମା ଓ ପ୍ରକୃତି ପ୍ରତି ସମ୍ମାନ ଜଣାଇବାର ଏକ ମହତ୍ ମାଧ୍ୟମ । ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେଲେ ପରିବେଶ ସୁରକ୍ଷିତ ରହିବ । ସେ ଆହୁରି କହିଛନ୍ତି ଯେ ବଢୁଥିବା ତାପମାତ୍ରା, ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ଏକମାତ୍ର ଉପାୟ । ସେ ଜୁନାଗଡ଼ ଅଞ୍ଚଳର ସମସ୍ତ ନାଗରିକ, ଯୁବକ ଓ ସ୍ୱେଚ୍ଛାସେବୀ ସଂଗଠନକୁ ଏହି ଅଭିଯାନରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି ।ଶ୍ରୀମତୀ ଅଗ୍ରୱାଲ କହିଛନ୍ତି ଯେ, ଗଛ ଲଗାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ ତାକୁ ବଞ୍ଚାଇ ରଖିବା ସେତିକି ଜରୁରୀ । ମୁଁ ମୋ ମା' ଓ ଶାଶୁମା'ଙ୍କ ନାମରେ ଏହି ଗଛଟି ଲଗାଇଲି । ଏହାକୁ ନିଜ ପିଲା ଭଳି ବଢାଇବି ବୋଲି ନିଜ ମନ୍ତବ୍ୟ ରେ ପ୍ରକାଶ କରିଛନ୍ତି ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୬।୦୬।୨୦୨୬ ■ ଶନିବାର

## ସପ୍ତାହାନ୍ତ ବିଚାର

# ବାରବର୍ଷର ସଫଳତା ଓ ବିଫଳତା

ନରେନ୍ଦ୍ର ମୋଦୀ ସରକାର ନିଜ କାର୍ଯ୍ୟକାଳର ୧୨ ବର୍ଷ ପୂରଣ କରିବାକୁ ଯାଉଛି । ଏଥିଲାଗି ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ଅଭିଯାନ ଚଳାଯିବ, ଯହିଁରେ ଲୋକଙ୍କୁ ମୋଦୀ ସରକାରର ଉପଲବ୍ଧିସବୁ ସହିତ ଜନକଲ୍ୟାଣକାରୀ ଯୋଜନା ସଂକ୍ରାନ୍ତରେ ଅବଗତ କରାଯିବ । ଅବଶ୍ୟ ମୋଦୀ ସରକାରଙ୍କ ପାଖରେ ନିଜର ଉପଲବ୍ଧିସବୁ ସଂକ୍ରାନ୍ତରେ ଦର୍ଶାଇବା ଲାଗି ବହୁତ କିଛି ଅଛି ଓ ତାହା ପ୍ରତ୍ୟେକ ସରକାରଙ୍କ ଅଧିକାର ମଧ୍ୟ ଯେ ସେ ସବୁ ସଂକ୍ରାନ୍ତରେ ଲୋକଙ୍କୁ ଅବଗତ କରାଇବା । ଯଦି ମୋଦୀ ସରକାରଙ୍କ ଉପଲବ୍ଧିସବୁ ବିଷୟରେ ଉଲ୍ଲେଖ କରାଯାଏ ତେବେ ତାହାର ଏକ ଦୀର୍ଘ ତାଲିକା ହେବ। ଏହି ଉପଲବ୍ଧିମାନଙ୍କ ମଧ୍ୟରୁ କେତେକ ଏପରି ସାହସିକ ନିର୍ଣ୍ଣୟ ମଧ୍ୟ ରହିଛି, ଯହିଁରେ କେତେକ ସଂକ୍ରାନ୍ତରେ କୁହାଯାଇପାରେ ଯେ ତାହା କଳ୍ପନା କରିବା କଠିନ ଥିଲା ଯେ କୌଣସି ସରକାର ଏପ୍ରକାର ନିର୍ଣ୍ଣୟ ନେଇପାରିବ, ଯେପରିକି ଜାମ୍ମୁ-କାଶ୍ମୀରକୁ ନେଇ ଥିବା ୩୭୦ ଧାରାକୁ ହଟାଇଦେବା, ପାକିସ୍ତାନ ବିରୋଧରେ ଏୟାର ଷ୍ଟ୍ରାଇକ୍ କରିବା ଓ ପୁଣି ଅପରେସନ ସିନ୍ଦୂର । ଏହି ଦୁଇଟି ସାମରିକ ଅଭିଯାନ ବିଶେଷ ଗୁରୁତ୍ୱ ରଖେ କାରଣ କୌଣସି ପରମାଣୁ ଅସ୍ତ୍ରଶସ୍ତ୍ର ସଂପନ୍ନ ଦେଶ ଆଉ ଏକ ସେପରି ଦେଶ ଉପରେ ବିମାନରୁ ଆକ୍ରମଣ କରିବା ପ୍ରଥମଥର ଲାଗି ଘଟିଥିଲା । ଅଯୋଧ୍ୟାରେ ରାମଲାଲା ମନ୍ଦିର ନିର୍ମାଣର ରାସ୍ତା ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଥିଲେ, କିନ୍ତୁ ମୋଦୀ ସରକାର ନଥିଲେ ଏ ରାସ୍ତା ବାଧିତ ହୋଇଥାନ୍ତା ଓ ରାମଲାଲା ମନ୍ଦିର ନିର୍ମାଣ ବିଳମ୍ବିତ ହୋଇ ଚାଲିଥାନ୍ତା । ମୋଦୀ ସରକାର ନିଜର ତୃତୀୟ ମୂଳ ଏଜେଣ୍ଡା ସମାନ ନାଗରିକ ସଂହିତା ଦିଗରେ ମଧ୍ୟ ଆଗକୁ ବଢ଼ିଛନ୍ତି ।

ଜିଏସଟି ଲାଗୁ ହେବା ମଧ୍ୟ ଏ ସରକାରଙ୍କର ଏକ ବଡ଼ ଉପଲବ୍ଧି ମଧ୍ୟରୁ ଗୋଟିଏ । ଏମିତି ବି ନୋଟ ଅଚଳ ମଧ୍ୟ ଏକ ସାହସିକ ନିର୍ଣ୍ଣୟ ଥିଲା, କିନ୍ତୁ ସେ ନେଇ ସେପରି ସକାରାତ୍ମକ ପରିଣାମ ମିଳିପାରିଲା ନାହିଁ, ଯେପରି ଆଶା କରାଯାଉଥିଲା । ମାଓବାଦୀଙ୍କ ଉତ୍ପାତକୁ ଦମନ କରିବା ମଧ୍ୟ ମୋଦୀ ସରକାରଙ୍କର ଏକ ବହୁତ ବଡ଼ ଉପଲବ୍ଧି । କିଛି ବର୍ଷ ପୂର୍ବେ ମାଓବାଦୀଙ୍କ ଆତଙ୍କକୁ ଲୋପ କରିବା ଅସମ୍ଭବ ମନେ କରାଯାଉଥିଲା, କିନ୍ତୁ ମୋଦୀ ସରକାର ଓ ବିଶେଷ କରି ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶଳ ନେତୃତ୍ୱ ଏହାକୁ ସମ୍ଭବ କରିପାରିଛି ଓ ତାହା ମଧ୍ୟ ଠିକଣା ସମୟରେ । ଗତ ୧୨ ବର୍ଷ ଭିତରେ ଭିତ୍ତିଭୂମିର ନିର୍ମାଣ ମଧ୍ୟ ଅଭୂତପୂର୍ବ ପ୍ରଗତି ହୋଇଛି । ଦେଶ ସାରା ସଡ଼କ ଗୁଡ଼ିକର ନିର୍ମାଣ ଖୁବ୍ ଶୀଘ୍ର କରାଯାଇ ପାରିଛି । ସେହିପରି ପୋଲ, ବିଦ୍ୟୁତ ସରବରାହ, ବିମାନ ବନ୍ଦର ମଧ୍ୟ ନିର୍ମିତ ହୋଇଛି ଓ ରେଳ ଚଳାଚଳରେ ମଧ୍ୟ ବିକାଶ ଘଟିଛି । ଗ୍ରାମୀଣ ବିକାଶ ମୂଳକ ଯୋଜନା ସବୁ ମଧ୍ୟ ଗତି ପାଇଛି । ଦେଶରେ ଡିଜିଟାଲୀକରଣ ବି ଦ୍ରୁତଗତିରେ ହୋଇଛି । ଏଥିଯୋଗୁଁ ଭାରତ ଡିଜିଟାଲ ନେରଦେଣ ମାମଲାରେ ବିଶ୍ୱରେ ଅଗ୍ରଣୀ ହୋଇପାରିଛି । ବିକାଶ ସହିତ ପ୍ରଭାବଶାଳୀ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ଏକ ଦୀର୍ଘ ତାଲିକା ଅଛି । ସବୁ ଯୋଜନା ସାଧାରଣ ନାଗରିକଙ୍କ ଜୀବନକୁ ବଦଳାଇଛି । ଶୌଚାଳୟ ନିର୍ମାଣ, ଉଜ୍ଜ୍ୱଳା, ଆବାସ, ବିଦ୍ୟୁତ୍, ଆୟୁଷ୍ମାନ, କିଷାନ ସମ୍ମାନ ନିଧି, ମାଗଣା ଚାଉଳ ଭଳି ଯୋଜନା ବାସ୍ତବରେ ଲୋକଙ୍କୁ ଲାଭାନ୍ୱିତ କରିଛି । ଜନଧନ ଯୋଜନା ଗରିବ ଲୋକଙ୍କୁ ବିତ୍ତୀୟ ସମାବେଶରେ ଏକ ବଡ଼ ଉଦାହରଣ ହୋଇଛି । ଏ ଯୋଜନା ଦ୍ୱାରା କୋଟି କୋଟି ଲୋକଙ୍କୁ ଦାରିଦ୍ର୍ୟ ପରିଧିରୁ ବାହାରିବା ଲାଗି ସହାୟକ ହୋଇଛି । ମୋଦୀ ସରକାର ସିଦ୍ଧ କରି ଦେଖାଇଛି ଯେ ତାହାକୁ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରଭାବଶାଳୀ ଢଙ୍ଗରେ କ୍ରିୟାନ୍ୱୟନ କରିବା ଆସେ । ଏଇ ୧୨ ବର୍ଷରେ ରାଷ୍ଟ୍ରୀୟ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଅନେକ କାର୍ଯ୍ୟ ହୋଇପାରିଛି ।

ଯଦି ଆଜି ଭାଜପା ନେତୃତ୍ୱରେ ଏନଡିଏର ୨୨ଟି ରାଜ୍ୟରେ ସରକାର ଅଛି ତେବେ ଏହା ପଛରେ ଏକ ବଡ଼ କାରଣ ହେଉଛି ମୋଦୀ ସରକାରଙ୍କ ରୀତି-ନୀତି । କେତେକ ଅଜେୟ ବୋଲାଉଥିବା ରାଜ୍ୟମାନଙ୍କରେ ମଧ୍ୟ ଭାରତୀୟ ଜନତା ପାର୍ଟି ଇତିମଧ୍ୟରେ ସରକାର ଗଢ଼ିବାକୁ ସକ୍ଷମ ହୋଇଛି । ବିରୋଧୀ ପକ୍ଷକୁ ଭାଜପାର ମୁକାବିଲା କରିବା କଠିନ ହେଉଛି । ଯେକୌଣସି ସରକାର ହେଉ ନା କାହିଁକି, ତାହାର ପ୍ରତ୍ୟେକ ଯୋଜନା କଷଟିରେ ପରୀକ୍ଷିତ ହୋଇ ସଫଳତା ପାଇପାରେ ନାହିଁ । ମେକ ଇନ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ଭଳି ଯୋଜନା ସେପରି ଆଶାନୁରୂପ ପରିଣାମ ଦେଇପାରି ନାହିଁ । କୃଷକଙ୍କ ଆୟ ଦୁଇଗୁଣ କରିବାର ଲକ୍ଷ୍ୟ ପୂରା ହୋଇପାରି ନାହିଁ । ସାଧାରଣତଃ ପ୍ରତ୍ୟେକ ସରକାରଙ୍କ ସମୟରେ ମହଙ୍ଗାସ୍ଥିତି ଓ ବେକାରୀ ସମସ୍ୟା ରହିଥାଏ । ମୋଦୀ ସରକାରଙ୍କ ଆଗରେ ଏ ଦୁଇଟି ପ୍ରସଙ୍ଗ ବଡ଼ ଆହ୍ୱାନପୂର୍ଣ୍ଣ ହୋଇ ଛିଡ଼ା ହୋଇଛି । ଏବେ ଯେବେ ମୋଦୀ ସରକାର ନିଜର ୧୨ ବର୍ଷର ଉପଲବ୍ଧିର ଗୁଣାଗାନ କରିବା ଆରମ୍ଭ କରିଛି, ସେତେବେଳେ କାହାକୁ ସେ ସବୁ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଦରକାର ଯେ କେତେକ କ୍ଷେତ୍ରରେ ତାହାକୁ ବିଫଳତା ମଧ୍ୟ ମିଳିଛି, ଯହିଁରେ ତାହାକୁ ସଫଳତା ଅର୍ଜନ କରିବାର ଥିଲା । ଉଦାହରଣ ସ୍ୱରୂପ ଶିକ୍ଷା ଓ ପରୀକ୍ଷା । ଏହାର ପ୍ରକ୍ରିୟାରେ ସୁଧାର ଆସିବା ଦରକାର, କିନ୍ତୁ ନୂତନ ଶିକ୍ଷାନୀତି ପ୍ରଣୟନ ପରେ ମଧ୍ୟ ଶିକ୍ଷାର ସ୍ଥିତି ସନ୍ତୋଷଜନକ ନୁହେଁ ଏବଂ ପରୀକ୍ଷା, ବିଶେଷକରି ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକର ସ୍ଥିତି ଅତ୍ୟନ୍ତ ଖରାପ । ଏ ମାମଲାରେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଏକାସାଥୀରେ ଗୋଟିଏ ଡଙ୍ଗାରେ ବସିଛନ୍ତି । ମଝିରେ ମଝିରେ ପ୍ରଶ୍ନପତ୍ର ଲିକ୍ ହେଉଛି । ମୋଦୀ ସରକାରଙ୍କର ଏକ ବଡ଼ ବିଫଳତା ହେଉଛି ନ୍ୟାୟକୁ ସୁଲଭ ଓ ସୁଗମ ନ କରିପାରିବା, ନ୍ୟାୟିକ ବ୍ୟବସ୍ଥା ଦେଶର ବିକାଶରେ ଏକ ବଡ଼ ବାଧା ସଦୃଶ ହୋଇଛି । ସେହିପରି ଏକ ବଡ଼ ବାଧା ହେଉଛି ସରକାରୀ କାର୍ଯ୍ୟରେ ବ୍ୟାପ୍ତ ଦୁର୍ନୀତି-ଭ୍ରଷ୍ଟାଚାର । ଦୁର୍ନୀତି, ଏକପ୍ରକାରେ ଅଦମନୀୟ ହୋଇଯାଇଛି । ଯେଉଁଠି ନିର୍ମାଣ କାର୍ଯ୍ୟ ହେଉଛି, ସେଠି ଭ୍ରଷ୍ଟାଚାର ତ ହେଉଛି, ତା'ଛଡ଼ା ଯେଉଁଠାରେ କିଛି ବି ସରକାରୀ ଅନୁମତି, ଅନୁମୋଦନ ଆଦିର ଆବଶ୍ୟକତା ହେଉଛି, ସେଠି ମଧ୍ୟ ନେଣଦେଣ ହେଉଛି । ସ୍ମାର୍ଟ ସିଟି ଯୋଜନା ଏକପ୍ରକାରେ ବିଫଳ ହୋଇଛି ବୋଲି କହିବାକୁ ହେବ ଓ ଦେଶର ସବୁ ସହରଗୁଡ଼ିକ ଅବ୍ୟବସ୍ଥିତ ଢଙ୍ଗରେ ବଢ଼ିଚାଲିଥିବା ବେଳେ ବିକଶିତ ଭାରତର ଲକ୍ଷ୍ୟ ହାସଲ କ୍ଷେତ୍ରରେ ବଡ଼ ବାଧା ଭାବେ ଦଣ୍ଡାୟମାନ ।

ତେଣୁ କେବଳ ଆବଶ୍ୟକ ନୁହେଁ ଅନିବାର୍ଯ୍ୟ ମଧ୍ୟ ହୋଇଗଲାଣି ଯେ ମୋଦୀ ସରକାର ନିଜର ୧୨ ବର୍ଷର ଉପଲବ୍ଧିସବୁକୁ କହିବାକୁ ପ୍ରସ୍ତୁତ ହେଲାବେଳେ ଏସବୁ ପ୍ରତି ଗମ୍ଭୀରତାର ସହ ଦୃଷ୍ଟି ଦେବାକୁ ହେବ । ତାହା ଅନେକ କ୍ଷେତ୍ରରେ ସଫଳତା ହାସଲ କରିଥିଲେ ମଧ୍ୟ ଯେଉଁ କାରଣରୁ ଦେଶରେ ଅସନ୍ତୋଷ ବଢ଼ୁଛି ତାହାର ସମାଧାନ ଲାଗି ପ୍ରଯତ୍ନ କରିବାକୁ ହେବ । ❐❐

# ସମଗ୍ର ବିଶ୍ୱ ଏବେ ଯୁଦ୍ଧମୁହାଁ



**ମାୟାଧର ନାୟକ**

ଯୁଦ୍ଧଯୋଗୁ ଜଗତରେ ଜଘନ୍ୟ ଘଟଣାମାନ ଘଟିଚାଲିଛି । ଏ ଘୋର କଳିକାଳରେ କେବଳ ଯୁଦ୍ଧ ନୁହେଁ – ମହାମାରୀ ମଧ୍ୟ ମାଡିଆସୁଛି । ଯୁଦ୍ଧ, ଭୋକ-ରୋଗରେ ସାରାସଂସାର ଜୀବଜଗତ ଛଟପଟ ହେଉଛନ୍ତି । ନାରୀ, ଜମି, ଧର୍ମ ପାଇଁ ଯୁଦ୍ଧ । ଏବେକାର ଯୁଦ୍ଧ ଜମି ଅର୍ଥାତ୍ ଦେଶ ଦଖଲ, ଧର୍ମ-ଧର୍ମ ମଧ୍ୟରେ ଯୁଦ୍ଧ । ପୃଥିବୀର ୪ଟି ଦେଶ ବର୍ତ୍ତମାନ ଭୟଙ୍କର ବିପତ୍ତି ସୃଷ୍ଟି କରୁଛନ୍ତି । ରୁଷ୍, ଚୀନ୍, ଆମେରିକା, ଇସ୍ରାଏଲ୍ ନେତୃବର୍ଗ ପାଗଳ ଭଳି ଆଚରଣ କରି ସମଗ୍ର ବିଶ୍ୱକୁ ଧ୍ୱଂସଆଡକୁ ଟାଣିନେଉଛନ୍ତି । ଯୁଦ୍ଧର ଐତିହାସିକ ପୃଷ୍ଠଭୂମି ଉପରେ ନଜର ପକାନ୍ତୁ । ପ୍ରଥମ ବିଶ୍ୱଯୁଦ୍ଧରେ ଓଟୋମାନ୍ ସାମ୍ରାଜ୍ୟ ପରାଜିତ ହେବାପରେ ପାଲେଷ୍ଟାଇନ୍ ଉପରେ ବ୍ରିଟେନ୍‌ର ଆଧିପତ୍ୟ ବୃଦ୍ଧି ପାଇଲା । ସେତେବେଳେ ପାଲେଷ୍ଟାଇନ୍‌ରେ ସଂଖ୍ୟାଲଘୁ ଇହୁଦି ଓ ସଂଖ୍ୟାବହୁଳ ଆରବୀୟ ବସବାସ କରୁଥିଲେ । ଆନ୍ତର୍ଜାତିକ ସମୁଦାୟ ବ୍ରିଟେନ୍‌କୁ ପାଲେଷ୍ଟାଇନ୍‌ରେ ଏକ ଇହୁଦି ରାଜ୍ୟ ଗଠନ ଦାୟିତ୍ୱ ଦେଲେ । ପାଲେଷ୍ଟିନୀୟ ନିଜ ଦେଶରେ ଇହୁଦିଙ୍କୁ ଜାଗା ଦେବାକୁ ଚାହୁଁ ନଥିବାରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଯେଉଁ ବିବାଦ ସୃଷ୍ଟି ହୋଇଥିଲା ତାହା ବର୍ତ୍ତମାନର ରୂପ ନେଇଛି ।

ସୂଚନାଯୋଗ୍ୟ ଯେ ୧୯୨୦ ଓ ୧୯୪୦ ଦଶକରେ ପାଲେଷ୍ଟାଇନ୍‌ରେ ଇହୁଦି ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ସେମାନେ ନିଜ ପାଇଁ ଏକ ଜାଗା ବା ରାଜ୍ୟ ଖୋଜୁଥିଲେ । ୧୯୪୭ରେ ଜାତିସଂଘ ପାଲେଷ୍ଟାଇନ୍‌କୁ ବିଭାଜନ କରି ସ୍ୱତନ୍ତ୍ର ଇହୁଦି ଓ ଆରବ ରାଷ୍ଟ୍ର ଗଠନ ଓ ଜେରୁଜେଲମକୁ ଆନ୍ତର୍ଜାତିକ ପ୍ରଶାସନ ଅଧୀନରେ ରଖିବାକୁ ପ୍ରସ୍ତାବ ଥିଲା । ଇହୁଦିମାନେ ଏଥିରେ ଖୁସି ହୋଇଥିଲେ; କିନ୍ତୁ ଆରବୀୟ ରାଗିଯାଇଥିଲେ । ବହୁକାଳରୁ ଆରବଙ୍କ ଅତ୍ୟାଚାରରେ ନିଜ ଭିଟାମାଟିହରାଇ ବିଶ୍ୱର ବିଭିନ୍ନସ୍ଥାନରେ ଆଶ୍ରୟ ନେଇଥିବା ଇହୁଦିମାନେ ନିଜର ଏକ ରାଜ୍ୟପାଇବାପରେ ସେଠାକୁ ଫେରିଲେ ଓ କ୍ରମଶଃ ନିଜର ଶକ୍ତି ବୃଦ୍ଧିକଲେ । ଇସ୍ରାଏଲ-ପାଲେଷ୍ଟାଇନ୍‌ରେ ରକ୍ତର ହୋରିଖେଳ ଚାଲିଛି । ଯେଉଁମାନେ ଯୁଦ୍ଧ କ'ଣ ଜାଣିନାହାଁନ୍ତି – ଶତ୍ରୁତା କ'ଣ ବୁଝିନାହାଁନ୍ତି – ସେଇ ସାଧାରଣ ନାଗରିକ ଓ ନାରୀ, ଶିଶୁମାନଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ହତ୍ୟା କରାଯାଉଛି । ବର୍ବରତାର ସୀମା ଟପିଗଲାଣି । ୧୯୭୧ ଜାନୁୟାରୀ ୧୪ ତାରିଖରେ ପାକିସ୍ତାନ କବଜାରୁ ପୂର୍ବବଂଗ ମୁକ୍ତିପାଇଁ ଜନ୍ମନେଲା ନୂତନ ବଂଗଳାଦେଶ । ଜଣେ ଭାରତୀୟ ସାମ୍ବାଦିକ ଭାବେ 'ସମାଜ'ର ପ୍ରତିନିଧିତ୍ୱ କରି ବଂଗଳାଦେଶ ଯାଇ ୨୭ଦିନ ବିଭିନ୍ନ ସ୍ଥାନ ପରିଭ୍ରମଣ, ବଂଗଳାଦେଶ ଜାତିରପିତା ଶେଖ୍ ମଜବୁର ରହମନଙ୍କ ସହ ସାକ୍ଷାତ ଆଲୋଚନା, ବିଭତ୍ସ ଗଣହତ୍ୟାର ବିବରଣୀ ଓ ସେସବୁ ସ୍ଥାନ ପରିଦର୍ଶନକରି ସମ୍ବାଦ ପ୍ରେରଣ କରିଛି । ଏଇ ୫୨ବର୍ଷ ମଧ୍ୟରେ କେତେ ନଦୀରେ କେତେଜଳ ବୋହିଗଲାଣି, କେତେଯେ ମୌସୁମୀବାୟୁ ପ୍ରବାହିତ ହୋଇଗଲାଣି, ଦେଶେଦେଶେ କେତେଯେ ନିରୀହ ମଣିଷ ମାଲିକ, ଖଣ୍ଡଯୁଦ୍ଧର ଯଜ୍ଞବେଦୀରେ ବଳିପଡିଗଲେଣି, ତା'ର ମୁକସାକ୍ଷୀ କେବଳ ଇତିହାସ । ଅନୁଧ୍ୟାନ କରିଛି – ଆମେରିକା-ଭିଏତ୍‌ନାମର ୨୩ବର୍ଷ ଯୁଦ୍ଧ, ଏବେ ଦେଖୁଛି ରୁଷ-ୟୁକ୍ରେନ୍ ଯୁଦ୍ଧ, ପାଲେଷ୍ଟାଇନ୍-ଇସ୍ରାଏଲ ଜଘନ୍ୟ ମହାଯୁଦ୍ଧ ସାରାଜଗତ ଜଳୁଛି ।

ସଂପ୍ରତି ଯୁଦ୍ଧର କଳାବାଦଲ ସାରାଆକାଶକୁ ଆଚ୍ଛାଦିତ କଲାଣି । ମେଦିନୀ ଥରୁଛି । ଏ ପୃଥିବୀର ୪ ଭାଗରୁ ଭାଗେ ସ୍ଥଳ ପାଇଁ ଦେଶ ଦେଶ ମଧ୍ୟରେ କେତେଯେ ଯୁଦ୍ଧ ହୋଇଗଲାଣି, କେତେଯେ ଧନସଂପତ୍ତି ଜୀବନ ନଷ୍ଟ ହେଲାଣି ତା'ର ହିସାବ କରିବା କଷ୍ଟକର । ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାରାବିଶ୍ୱ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲା । ଏବେ ମଧ୍ୟ ରୁଷ-ୟୁକ୍ରେନ୍, ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ବିଶ୍ୱର ବିଭିନ୍ନ ଦେଶ ପକ୍ଷଭୁକ୍ତ ହେବାରେ ଲାଗିଛନ୍ତି ।

ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ସମଗ୍ର ବିଶ୍ୱରେ ଶୀତଳଯୁଦ୍ଧ ଲାଗିରହିଛି । ଆମେରିକା-ଭିଏତନାମ୍ ଯୁଦ୍ଧ, ତୁର୍କୀ-ସିରିଆ ଯୁଦ୍ଧ, ଚୀନ୍-ଭାରତ ଯୁଦ୍ଧ, ପାକିସ୍ତାନ-ଭାରତ ଏବେ ରୁଷ-ୟୁକ୍ରେନ୍ – ସଂପ୍ରତି ପାଲେଷ୍ଟାଇନ୍-ଇସ୍ରାଏଲ୍ ଯୁଦ୍ଧ ପ୍ରମୁଖ ଭାବେ ଦେଖାଦେଇଛି । ଲେବାନନ୍‌ର ଲଢୁଆ ଗୋଷ୍ଠୀ ହିଜିବୁଲ୍ଲାହା ଯୁଦ୍ଧକ୍ଷେତ୍ରରେ । ଇରାନ୍-ସିରିଆ ସହାୟତା ଯୋଗାଇଦେଉଛନ୍ତି । ପାଲେଷ୍ଟାଇନ୍ ହମାସ୍ ଆକ୍ରମଣକୁ ଇରାନ୍-ରୁଷ୍-ଚୀନ୍ ସମସ୍ତ ମଦଦ୍ ଯୋଗାଇଦେଉଛନ୍ତି । ଯୁଦ୍ଧଭୂମିରେ ବିଶେଷକରି ଇସ୍ରାଏଲ୍-ପାଲେଷ୍ଟାଇନ୍ ରାସ୍ତାରେ କୁଢକୁଢ ଶବର ପାହାଡ । ମଧ୍ୟପ୍ରାଚ୍ୟ ଯୁଦ୍ଧଯୋଗୁ ତୈଳ ସଂକଟ ଦେଖାଯିବ । ଇରାନ୍ ତୈଳ ସମ୍ପଦରେ ବଳିଆନ୍ । ସେଠାରୁ ତୈଳ ନଆସିଲେ ଡିଜେଲ୍-ପେଟ୍ରୋଲ୍ ଦାମ୍ ବଢିଯିବ । ଏହା ବିଶ୍ୱସଂକଟରେ ପରିଣତ ହେବ । ଏଇ ବିଶ୍ୱରେ ବିଭିନ୍ନ ଧର୍ମାବଲମ୍ବୀ ପ୍ରାୟ ସବୁଦେଶରେ ମିଳିମିଶି ବାସ କରୁଛନ୍ତି । ଖ୍ରୀଷ୍ଟିଆନ୍, ମୁସଲିମ୍, ହିନ୍ଦୁ, ଇହୁଦି, ଜିଉ, ବୌଦ୍ଧ, ଜୈନ ପ୍ରମୁଖ ଧର୍ମ ଏବଂ ସେମାନଙ୍କର ପ୍ରାର୍ଥନା ପାଇଁ ଗୀର୍ଜା, ମସଜିଦ୍, ଚର୍ଚ୍ଚ, ମନ୍ଦିର ଗଢିଉଠିଛି । ଯାହାଫଳରେ ଏଇ ଜମି, ସଂପତ୍ତି, ଧର୍ମକୁ ନେଇ ଅହରହ ଯୁଦ୍ଧ ଲାଗିଚାଲିଛି । ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ବିଶ୍ୱ ଦୁଇଭାଗ ହୋଇଗଲାଣି । ଇସ୍ରାଏଲ ପକ୍ଷରେ ଭାରତ, ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ, ଫ୍ରାନ୍ସ, ପୋଲାଣ୍ଡ, କାନାଡା, ସ୍ପେନ୍, ଜର୍ମାନୀ, ୟୁରୋପୀୟ ଦେଶ ସମୂହ ଏବଂ ପାଲେଷ୍ଟାଇନ୍ ପକ୍ଷରେ ଆରବ ଲିଗ୍‌ର ୨୨ଟି ଦେଶ ଇରାକ୍, ଇରାନ, ଅଲଜେରିଆ, ଲେବାନନ୍, ଲିବ୍ୟା, ମରକ୍କୋ, କତାର, ସାଉଦିଆରବ, ୟୁଏଇ, ସୋମାଲିଆ, ସୁଦାନ, ଟୁନିସିଆ, ଜିବୁତି, ୟେମେନ୍ ଦକ୍ଷୀଣଆଫ୍ରିକା, ରୁଷ, ଚୀନ୍, ଉତ୍ତରକୋରିଆ ଆଦି ଦେଶ ଅଛନ୍ତି । ଏହି ଯୁଦ୍ଧରେ ସମଗ୍ର ବିଶ୍ୱରେ ଗୁଇନ୍ଦା ଏଜେନ୍ସି ବିଫଳ ହୋଇଛି । ଇସ୍ରାଏଲ, ଆମେରିକା ଗୁଇନ୍ଦାସଂସ୍ଥା ଜାଣିପାରିଲାନାହିଁ । ଯେଉଁମାନଙ୍କ ପାଖରେ ପରମାଣୁବୋମା ଅଛି ସେମାନେ ଯଦି ରାଗରେ ବଟନ୍ ଦବେଇଦିଅନ୍ତି – ତା'ହେଲେ ସମଗ୍ର ବିଶ୍ୱରେ ଘୋର ବିପର୍ଯ୍ୟୟ ଘଟିବ । ବିଶ୍ୱଧ୍ୱଂସର କାରଣ ହେବ । ଆମର ଏ ବିଶ୍ୱ ଏବେ ଏକ ବିୟୋଗାତ୍ମକ ବିଶ୍ୱ – ଯାହା ଦିନଦିନ, ମାସମାସ, ମସିହାମସିହା ଧରି ଲଗାତାର୍ ଲହୁଲୁହାଣ, ମଣିଷମରା ଯୁଦ୍ଧ-ମହାଯୁଦ୍ଧର ଜଘନ୍ୟତମ ହିଂସ୍ର ହୁଂକାରମୟ ଅବଦାନ – ଏ ମୁମୂର୍ଷୁ ମଣିଷଜାତିକୁ । ଯୋଜନାବଦ୍ଧ ଏ ବର୍ବର ଯୁଦ୍ଧପର୍ବର ଧୂସର ଦସ୍ତାବିଜ୍ ତିଆରି କରିଛି ସେହି ଅତନ୍ଦ୍ର ଅମାନୁଷିକ ଦର୍ଶନ – ଯାହାର ପାପ ପ୍ରେରଣାରେ କରୋନାର କୃତାନ୍ତକାଳ କବଳିତ କଲା ଆମର ଏ ଫୁଲଫସଲର ଦରଫୁଟା ପୃଥିବୀ ଗ୍ରହକୁ, ଖେଳନା କଲା ବିଜ୍ଞାନକୁ – ପୃଥିବୀକୁ ଖତମ୍ କରିବାକୁ କସମ୍ ଖାଇଥିବା ଗୋଟାଏ ଖଳନାୟକ ସଜାଇ, ବଟକରା କଲା ମଣିଷର ବୁଦ୍ଧିବିଦ୍ୟାବିତ୍ତକୁ ମୁନାଫାର ମହାମାରୀଚକ୍ରଚାଳନାକାରୀମାନଙ୍କ ପଲାରେ ! ରାଜନୀତି-ଅର୍ଥନୀତି-ସମାଜନୀତିକୁ ପଙ୍ଗୁକରି ବ୍ୟକ୍ତିବାଦର ଏକ ବିଘାତକାରୀ ବ୍ୟଭିଚାରୀ ବିକୃତବିଳାସୀ ବଣିକତନ୍ତ୍ର ନିଜ ମୁଣାଗୁଡାକରେ ମାଣିକ ଭରିବାପାଇଁ ଆମ ସୁନାକୁ ଭେଣ୍ଡି କଲା ଆଉ ତମାମ୍ ମଣିଷର ମଇଦାନରେ ଖେଳାଇ ଦେଲା ଘୃଣା, ସଂଶୟ, ସଂକଟର ବିକଟ ଜୀବାଣୁପଂଜୁ – ପରସ୍ପର ପ୍ରତି ! ଯୋଜନାବଦ୍ଧ ଏପରି ଅଭାବନୀୟ ଅବିଶ୍ୱାସ ଯୁଦ୍ଧମହାଯୁଦ୍ଧର ଭିତିପ୍ରସ୍ତର ସ୍ଥାପକବର୍ଗ ସମ୍ବନ୍ଧରେ ଏହା ଏକ ଚରମ ସତର୍କବାଣୀ : ସଇତାନ୍ ସାବଧାନ୍ !

କୋଉ ଭଗବାନ କେଉଁ ଦେଶରେ ଅଛନ୍ତି–ଏ ଜଘନ୍ୟ କାଣ୍ଡକୁ ଦେଖି ପ୍ରତିକାର କରିବେ ? କୌଣସି ଦେଶର କୌଣସି ସ୍ଥାନ ବର୍ତ୍ତମାନ ସୁରକ୍ଷିତ ନୁହେଁ । ହଜାର ହଜାର ବର୍ଷ ଧରି ଜାତି-ଜାତି ମଧ୍ୟରେ ପ୍ରଚଳିତ ସାଂସ୍କୃତିକ ବୈଚିତ୍ର୍ୟସଂପନ୍ନ ନାନା ଭେଦବୈଷମ୍ୟ ବଳବତ୍ତର ରହିଆସିଥିବା ସତ୍ତ୍ୱେ ବିଶ୍ୱ ସଭ୍ୟତାର ଗତି ଥିଲା ଅବାଧ, ଅବ୍ୟାହତ, ଏପରିକି ପ୍ରଚୁର ପ୍ରତିକୂଳତା ସତ୍ତ୍ୱେ ସ୍ୱାଭାବିକ ମଧ୍ୟ । ଆଜି କିନ୍ତୁ ସେ ଜାତି ସଂସ୍କୃତିରୀତିଗତ ବୈଚିତ୍ର୍ୟକୁ 'ଶତ୍ରୁ' ବୋଲି ଚିହ୍ନଟକରି ପ୍ରଚଣ୍ଡ ହିଂସ୍ରତାର ବିଷବାର୍ତ୍ତା ପ୍ରଚାର କରାଯାଉଛି । ଫୁଲପତ୍ରର ଏଇ ପୃଥିବୀରେ ପ୍ରତିହିଂସା ନିଜ ବିଷବୃକ୍ଷର କଣ୍ଟା ବିଛାଇ କେତେଯେ ଅଘଟଣ ଘଟାଇ ଯାଇଛି – କେବଳ ଇତିହାସ ତା'ର ହିଁ ମୁକସାକ୍ଷୀ । ସବୁଠି କ୍ଷମତା ଓ ସଂପତ୍ତି ଲୋଭରେ ରକ୍ତପାତ । ଏବେ ମଧ୍ୟପ୍ରାଚ୍ୟରେ ରକ୍ତଯୁଦ୍ଧ ଜଘନ୍ୟ ଆଡକୁ ଗତିକରିଛି । ମଣିଷପଣର ମଶାଣିପଦାରେ ପରିଣତ ହୋଇଗଲାଣି । ଏହି ନିଷ୍ଠୁରତା ବନ୍ଦ କରିବାକୁ ବିଶ୍ୱବାସୀ ଆଗେଇ ଆସନ୍ତୁ ।

ଯାଜପୁର ରୋଡ, ଯାଜପୁର
ମୋ:୯୮୬୧୦୩୪୧୬୩

# ଦେଲେ ପାଇବେ

**ଧ୍ରୁବ ଚରଣ ଘିବେଲା**

ଦେବା ଏକ ଦିବ୍ୟ ଗୁଣ । ଦେବାରେ ଥାଏ ମହାନତା ଓ ସ୍ୱଚ୍ଛ ଭାବ । ଦେଲେ ବଢ଼େ ଜ୍ଞାନ ଓ ଦେଲେ ବାଣ୍ଟିଲେ କମେ ନାହିଁ ଜ୍ଞାନ ଓ ଦେଲେ ବରଂ, ବଢ଼େ । ସେଇଥିପାଇଁ ତ କୁହାଯାଇଛି –'ଚୌରାଣାପି ନ ନିୟତେ, ଜ୍ଞାତିଭି ବଣ୍ଟତ୍ୟେ ନୈବ , ଦାନେନ ନ କ୍ଷୟଂ ଯାତି, ବିଦ୍ୟାରନ୍ଂ ମହାଧନମ' । ଅର୍ଥାତ ଜ୍ଞାନକୁ ଚୋରମାନେ ନେଇପାରିବେ ନାହିଁ, ଜ୍ଞାତିପରିଜନ ବି ବାଣ୍ଟିକି ନେଇ ପାରିବେ ନାହିଁ, ଦାନ କଲେ କ୍ଷୟ ହୁଏ ନାହିଁ, ତେଣୁ ବିଦ୍ୟା ଅଟଇ ମହାଧନ ଓ ସଭିଏଁ କର ଉପାର୍ଜ୍ଜନ ଓ ତେବେ ଯେ ଦିଏ ସେ ଦାତା । ଯେ ନିଏ ସେ ଗ୍ରହୀତା । ପୁଣି ଦିଏ କିଏ ? ଯାହା ପାଖେ ଥାଏ ସେ ଦିଏ । ଦେବାର କ୍ଷମତା ସାମର୍ଥ୍ୟ ଯାହାଠି ଥାଏ,ସେ ଦିଅନ୍ତି । ଏଇଠି ପ୍ରଶ୍ନ ଉଠିପାରେ ଜଣେ ଦେବ କଣ ? ଦେବା କଥା ଉଠିଲେ ଅନେକ କିଛି ଦିଆଯାଇପାରେ । ଏହାର ଏକ ତାଲିକା ତିଆରି କରାଗଲେ ତାହା ଏକ ପ୍ରକଳ୍ପ ପ୍ରୋଜେକ୍ଟ କାର୍ଯ୍ୟ ହୋଇପାରେ । ଧନ ଦିଆଯାଇପାରିବ, ଯେ କୌଣସି ଦ୍ରବ୍ୟ/ ବସ୍ତୁ ଦିଆଯାଇପାରିବ, ସିଧାସଳଖ ଧନ ବା ଦ୍ରବ୍ୟ ଦେଇନ ପାରିଲେ ବି ଜଣକ ପଛରେ ବିପଦ ବେଳେ ଠିଆ ହୋଇ ତାଙ୍କୁ ସାହସ/ଦମ୍ଭ ଯୋଗାଇ ଦିଆଯାଇପାରେ । ଜଣକ ପଛରେ ଠିଆ ହେବା ପାଇଁ ତ ସମୟ ଦେବାକୁ ହୁଏ ଓ ସମୟ ଦେଇ ଉପସ୍ଥିତ ହେବା ମଧ୍ୟ କିଛି କମ କଥା ନ ଥାଏ । ଆଜିକାଲି ପୁଣି ଅନେକ ମଣିଷଙ୍କ ହାତରେ ସମୟ ନ ଥାଏ । ଯା' ପାଖରେ ସମୟ ଥାଏ, ସେଇ ବ୍ୟକ୍ତି ନିଜ ରୁଟିନଗତ ଜୀବନରୁ କିଛି ସମୟ ବାହାର କରି କିଛି ନା କିଛି ସେବା ଦେବା କାମରେ ଥାନ୍ତି । ସମୟ ଦେବାର ମୂଲ୍ୟକୁ ମଧ୍ୟ ଜମା ହେୟ ମନେକରାଯାଇପାରିବ ନାହିଁ । ଯିଏ ସମୟ ନାହିଁ କହି ଆଭଏଡ କରେ, ସେ ଦାତା /ସେବକ ହୋଇନପାରନ୍ତି ।

ତେବେ ଧନ ହେଉ ବା ଦ୍ରବ୍ୟ ସେସବୁ ଦେବା ପାଇଁ ମନ ଥିବା ଦରକାର । ମନ ନ ଥିଲେ, ମାନସିକତା ନ ଥିଲେ କଣ ଦେଇ ହୁଏ ଦିଆଯାଇପାରେ ? ଦେବା ପାଇଁ ମନ ସହିତ ବିଶାଳ ହୃଦୟ ଥିବା ଦରକାର । ମାନସିକତା ରଖିନଥିବା ଲୋକ କେବେ ଦେଇନ ପାରନ୍ତି ଓ ନ ହେଲେ ତ ସଭିଏଁ ଦାତା ହୋଇଯାଆନ୍ତେ ? ଦାତା ହେବା ସହଜ କଥା ନ ଥାଏ ଓ ହୃଦୟବାନ ଦେଇପାରନ୍ତି । କୃପଣ କେବେ ଦାତା ହୋଇପାରେନି । ଦେବା ପାଇଁ ଆର୍ଟ ଅଫ ଗିଭିଙ୍ଗ କଥା କୁହାଯାଇଛି । ଏବେ ଆଉ ଏକ ତତ୍ତ୍ୱ ସାମ୍ନାକୁ ଆସିଛି । ତାହା ହେଉଛି ଗିଭ ଫର ଗେନ । ଅର୍ଥାତ ପାଇବା ପାଇଁ ଦେବା । ଅସଲକୁ ଦାନର ପ୍ରତିଦାନ ଆଶା କରିବା ନିରର୍ଥକ । ଦେଇ ପାଇବା ପାଇଁ ଆଶା କରିବା/ ରଖିବା ଅନୁଚିତ । ଆମ ଭାରତୀୟ ସଂସ୍କୃତିରେ ଦାନର ମହିମା କଥା ଗାଥା ସବୁକାଳରେ କୁହାଯାଇଛି । ଜୀବ ଜୀବନକୁ ପରିପୁଷ୍ଟ କରିବାରେ ଜଡ଼ର ବି ଜବରଦସ୍ତ ଭୂମିକା ରହିଥାଏ । ନଈ କୌଣସି ପ୍ରତ୍ୟାଶା ନ ରଖି ସବୁବେଳେ ଜଳଦାନ କରି ଚାଲିଥାଏ । ଜଳ କାହାକୁ ବା ଲୋଡ଼ା ନ ଥାଏ । ଉଦ୍ଭିଦ ଆଉ ପ୍ରାଣୀ ସମସ୍ତଙ୍କୁ ପାଣି ଦରକାର ଥାଏ ଓ ହଁ, କିଏ କମ ବ୍ୟବହାର କରେ ଓ କାହାକୁ ଅଧିକ ଲୋଡ଼ା ଥାଏ ଓ ଗାଈ ସେମିତି କ୍ଷୀର ଦିଏ । ଗଛ ଫୁଲ ଫଳ ଦିଏ, ଖାଦ୍ୟ ଦିଏ, ଜାଳ ଦିଏ ଓ କିଛି ନ ହେଲେ ଛାଇ ଦିଏ । କାଳିଦାସ କହିଛନ୍ତି – 'ସେବିତବ୍ୟୋ ମହାବୃକ୍ଷ ଫଳଛାୟା ସମନ୍ୱିତ, ଯଦି ଦୈବାତ ଫଳଂ ନାସ୍ତି ଛାୟା କେନ ନିବାର୍ଯ୍ୟତେ' । ଗଛ ତ ଫଳ ସହିତ ଛାଇ ବି ଦିଏ । ଯଦି ଫଳ ନ ଦେଲା, ତେବେ ଛାଇ ଦେବା କାର୍ଯ୍ୟରୁ ଗଛକୁ କିଏ ବାରଣ କରିବ ? ଏବେ ନିଦାଘ ଗ୍ରୀଷ୍ମରେ ଗଛ ଛାଇରେ କେବଳ ପଥିକ କିଛି କ୍ଷଣ ବିଶ୍ରାମ ନେବା ପାଇଁ ଅଟକି ନ ଥାଏ, ଅନେକ ପ୍ରାଣୀ ଗଛ ତଳେ ଆଶ୍ରୟ ନିଅନ୍ତି ଛାଇ ଦେଖି । ପରିବେଶ ସୁରକ୍ଷା ପାଇଁ ଗଛର ବିକଳ୍ପ ନାହିଁ । ସତରେ ଦେବାରେ ଥାଏ ଆନନ୍ଦ । କିଛି ଚାହୁଁଥିବା ଲୋକକୁ ଯଦି କିଛି ଦେଇ ଦିଅନ୍ତି, ନେବାଲୋକ ମୁହଁରେ ଯେଉଁ ପ୍ରସନ୍ନତା ବାରି ହୁଏ ତାହା ଦେବାଲୋକ ମନ ହୃଦୟରେ ଅନେକ ସନ୍ତୋଷ ସନ୍ତୁଷ୍ଟି ଭାବ ଜାତ କରାଇଥାଏ । ଭୋକିଲା ମୁହଁରେ ମୁଠେ ଖାଦ୍ୟ ଥୋଇ ଦେଲେ ସିଏ ଯେଉଁ ଖୁସି ହୁଏ ସେଇ ଖୁସିରେ ଦେବାଲୋକର ଖୁସି ବହୁଗୁଣିତ ହୁଏ ଓ ଅନ୍ୟକୁ ଯାହାକିଛି ଦେଇ, ପାଇଥିବା ଖୁସିର ମୂଲ୍ୟ ଟଙ୍କା ଆକାରରେ କେବେ ତଉଲା ଯାଇନପାରେ । ଦେବାରେ ମିଳୁଥିବା ଆନନ୍ଦ ଅମୂଲ୍ୟ । ସେଇଥିପାଇଁ ତ ଦାତା ଅନେକ କିଛି ଅନ୍ୟକୁ ଦିଅନ୍ତି ।

ବଉଦରାଜ, ବୌଦ୍ଧ
ମୋ. ୯୪୩୭୪୭୮୪୬୬

# ଜଣେ ବିସ୍ମୃତ ଓଡ଼ିଆ ଅଭିଭାବକ

**ଅବନୀ ଚନ୍ଦ୍ର ଦାସ**

ସ୍ମୃତିର କବର ତଳୁ ବାହାରି ଯେଉଁ ପୂର୍ବସୁରୀ ମାନଙ୍କ ମୁହଁ ଜୟନ୍ତୀ କିମ୍ବା ଶ୍ରାଦ୍ଧ ତିଥିରେ ଟିକେ ଝାପସା ଆଲୁଅରେ ପ୍ରତିଭାତ ହୁଅନ୍ତି, ସେମାନଙ୍କ ସ୍ମୃତି ଚାରଣ ସୀମିତ ଥାଏ ତଥାକଥିତ ଶ୍ରଦ୍ଧାଞ୍ଜଳି ଅର୍ଥାତ୍ ଶ୍ରଦ୍ଧାବିହୀନ ପୁଷ୍ପ ମାଳରେ । କତିପୟ ଆୟୋଜକ ଆଉ ଅତିଥିଙ୍କ ଗହଣରେ ଆମ ପୂଜ୍ୟ ପୂଜାର ପରମ୍ପରାକୁ ବଜାୟ ରଖିବାକୁ ଉଦ୍ୟମ କରାଯାଏ ।

ଆଜି ସେମିତି ଜଣେ ଅଗ୍ରଗଣ୍ୟ ପୂର୍ବଜ ଅଭିଭାବକଙ୍କର ଜନ୍ମ ତିଥି । ଯିଏ ଜନ୍ମ ହୋଇଥିଲେ ଓଡ଼ିଶାର କଟକ ଜିଲ୍ଲା ମାହାଙ୍ଗା ଅଂଚଳର କୁମୁଡ଼ା ଜୟପୁର ପ୍ରଗଣାରେ ୧୮୪୫ ଜୁନ୍ ମାସ ୫ ତାରିଖରେ । କରଣ ବଂଶଜ ଏକ ଜମିଦାର ପରିବାରରେ ଜନ୍ମିତ ଏହି ବରପୁତ୍ର ଜଣକ ବ୍ରିଟିଶ ଶାସନ କାଳରେ ନିଜର ଅସୀମ ବୁଦ୍ଧିମତା, ବିଦ୍ ବତ୍ତା, କର୍ତ୍ତବ୍ୟ ନିଷ୍ଠା ଓ ଦେଶ ପ୍ରୀତି ତଥା ଜାତି ପ୍ରେମର ଯେଉଁ ଚରମ ପରାକାଷ୍ଠା ପ୍ରତିପାଦନ କରିଥିଲେ, ତା'ର ପଟ୍ଟାନ୍ତର ନାହିଁ । ସେ ଥିଲେ ସେ ସମୟର ପ୍ରଥମ ଓଡ଼ିଆ ଜିଲ୍ଲା ମାଜିଷ୍ଟ୍ରେଟ୍ ରାୟ ବାହାଦୁର ନନ୍ଦ କିଶୋର ଦାସ ।

ହେଲେ ସେ ଆଜି ବିସ୍ମୃତ । ତାଙ୍କ ପାଇଁ ଇତିହାସ ନୀରବ କାହିଁକି ? କୃତଜ୍ଞ ହେବା ପରିବର୍ତ୍ତେ ଏ ଜାତି କୃତଘ୍ନ ହେଲା କିପରି ? ଏଭଳି ଜଣେ ଯୋଗଜନ୍ମା ଯୁଗ ପୁରୁଷଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ କିଏ ଉତ୍ତରଦାୟୀ ? ପରିଚୟ ତାଙ୍କର ସୀମିତ ନଥିଲା । ତତ୍ କାଳୀନ ବ୍ରିଟିଶ୍ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଥାଇ ସେ ବହୁ ଉଚ୍ଚ ପଦବୀ ରେ ଅବସ୍ଥାପିତ ହୋଇ ପାରିଥିଲେ । ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ସେ ଜିଲ୍ଲା ରିଲିଫ୍ କାର୍ଯ୍ୟାଳୟରେ କିରାଣୀ ଭାବେ ଯୋଗ ଦେଇଥିଲେ । ୧୮୭୨ ମସିହାରେ ଡେପୁଟି କଲେକ୍ଟର, ୧୮୭୫ ମସିହାରେ ଶିକ୍ଷା ବିଭାଗର ନିରୀକ୍ଷକ, ୧୮୭୯ ମସିହାରେ ପୁଣି ଡେପୁଟି ମାଜିଷ୍ଟ୍ରେଟ, ତହିଁ ପରେ ୧୮୮୦ ମସିହାରେ ଗଡ଼ଜାତ ଅଞ୍ଚଳର ପଲିଟିକାଲ ଏଜେଣ୍ଟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୧୮୯୦ ମସିହାରେ ତାଙ୍କୁ ବ୍ରିଟିଶ୍ ପ୍ରଶାସନ ପକ୍ଷରୁ ତାଙ୍କୁ ରାୟବାହାଦୁର ଉପାଧି ରେ ଭୂଷିତ କରାଯାଇଥିଲା । ୧୮୯୨ ମସିହା ରୁ ନନ୍ଦ କିଶୋର ଦାସ ଅନୁଗୁଳ ଡେପୁଟି କମିଶନର ଭାବେ ଅବସ୍ଥାପିତ ହୋଇଥିଲେ । ୧୮୯୪ ରେ ତାଙ୍କୁ ପୁରୀ ଜିଲ୍ଲାପାଳ ଭାବେ ପଦୋନ୍ନତି ମିଳିଥିଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ତଥା ଓଡ଼ିଆ ଜାତିର ଜନକ କୁହାଯାଉଥିବା କୁଳବୃଦ୍ଧ ମଧୁସୂଦନ ଏବଂ ଓଡ଼ିଆ ଭାଷା ସାହିତ୍ୟ ରେ ସାର୍ଥକ ସେନାପତି ଫକୀର ମୋହନ ଙ୍କ ଭଳି ଅନେକ ବ୍ୟକ୍ତିତ୍ୱଙ୍କ ମହାନ୍ ମନ୍ତ୍ରଦାତା / ଅନ୍ନଦାତା / ପ୍ରେରଣା ଦାତା ନନ୍ଦ କିଶୋର ଦାସଙ୍କୁ ଅଣଦେଖା କରାଯାଇ ପାରିବ ନାହିଁ । ସ୍ୱକୀୟ ଢଙ୍ଗରେ ଏମାନେ ସମସ୍ତେ ସ୍ୱୀକାର କରିଥିବା ଜଣାଯାଏ । ଓଡ଼ିଆ ପିଲାଙ୍କ ପାଇଁ ପାଠ୍ୟପୁସ୍ତକ ପ୍ରଣୟନ, ପ୍ରକାଶନ, ମାଗଣା ବିତରଣ ସହିତ ଓଡ଼ିଆ ଜାତିର ଉତ୍ ଥାନ ପାଇଁ, ଭାଷା ସୁରକ୍ଷା ପାଇଁ ତାଙ୍କର ଅନବଦ୍ୟ ଅବଦାନ ଅବଶ୍ୟ ସ୍ମରଣୀୟ ।

ଏଥିସହିତ ସେ ତାଙ୍କ ପାରିପାର୍ଶ୍ୱିକ ଶାସନ ବ୍ୟବସ୍ଥା କୁ ପରିମାର୍ଜିତ କରିଥିଲେ । ଶିକ୍ଷା, ସଂସ୍କୃତି, ଶାସନ ସବୁ କ୍ଷେତ୍ରରେ ନିଜର ପାରଙ୍ଗମ ପଣିଆ ପ୍ରଦର୍ଶନ କରି ସେ ଜନସାଧାରଣ ଙ୍କ ସମେତ ତତ୍କାଳୀନ ସରକାରଙ୍କ ଅତ୍ୟନ୍ତ ପ୍ରିୟଭାଜନ ହୋଇ ଥିଲେ । ନିଜ ମାତୃଭୂମି ଓଡ଼ିଶାର ତଥା ଓଡ଼ିଆ ଜାତିର ସ୍ୱାର୍ଥ, ସ୍ୱାଭିମାନ ରକ୍ଷା ଏବଂ ସାମଗ୍ରିକ ସମୃଦ୍ଧି ପାଇଁ ଅହରହ ଉଦ୍ୟମ କରିଥିଲେ ଏବଂ ବ୍ରିଟିଶ୍ ପ୍ରଶାସକ ମାନଙ୍କୁ ଅଧିକାଂଶ କ୍ଷେତ୍ରରେ ସ୍ୱକୀୟ ପ୍ରଚଣ୍ଡ ପ୍ରତିଭା ଏବଂ ପ୍ରତ୍ୟୁତ୍ପନ୍ନମତିତା ବଳରେ ପ୍ରଭାବିତ କରି ପାରୁଥିଲେ।

ଓଡ଼ିଆ ଭାଷାର ସୁରକ୍ଷା ପାଇଁ ତାଙ୍କ ଅତୁଳନୀୟ ଅବଦାନ କୁ କେହି ଅସ୍ୱୀକାର କରିପାରିବେ ନାହିଁ । ତାଙ୍କ ପ୍ରତିଷ୍ଠିତ 'ଉତ୍କଳ ସମ୍ମିଳନୀ ସଭା' ୧୮୮୯ ମସିହାରେ ଗଠିତ ହୋଇଥିଲା। ଯେଉଁଥିରେ କି, ସେସମୟର ବହୁ ପ୍ରମଥ ପୁରୁଷ ଓଡ଼ିଆ ସଦସ୍ୟ ଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଉତ୍କଳ ଗୌରବ ମଧୁସୂଦନ ଙ୍କ ସାନଭାଇ ଗୋପାଳ ବଲ୍ଲଭ ଦାସ । ସମ୍ପର୍କରେ ଗୋପାଳ ବଲ୍ଲଭ ଥିଲେ ରାୟ ବାହାଦୁର ନନ୍ଦ କିଶୋର ଦାସଙ୍କ ଙ୍କ ଜାମାତା । ମଧୁବାବୁଙ୍କୁ କଲିକତାରୁ ଫେରି ଆସିବା ପାଇଁ ଏବଂ ନବ ଉତ୍କଳର ନିର୍ମାଣ ପାଇଁ ପ୍ରବର୍ତ୍ତାଇ ସେଥିରେ ସଫଳ ହୋଇଥିବା ବ୍ୟକ୍ତି ଜଣଙ୍କ ଥିଲେ ନନ୍ଦ କିଶୋର ଦାସ । ଯାହାଙ୍କ ପ୍ରଚ୍ଛନ୍ନ ପ୍ରେରଣା ରେ ଉଦବୁଦ୍ଧ ହୋଇଥିଲେ ମାନସ୍ୱୀ ମଧୁସୂଦନ । କଲିକତାରୁ କଟକ ଫେରିଥିଲେ ସେ । ତାଙ୍କୁ ସ୍ୱାଗତ କରିଥିଲେ ଯୋବ୍ରା ସ୍ଥିତ ଲଂଚ ଘାଟରେ ନନ୍ଦ କିଶୋର ଦାସ । ତାପରେ ୧୯୦୩ ମସିହାରେ ଗଠିତ ହେଲା ଓଡ଼ିଆ ଜାତିର ମୁକ୍ତି ମଞ୍ଚ 'ଉତ୍କଳ ସମ୍ମିଳନୀ' । ଏହି ସଂଗ୍ରାମର ପ୍ରକୃତ ପ୍ରଚ୍ଛନ୍ନ ପ୍ରେରଣା ଦାତା ଥିଲେ ନନ୍ଦ କିଶୋର ଦାସ । ସେଥିପାଇଁ ତାଙ୍କୁ 'ଗ୍ରେଟ୍ ଓଡ଼ିଆ ହିରୋ' ବୋଲି ଆଖ୍ୟାୟିତ କରିଥିଲେ ମଧୁବାବୁ । ନିରବଛିନ୍ନ ଉଦ୍ୟମ ଆଉ ନୀତିନିଷ୍ଠ ଦାବି ଉପସ୍ଥାପନ ଯୋଗୁ ନବ କଳେବର ନେଇ ଜନ୍ମ ନେଲା ଭାଷା ଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ । ତେବେ ସ୍ୱତନ୍ତ୍ର ଓଡ଼ିଶା ର ଆଦ୍ୟ ଉଦ୍ ଗାତା ନନ୍ଦ କିଶୋର ଏ ଜାତିର ମାନସ ପଟ୍ଟରୁ ବିସ୍ମୃତ ହେବା ଏକ ବିଚିତ୍ର ବିସ୍ମୟ ନିଶ୍ଚୟ ! ତେବେ ଜିଲ୍ଲା ମାଜିଷ୍ଟ୍ରେଟ ଭାବେ ଅବସ୍ଥାପିତ ହୋଇ ଅନୁଗୁଳରୁ ପୁରୀ ଯିବା ସମୟରେ ଅତିଶୟ ଅସୁସ୍ଥତା ଯୋଗୁଁ ୧୮୯୪ ମସିହା ଏପ୍ରିଲ୍ ୬ ତାରିଖରେ ଏହି ଓଡ଼ିଆ ପ୍ରାଣ ଯୁଗପୁରୁଷ ନନ୍ଦ କିଶୋର ଦାସଙ୍କ ଦେହାନ୍ତ ଘଟିଲା ।ତତ୍ କାଳୀନ ତହସିଲ୍ ଦାର୍ ଙ୍କ ଉଦ୍ୟମରେ ଅନୁଗୁଳ ପୁରୁଣାଗଡ଼ ଠାରେ ଏହି ମହାନୁଭବ ଜିଲ୍ଲା ପ୍ରଶାସକ ନନ୍ଦ କିଶୋର ଦାସଙ୍କ ସମାଧି ମନ୍ଦିର ନିର୍ମିତ ହୋଇଥିଲା ।

ଯେଉଁଥିରେ ବ୍ରିଟିଶ୍ ସଚିବ କଟନ ସାହେବଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଫଳକ ସ୍ଥାନ ପାଇଥିଲା । ସେଥିରେ ରାୟବାହାଦୁର ନନ୍ଦ କିଶୋର ଦାସଙ୍କ ଉଦ୍ଦେଶ୍ୟରେ ଲେଖାଥିଲା – 'କର୍ତ୍ତବ୍ୟର ଅନୁପ୍ରେରଣା ସେ ଜୀବନ ଉତ୍ସର୍ଗ କରିଛନ୍ତି ' । ଏହି ଫଳକ ପ୍ରାୟ ୧୯୬୦ ମସିହା ପର୍ଯ୍ୟନ୍ତ ଦୃଶ୍ୟମାନ ହେଉଥିଲା ବୋଲି ତାଙ୍କ ଅଣ ନାତୁଣୀ ଅନ୍ନପୂର୍ଣ୍ଣା ମହାରଣା (ରମାଦେବୀ ଙ୍କ କନ୍ୟା) ନିଜ ଆତ୍ମା ଜୀବନୀ ଅମୃତ ଅନୁଭବ ର ମାମୁଘର ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି । ତାପରେ ତାହାକୁ ଆଉ କେହି ଦେଖିଛନ୍ତି କି ନାହିଁ, ଜ୍ଞାତ ନାହିଁ । ଅଦୃଶ୍ୟ ଫଳକ ଆଉ ଜରାଜୀର୍ଣ୍ଣ ସମାଧି ମନ୍ଦିର ଆଧାରରେ ଭୁବନେଶ୍ୱର ସ୍ଥିତ ସାମାଜିକ ଅନୁଷ୍ଠାନ 'ମାହାଙ୍ଗା ମୈତ୍ରୀ ମଞ୍ଚ' ଆନୁକୂଲ୍ୟରେ ଏଇ ଲେଖକ ଦ୍ୱାରା ତାହାର ପୁନର୍ବିନ୍ୟାସ କରାଯାଇଛି । ବିସ୍ମୃତ ହେବାକୁ ଯାଉଥିବା ଓଡ଼ିଆ ଜାତିର ଅଭିଭାବକ ଜଣେ ମହାନାୟକ ରାୟ ବାହାଦୁର ନନ୍ଦ କିଶୋର ଦାସଙ୍କ ଅମ୍ଳାନ ସ୍ମୃତି ଜଗା ଇବା ପାଁ ପ୍ରୟାସ ଜାରି ରହିଛି । ଅନୁଗୁଳ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଏହି ମହାନ୍ ଜନନାୟକ ସ୍ୱର୍ଗତ ନନ୍ଦ କିଶୋର ଦାସଙ୍କ ସ୍ମୃତିରକ୍ଷା ଦିଗରେ ଯଥେଷ୍ଟ ଧ୍ୟାନ ଦେବାକୁ ଆଜି ତାଙ୍କ ଜୟନ୍ତୀ ଅବସରରେ ଏଇ ଲେଖକର ବିନମ୍ର ନିବେଦନ ।

ପ୍ରଶାନ୍ତି ବିହାର, ଭୁବନେଶ୍ୱର
ମୋ: ୯୯୩୭୫୩୭୯୭୪

## ପ୍ରାପ୍ତପତ୍ର

# ବ୍ୟାପକ ପ୍ରଚାର ଓ ସଚେତନତା ଆବଶ୍ୟକ

ନିକଟରେ ପ୍ରକାଶିତ ସାମ୍ପୁଲ ରେଜିଷ୍ଟ୍ରେସନ ସିଷ୍ଟମ ରିପୋର୍ଟ ୨୦୨୪ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଉଭୟ ଉତ୍ସାହ ଓ ନୈରାଶ୍ୟର ସନ୍ଦେଶ ଦିଏ। ଏହା ନିସନ୍ଦେହ ଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଦଶନ୍ଧି ଦଶନ୍ଧି ଧରି ଆବଶ୍ୟକୀୟ ବିନିଯୋଗ ଏବଂ ଫଳପ୍ରଦ ଯୋଜନା ଯୋଗୁଁ ଏହି ଉପଲବ୍ଧି ହାସଲ ହୋଇଛି। ଛତିଶଗଡରେ ଆଇଏମଆର ସର୍ବୋଚ୍ଚ ରେକର୍ଡ ୩୬ ଥିବାବେଳେ ମଧ୍ୟପ୍ରଦେଶ ଓ ଉତରପ୍ରଦେଶରେ ୩୫ ଲେଖାଏଁ, ତାମିଲନାଡୁ, ହିମାଚଳ ଏବଂ ଦିଲ୍ଲୀରେ ୧୧ ଲେଖାଏଁ ଏବଂ କେରଳରେ ମାତ୍ର ୮ ରହିଛି। ଓଡିଶାରେ ପ୍ରତି ୧୦୦୦ ଜୀବନ ଶିଶୁରେ ଆଇଏମଆର ହାର ୨୮ ରୁ ୩୨ ଥିବାବେଳେ ଜାତୀୟ ସ୍ତରରେ ଏହି ହାର ୨୦୨୪ରେ ୨୪ ଥିବା ରିପୋର୍ଟରେ କୁହାଯାଇଛି। ଏହା ନିଶ୍ଚିତ ଯେ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ଓ ବିଫଳତା କେବଳ ସ୍ଥାନୀୟ ପ୍ରାଶସନର କାର୍ଯ୍ୟଦକ୍ଷତାକୁ ଦର୍ଶାଉଛି ବୋଲି କୁହାଯାଇପାରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ ଶିଶୁ ମୃତ୍ୟୁ ହାର (ଆଇଏମଆର) କ୍ଷେତ୍ରରେ ଗ୍ରାମାଚଂଳ ଓ ସହରାଚଂଳ ମଧ୍ୟରେ ପାର୍ଥକ୍ୟ ମଧ୍ୟ ଚିନ୍ତାଜନକ ପର୍ଯ୍ୟାୟରେ ରହିଛି। ରିପୋର୍ଟ ଅନୁଯାୟୀ ଗ୍ରାମାଚଂଳରେ ପ୍ରତି ୧୦୦୦ ଶିଶୁରେ ମୃତ୍ୟୁହାର ୨୭ ଥିବାବେଳେ ସହରାଚଂଳରେ ଏହା ୧୭ ରହିଛି। ଏହି ପାର୍ଥକ୍ୟ ସ୍ୱାସ୍ଥ୍ୟଯତ୍ନ ପ୍ରଦାନରେ ଅସମାନତା, ସଚେତନତା ଏବଂ ମାତୃତ୍ୱ ପୁଷ୍ଟିର ଅଭା ଏହାର କାରଣ ବୋଲି କୁହାଯାଏ। ସେହିପରି ମାତୃ ମୃତ୍ୟୁ ହାର (ଏମଏମଆର) ଜାତୀୟ ସ୍ତରରେ ୮୮ ଥିବା ବେଳେ ସାମଗ୍ରିକ ଭାବେ ମାତ୍ର ଗୋଟିଏ ପଏଂଟ ହ୍ରାସ ପାଇଛି। କିନ୍ତୁ ଏସଆରଏସ ରିପୋର୍ଟ ଅନୁଯାୟୀ ଓଡିଶା ଏମଏମଆରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୁହାଯାଏ। ୨୦୨୧-୨୩ ମସିହାରେ ରାଜ୍ୟରେ ପ୍ରତି ୧ଲକ୍ଷ ଜୀବନ ଶିଶୁଙ୍କ ଜନ୍ମ କ୍ଷେତ୍ରରେ ୧୫୩ ଜଣ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୨-୨୪ ବର୍ଷରେ ଏହା ହ୍ରାସ ପାଇଁ ୧୨୪ରେ ପହଁଚିଛି। ଅର୍ଥାତ ଏମଏମଆର ୨୯ ପଏଂଟ ହ୍ରାସ ପାଇଛି। ମାତୃମୃତ୍ୟୁ ହାର ହ୍ରାସ କରିବା କ୍ଷେତ୍ରରେ ଓଡିଶା ଅନ୍ୟରାଜ୍ୟଙ୍କ ତୁଳନାରେ ସର୍ବାଗ୍ରେ ରହିଛି। କହିବା ବାହୁଲ୍ୟ ଯେ, ଆମ ରାଜ୍ୟରେ ଏମଏମଆର ସର୍ବାଧିକ ହ୍ରାସ ପାଇଥିଲେ ମଧ୍ୟ ଜାତୀୟ ହାର ତୁଳନାରେ ଏବେ ବି ଯଥେଷ୍ଟ ଅଧିକ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେଇ ଆସୁଛନ୍ତି। ଅପହଂଚ ଇଲାକାରେ ସ୍ୱାସ୍ଥ୍ୟାନୁଷ୍ଠାନରେ ପ୍ରସବକୁ ପ୍ରାଥମିକତା ଦେଇ ମା' ଗୃହ ପ୍ରତିଷ୍ଠା କରିଛନ୍ତି। ରାଜ୍ୟରେ ଅପହଂଚ ଅଂଚଳରେ ମୋଟ ୧୨୫ଟି ମା' ଗୃହ ଥିବାବେଳେ ଦୁର୍ଗମ ତଥା ରାସ୍ତାଘାଟ ନଥିବା ଅଂଚଳରୁ ଶିଶୁ ଓ ଗର୍ଭବତୀଙ୍କ ମୃତ୍ୟୁ ନେଇ ଯେଉଁ ରିପୋର୍ଟ ଆସୁଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଲେ ଭୁଲ ହୋଇନପାରେ। ନିକଟରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନସର ଗ୍ରାମପଂଚାୟତର ଚଚରାଭଟା ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇନପାରିବାରୁ ଜଣେ ଗର୍ଭବତୀ ଦୁଇଟି ମୃତ ଯାଆଁଳା ଶିଶୁ ଜନ୍ମ କରିଥିବା ଘଟଣା ରାଜ୍ୟରେ କେବଳ ଚାଂଚଲ୍ୟ ସୃଷ୍ଟି କରିନାହିଁ, ରାଜ୍ୟର ବିକାଶ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କହିଲେ ଅତିରଂଜିତ ହେବ ନାହିଁ, କେବଳ ଏହି ଗୋଟିଏ ଘଟଣା ନୁହେଁ। ରାସ୍ତାଘାଟ ନଥିବାରୁ ଗର୍ଭବତୀଙ୍କ ନିକଟରେ ଆମ୍ବୁଲାନ୍ସ ପହଁଚି ନପାରିବା, ଖଟିଆରେ ବୁହା ହେବା ଗଣମାଧ୍ୟମରେ ଶିରୋନାମା ପାଲଟିଛି। ସେହିପରି ନବଜାତକ ଯତ୍ନ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ମାତୃ ସ୍ତନ୍ୟପାନ କିନ୍ତୁ ରାଜ୍ୟର ୫୦ ପ୍ରତିଶତ ଶିଶୁଙ୍କ ଭାଗ୍ୟରେ ମା' କ୍ଷୀର ଜୁଟୁ ନଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ୨୦୨୩-୨୪ରେ ଚିନ୍ତାଜନକ ତଥ୍ୟ ପ୍ରକାଶ ପାଇଛି। ଯାହାର ପରିଣତି ସ୍ୱରୁପ ଶିଶୁଙ୍କ ଉଚ୍ଚତା ଓ ଓଜନ ଅଭିବୃଦ୍ଧି ନିମ୍ନଗାମୀ ହେଉଥିବା ରିପୋର୍ଟରେ କୁହାଯାଇଛି। ଗ୍ରାମାଚଂଳ ତୁଳନାରେ ସହରାଚଂଳରେ ଅଧିକ ଶିଶୁ ମା'କ୍ଷୀରରୁ ବଂଚିତ ହେଉଛନ୍ତି। ଏଥିଲାଗି ବ୍ୟାପକ ପ୍ରଚାର ଓ ସଚେତନତା ଆବଶ୍ୟକ।

ସୌଭାଗ୍ୟ ରଂଜନ ମହାନ୍ତି
ଭୁବନେଶ୍ୱର




୦୬.୬.୨୦୨୬

## ଛାଇ ଉପହାର ଦେବା

**ପ୍ରଶାନ୍ତ କୁମାର ଦାଶ**



ଗଛଛାଇ ଆଉ ପବନ ହେଲାଣି
ଆମପାଇଁ ସାତ ସପନ
ନିଆଁ ବରଷୁଛି ଦୂର ଆକାଶରୁ
ସକାଳୁ ଉଇଁଲେ ତପନ ।।

ସଚେତନ ଯଦି ନହେବା ଜୀବନ
ଚାଲିଯିବ ଅଂଶୁଘାତରେ
ଆମେତ ନାଶିଛେ ଆମ ପରିବେଶ
ନିଜହିତେ ଆମ ହାତରେ ।।

ବଦଳେ ସମୟ ସୁଖ ବଦଳରେ
ଆମକୁ ମିଳଇ ଦୁଃଖରେ
ଗୀରିଷମ ଖରା ଗୁଲୁମୁଳି ଭରା
ଶୁଖିଯାଏ ଆମ ମୁଖରେ ।।

ଖରାବେଳଟାରେ ହୁଅଇ ଆକଟ
ଖେଳିବା ବୁଲିବା ମନାତ
ଗରମ ଖାଇବା ବଦଳେ ପଡଇ
ପେଟରେ ପଖାଳ ଦାନାତ ।।

ଗଛଚାରା ନେଇ ଏକମନ ହେଇ
ପୋତିବା ସଭିଏଁ ମିଶିକି
ସୁଖ ସଫଳତା ସୁନାର ସପନ
ଆଖିକୁତ ଯିବ ଦିଶିକି ।।

ଆଗେଇ ଚାଲିବା ପଛାଇବା ନାହିଁ
ଗଛର ଯତନ ନେବାରେ
ଆମ ଦୁନିଆକୁ ଫୁଲ ଫଳ ଜଳ
ଛାଇ ଉପହାର ଦେବାରେ ।।

କୁଞ୍ଜର -ସଙ୍ଗଳାଇ, ପିପିଲି -ପୁରୀ
ମୋବାଇଲ -୯୬୬୮୮୨୨୧୯୦

## ଯାହାର ଗୁଣରେ ସେ

**ଧ୍ରୁବ ଚରଣ ଘିବେଲା**




କାହାର ହାତ ଅଙ୍କା ଚିତ୍ରଟି
ଅତି ସୁନ୍ଦର ଲାଗେ
ସୁନ୍ଦର ଚିତ୍ର ଆଖିରେ ଲାଖେ
ପଡ଼ିଲେ ଆଖି ଆଗେ ଓ
କାହାର ହାତ ଲେଖା ସୁନ୍ଦର
ଅକ୍ଷର ଗୋଲ ଥାଇ
ଜଗନ୍ନାଥଙ୍କ ଆଖିପରିକା
ଚକା ଅକ୍ଷର ସେଇ ଓ
କାହାର ହାତ ଅଙ୍କା ଚିତିର
ଗଢ଼ା ମୂରତି ଯେତେ
ଦେଖିଲେ ଆଖି ରହିଲେ ଲାଖି
ଲାଗେ ସୁନ୍ଦର ସେତେ ଓ
କାହାର ହାତ ଅଙ୍କା ମୁରୁଜ
ଝୋଟି ଥିଲେ ସୁନ୍ଦର
ସେଇ ଆଡ଼କୁ ଟାଣି ହୋଇକି
ଯାଏ ଆଖି ଶିଘିର ଓ
କାହାର କଣ୍ଠ ଗୀତ ମଧୁର
କୋଇଲି କୁହୁ ପରି
ଅଦିନ କୁହୁ କୁହୁରେ ମହୁ
ନିଏ ମନକୁ ହରି ଓ
କାହାର କଥା ସୁନ୍ଦର ଯଥା
ଶୁଣିଲେ ଲାଗେ ଭଲ
ସୁନ୍ଦର କଥା ମରମ ଛୁଏଁ
କଥାର ଥିଲେ ମୂଲ୍ୟ ଓ
କାହାର ହାତ ଆନ ହିତରେ
ଥିଲେ ସେବା ଦେବାରେ
ଧନ୍ୟ ସେ ହାତ ଆନର ହିତ
କରେ ସବୁଦିନରେ ଓ
ସେମାନେ ଧନ୍ୟ କାମରେ ପୁଣ୍ୟ
ଯାହାର ଗୁଣରେ ସେ
ଧନ୍ୟ କହିବା ସେଇମାନଙ୍କୁ
ଗୁଣେ ଗୁଣୀ ଥାନ୍ତି ଯେ ଓ

ବଉଦରାଜ -୭୬୨୦୧୪, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

## ଗଛର ମୂଳ

**ଭୁବନାନନ୍ଦ ପାଣିଗ୍ରାହୀ**



ଗଛର ମୂଳ ଅମୂଲ ମୂଳ
କିଏ ସେ ହେବ ଗଛର ତୁଲ
ଆମରି ପାଇଁ ଯୋଗାଏ ସିଏ
ପତର ଜାଳ ଫଳ ଓ ଫୁଲ ।

ଗଛର ମୂଳ ଅମୂଲ ମୂଳ
ବସିଲେ କିଏ ଗଛର ତଳ
ଖରା କି ଝାଞ୍ଜି କିଛି ନ ଜାଣେ
ରଖିଚି ପରା ଛାଇ ଶୀତଳ ।

ଗଛର ମୂଳ ଅମୂଲ ମୂଳ
ପରିବେଶଟି ରଖେ ସେ ଭଲ
ଦୂଷିତ ବାୟୁ କରି ଶୋଷଣ
ଡକାଇ ଆଣେ ବାୟୁ ନିର୍ମଳ ।

ଗଛର ମୂଳ ଅମୂଲ ମୂଳ
ଗଛ ଯେତକ କାଟି ତ' ଦେଲ
ଆସୁଚି ଖରା ପୋଡୁଚି ଧରା
ଖସୁଚି ଖାଲି ନିଆଁ ର ଝୁଲ ।

ଗଛର ମୂଳ ଅମୂଲ ମୂଳ
କେହି ନ ହେବେ ଗଛର ତୁଲ
ଏଇ କଥାଟି ମନରେ ରଖି
ଚାରା ଗୋଟିଏ ପୋତିବା ଚାଲ ।

ଗେଡିଆପଲ୍ଲୀ , ଖୋର୍ଦ୍ଧା, ୭୫୨୦୬୧
ମୋ - ୯୯୩୭୭୨୪୩୧୨

# ଡିମିରି ଫୁଲ

**ରାଜେଶ୍ ରାୟ**

ପ୍ରବଳ ଗରମ ଓ ଗୁଳୁଗୁଳି ଭିତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ମିଲୁ ମନରେ ଗୋଟିଏ ଭାବନା ଘୁରି ବୁଲୁଥିଲା ' କେମିତି ମୁଁ ବଡ଼ ଲୋକ ହେବି ?' ଏକଥା ଭାବି ଭାବି ସେ ଶାନ୍ତିରେ ଖାଇ ପାରୁନଥିଲା କି ଶୋଇପାରୁ ନଥିଲା । ପିଲାବେଳୁ ଅଭାବ ଅନଟନରେ ବଢ଼ିଥିବା ମିଲୁ ଟଙ୍କାବାଲା ବଡ଼ ବାବୁ ମାନଙ୍କୁ ଅତି ପାଖରୁ ଦେଖି ଆସିଛି । କେମିତି ସେମାନଙ୍କର ଜୀବନ ଶୈଳୀ ବିଳାସ ବେସନରେ କଟେ । ସେଥିପାଇଁ ତା ଆଖିରେ ବଡ଼ ଲୋକ ହେବାର ଅସରନ୍ତି ସ୍ୱପ୍ନ ବସା ବାନ୍ଧି ରହିଛି କିନ୍ତୁ କିଏ କଣ ଗୋଟିଏ ରାତିରେ ବଡ଼ ଲୋକ ହେଲାଣି କି ? ମିଲୁ ସେକଥା ବୁଝିବାକୁ ନାରାଜ। ଏମିତି କିଛିଦିନ ଗଲାପରେ ଗାଁ ର ଜଣେ ବୟସ୍କ ଲୋକ ଦିନେ ମିଲୁକୁ ଭେଟି କହିଲେ ' ବାପ , ମୁଁ ଗୋଟିଏ ଉପାୟ ଜାଣିଛି ଯାହାକୁ କରିପାରିଲେ ତୁ ନିଶ୍ଚୟ କମ୍ ଦିନ ଭିତରେ ବହୁତ୍ ବଡ଼ ଲୋକଟିଏ ହୋଇ ପାରିବୁ ' । ମିଲୁ ଆଶ୍ଚର୍ଯ୍ୟ ହୋଇ ସଙ୍ଗେ ସଙ୍ଗେ ସେ ଉପାୟ କଥା ପଚାରିଲା । ବୃଦ୍ଧ ଜଣକ କହିଲେ ' ଡିମିରି ଗଛର ଫଳକୁ ତୁ ନିଶ୍ଚୟ ଦେଖିଥିବୁ କିନ୍ତୁ ତାର ଫୁଲକୁ କେବେ ଦେଖିଛୁ କି ? ଡିମିରି ଫୁଲ ରାତିରେ ଫୁଟି କମ୍ ସମୟ ମଧ୍ୟରେ ନଷ୍ଟ ହୋଇଯାଏ । ଆମ ପୂର୍ବ ପୁରୁଷ କହିଯାଇଛନ୍ତି ଯିଏ ସେହି ଡିମିରି ଫୁଲକୁ ଗଛରେ ଫୁଟିଥିବା ଅବସ୍ଥାରେ ଦେଖିବ ତାକୁ ଈଶ୍ୱରଙ୍କ ବିଶେଷ କୃପା ମିଳିବ ଏବଂ ତାର ଭାଗ୍ୟ ଅଳ୍ପଦିନ ଭିତରେ ବଦଳି ଯିବ । ଏକଥା ଶୁଣିବା ପରେ ମିଲୁ ପ୍ରଥମେ ଭାବିଲା ବୃଦ୍ଧ ଲୋକଟି ବୋଧେ କାହାଣୀ କହୁଛନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ବଡ଼ ଲୋକ ହେବାର ଲୋଭକୁ ନେଇ ସେ ମନେ ମନେ ନିଷ୍ପତି ନେଲା ରାତିରେ ଯାଇ ଡିମିରି ଫୁଲକୁ ଦେଖିବା ପାଇଁ ଚେଷ୍ଟା କରିବ । ତା ପରଦିନ ପ୍ରସ୍ତୁତ ହୋଇ ଘର ପାଖରେ ଥିବା ଡିମିରି ଗଛ ପାଖକୁ ଯାଇ ସେ ଜଗିକରି ବସିଲା । ସମୟ ଯେତିକି ଆଗକୁ ଗତି କରୁଥାଏ ମିଲୁର ଡିମିରି ଫୁଲ ଦେଖିବାର ଆଗ୍ରହ ସେତେ ବଢ଼ି ଚାଲୁଥାଏ । ପ୍ରଥମ ଦିନ ପ୍ରୟାସରେ ସେ ଫେଲ୍ ମାରିଲା । ଜିଦ୍ଦିରେ ପୁଣି ତା ପରଦିନ ରାତିରେ ଯାଇ ଗଛ ମୂଳେ ବସିରହିଲା କିନ୍ତୁ ସେଦିନ ମଧ୍ୟ ସେ ନିରାଶ ହୋଇ ଫେରିଲା । ଏମିତି ୬ ଦିନ ଗଲାପରେ ରାଗ ଜର ଜର ହୋଇ ମିଲୁ ସେ ବୃଦ୍ଧଙ୍କ ପାଖକୁ ଗଲା ଓ କହିଲା ' ଆପଣ ଯାହାବି କହିଥିଲେ ସବୁ ମିଛ , ମୁଁ ଏତେ ଦିନ ଡିମିରି ଗଛକୁ ଜଗିଲି ହେଲେ ଫୁଲକୁ ଦେଖି ପାରିଲି ନାହିଁ।' ଏକଥା ଶୁଣି ବୃଦ୍ଧ ଜଣକ ଅଳ୍ପ ହସି ଉତ୍ତର ଦେଲେ ' ଶୁଣ ବାପ, ମତେ ଗୋଟିଏ କଥା କହ ତୁ କଣ ପୁରା ରାତିଯାକ ଡିମିରି ଗଛକୁ ଦେଖୁଥିଲୁ ?' ମିଲୁ ଧିର ସ୍ୱରରେ ଉତ୍ତର ଦେଲା 'ଅଧିକ ସମୟ ଜଗିଥିଲି କିନ୍ତୁ ଭୋର୍ ହେଲାବେଳେ ଟିକେ ଘୁମେଇ ପଡୁଥିଲି ।' ବୃଦ୍ଧ କହିଲେ ' ହଁ ସେଇଠି ତୋର ଭୁଲ୍ ରହିଗଲା , କେଉଁ କାମ କେତେବେଳେ ଘଟିବ ତାହା ଆମେ ଜାଣିନୁ ତେଣୁ ଧ୍ୟାନକୁ ସର୍ବଦା ଜାଗ୍ରତ ରଖିବା ଦରକାର । ପ୍ରକୃତିରେ ଘଟୁଥିବା ପ୍ରତିଟି କାର୍ଯ୍ୟ ଉଦ୍ଦିଷ୍ଟ ସମୟରେ ସମ୍ପନ୍ନ ହୋଇଥାଏ । ମତେ ଗୋଟିଏ କଥା କହ ଡିମିରି ଗଛରେ ଫୁଲ ନଥିଲେ ଫଳ କେମିତି ଆସୁଛି ? ତେଣୁ ଡିମିରି ଗଛ ତା ସମୟରେ ଫୁଲ ଫୁଟାଇ ଫଳ ଦେଉଛି। ଏକଥାରୁ ଆମେ ଶିଖିବା ଦରକାର ସମୟକୁ ସମ୍ମାନ ଦେଇ ଯିଏ ନିଜ କାମକୁ କରନ୍ତି ସେମାନଙ୍କୁ ହିଁ ସଠିକ୍ ଫଳ ମିଳିଥାଏ । ମୁଁ ତତେ କହିଥିବା ଡିମିରି ଫୁଲର କଥା ପ୍ରକୃତରେ ଗୋଟିଏ କାହାଣୀ । ତୋର ଧ୍ୟାନ ଓ ଧୈର୍ଯ୍ୟକୁ ପରୀକ୍ଷା କରିବା ପାଇଁ ଏମିତି କହିଥିଲି । ଆମେ ସର୍ବଦା ମନେ ରଖିବା ଦରକାର ଯେ କେବଳ ଭାବିଲେ ଜଣେ ସଫଳ ହୁଏନି ବରଂ ସମୟ ଅନୁସାରେ କାମ କରିବାକୁ ପଡ଼େ । ତୋ ପାଖରେ ଧ୍ୟାନ ଶକ୍ତି ଅଛି କିନ୍ତୁ ଧୈର୍ଯ୍ୟଶକ୍ତି ଦୁର୍ବଳ ଯୋଗୁ ତୁ ଚାହୁଁଥିବା କାର୍ଯ୍ୟ କରିପାରୁନୁ। ତେଣୁ ସମୟକୁ ସମ୍ମାନ ଦେଇ ଧୈର୍ଯ୍ୟର ସହ କାମ କରିଚାଲେ ଦେଖିବୁ ଦିନେ ନିଶ୍ଚୟ ତୁ ସଫଳ ମଣିଷଟେ ହେବୁ। ବୃଦ୍ଧଙ୍କ ପାଖରୁ ସବୁକଥା ଶୁଣିବା ପରେ ମିଲୁ ନିଜର ଭୁଲକୁ ବୁଝିପାରିଲା ଏବଂ ସେହିଦିନ ଠାରୁ ସମୟକୁ ସଠିକ୍ କର୍ମରେ ବିନିଯୋଗ କରି ସଫଳ ପରିଚୟ ପାଇଲା ।



ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର , ମୋବାଇଲ୍ :- ୬୩୭୧୫୫୫୯୪୦

# ବନ୍ଧୁତା

**ସତ୍ୟନାରାୟଣ ପ୍ରଧାନ**

ପିଲାଟି ଦିନରୁ ସେ ଦୁହେଁ ଏକାଠି ବଡ଼ ହୋଇଛନ୍ତି। ଉଭୟଙ୍କ ପରିବାର ଲୋକ ସେମାନଙ୍କୁ ଯେତେ ବାଟ ଯାଏ ପାଠ ପଢ଼ିବାର ସୁଯୋଗ ଦେଲେ ସେଥିରେ କୌଣସି ଆପତ୍ତି ନ ଥିଲା। ବଞ୍ଚିଥିବା ଯାଏ କେହି କାହାର ହାତ ଛାଡ଼ିବେ ନାହିଁ ବୋଲି ପରସ୍ପରକୁ କଥା ଦେଇଥିଲେ । ଧୀରେ ଧୀରେ ଛୋଟରୁ ବଡ଼ ହେବା ପରେ ପରିବାର ପୋଷିବା ଲାଗି ଜଣେ ଗାଁ ଗଣ୍ଡାରେ ମୂଲ ଲାଗିବାକୁ ଯାଏ । ଆଉ ଜଣେ ନିଜର ବାହୁ ବଳରେ ରିକ୍ସା ଚଲାଇ ପରିବାର ପେଟ ପୋଷେ । ରଜ କି ଅଷ୍ଟମୀ ପର୍ବ ପର୍ବାଣୀ ହେଲେ ଦୁହେଁ କେହି କାହାରିକୁ ଆଉ ଛାଡ଼ନ୍ତି ନାହିଁ । ସକାଳରୁ ରାତି ଯାଏ ଗପସପରେ ସମୟ ଗୁଡାକ ବିତାଇ ଦିଅନ୍ତି । ଦିନେ ସନ୍ଧ୍ୟାରେ ସେ ଦୁହେଁ ବୁଲିବାକୁ ଗାଁ ନଦୀ କୂଳ ଆଡେ ଯାଇଥାନ୍ତି ପୁଣି ସାଙ୍ଗରେ ଥାଏ ସେମାନଙ୍କ ପ୍ରିୟ ରିକ୍ସା। ଅଚାନକ କେଉଁଠି ଥିଲା କେଜାଣି କଳା ହାଣ୍ଡିଆ ମେଘ ଗର୍ଜନ କରି ମାଡି ଆସିଲା । ଆଖ ପାଖରେ ଘର ନ ଥିବାରୁ ସେମାନେ ଆଉ ଅପେକ୍ଷା ନ କରି ଗୋଟେ ଦର ଭଙ୍ଗା କୋଠାଘରକୁ ଆଶ୍ରୟ ପାଇଁ ଦୌଡ଼ି ଗଲେ। ଆକାଶରୁ ବଜ୍ରପାତ ହେଲେ ସିଧା ସେମାନଙ୍କ ଉପରକୁ। ଦୁହେଁ ପରସ୍ପରର ହାତ ଧରି ତଳେ ବସି ପଡିଲେ । ରିକ୍ସା ଚଳାଉଥିବା ସାଙ୍ଗଟା ତଳେ କଚାଡି ହୋଇ ପଡିଲା । ଅନ୍ୟ ଜଣଙ୍କର ଆଉ ଚେତା ନ ଥିଲା । ସେ ଏପରି ସମୟରେ କ'ଣ କରିବାକୁ ହେବ କିଛି ବୁଦ୍ଧି ମୁଣ୍ଡକୁ ଆସୁ ନ ଥିଲା ।

ସେ ତା ବନ୍ଧୁର ଏପରି ଅବସ୍ଥା ଦେଖି ଆଉ ସହି ପାରିଲା ନାହିଁ । ସେତେବେଳକୁ ବର୍ଷା ଟିକେ ଛାଡି ଆସୁଥିଲା । ନିଜେ ତାର ସମାଧାନର ବାଟ ବାହାର କରିବ ବୋଲି ଆମ୍ବୁଲାନ୍ସକୁ ଫୋନ୍ କରି ପହଁଚିବାର ଠିକଣା ଦେଲା । ସେପଟୁ ଯିବା ପାଇଁ ତ ସମୟ ଲାଗିବ ଅପେକ୍ଷା କରିବାକୁ ପଡିପାରେ ଶୁଣିବାକୁ ପାଇଥିଲା । ସେ ଆଉ ଆମ୍ବୁଲାନ୍ସକୁ ଅପେକ୍ଷା ନ କରି ସିଧା ତାକୁ ତା ରିକ୍ସାରେ ବସାଇ ମେଡିକାଲ ବାହାରି ପଡିଲା । ଅଧାବାଟରେ ଆସୁଥିବା ଆମ୍ବୁଲାନ୍ସ ଦେଇଥିବା ଠିକଣା ଓ ତାର ପରିଚୟ ହାବଭାବକୁ ଦେଖି ଅଟକି ଗଲା । ସେ ତାର ସାଙ୍ଗକୁ ସେଥିରେ ବସାଇ ଯଥା ଶୀଘ୍ର ପହଞ୍ଚି ଯାଇଥିଲା । ଆଉ ଟିକେ ବିଳମ୍ବ ହୋଇ ଯାଇଥିଲେ ସେ ତାର ସାଙ୍ଗକୁ ଆଉ ଫେରି ପାଇ ନ ଥାନ୍ତା ବୋଲି ଡାକ୍ତର ବାବୁ ତାକୁ ପାଖକୁ ଡାକି କହିଥିଲେ । ତାର ସାଙ୍ଗ ଏବେ ବିପଦ ମୁକ୍ତ ବୋଲି ଜାଣି ପାରି ଖୁସିରେ ଆଖିରୁ ତାର ଦୁଇ ଟୋପା ଲୁହ ବୋହି ଯାଇଥିଲା । ସେ ସମୟରେ ଉଭୟଙ୍କ ପରିବାର ଲୋକ ଆସି ପହଁଞ୍ଚି ଯାଇଥିଲେ । ସେମାନଙ୍କ ବନ୍ଧୁତା ଦେଖି ଠିଆ ହୋଇଥିବା ସବୁ ଲୋକ ଖୁସିରେ ତାଳି ମାରି ଅଭିନନ୍ଦନ ଜଣାଉଥିଲେ ।।




ସା /ପୋ – ଅଣ୍ଡିଆ, ଜିଲ୍ଲା – ଯାଜପୁର,
ମୋ -୯୧୭୮୩୧୩୬୪୪

## ଶିଶୁ କବିତା

### ମାଣ୍ଡିଆ ମୋହରି ନାମ

**ସାବିତ୍ରୀ ମଲ୍ଲିକ**




ଶସ୍ୟଙ୍କ ଭିତରେ ଅତି ଛୋଟ ମୁହିଁ
ମାଣ୍ଡିଆ ମୋହରି ନାମ,
ବହୁ ପୃଷ୍ଟିକର ଖାଦ୍ୟ ଅଟେ ମୁହିଁ
ଦେହେ କରେ ଭଲ କାମ।
ନଡ଼ାକୁ ମୋହର ପିଲାଏ ଖାଆନ୍ତି
ଚୋବାଇ ଚୋବାଇ କରି,
କୁହନ୍ତି ଲାଗୁଛି ଆଖୁ ପରି ଏହା
ମିଠା ଅଛି ତାଠି ଭରି।
ମୋଠାରୁ ତିଆରି ହୁଏ ଯେଉଁ ରୁଟି
ଭାରି ଭଲ ଲାଗେ ତାହା,
ଆରିସା ପିଠା ବି ଖାଇଲେ ସରାଗେ
ବଡ଼ ସ୍ୱାଦ ଲାଗେ ଆହା।
ଚାଉଳ କୁ ମୋତେ ମିଶାଇ ରାନ୍ଧିଲେ
କ୍ଷୀରି ତାକୁ କହିଥାନ୍ତି,
ପିଲାଠାରୁ ବୁଢା ଯିଏବି ଖାଇଲେ
ବହୁତ ଆନନ୍ଦ ପା'ନ୍ତି।
ସୋରିଷ ପରିକା ଦେଖାଯାଏ ମୁହିଁ
କରେ ସଦା ଉପକାର,
ମଣିଷ ଜାତିକୁ କେବେ ହେଲେ ପରା
କରେନାହିଁ ହତାଦର।
ଏବେକା ପିଲାଙ୍କୁ ମାଣ୍ଡିଆ କହିଲେ
ଜାଣିପାରନ୍ତିନି କେହି,
ପୂରୁବ କାଳରେ ଯିଏ ସେ ଖାଇଛି
ତା' ଗୁଣ ଜାଣିଛି ସେହି।

ଦଶରଥପୁର, ଯାଜପୁର, ଓଡ଼ିଶା

### ମନଟି ସୁନ୍ଦର ଲାଗେ

**ଜୟନ୍ତ କୁମାର ମଲ୍ଲିକ୍**



ମନଟି ସୁନ୍ଦର ଲାଗେ
ଭଲକଥା ଭାବିଲେ
ସକାଳ ସୁନ୍ଦର ଲାଗେ
କାଉ ଆସି ରାବିଲେ ।
ଜୀବନ ସୁନ୍ଦର ଲାଗେ
ସତକଥା କହିଲେ
ସଂସାର ସୁନ୍ଦର ଲାଟେ
ମିଳିମିଶି ରହିଲେ ।
ମଥାକୁ ସୁନ୍ଦର ଲାଗେ
ବହଳିଆ କେଶଟି
ଝିଅକୁ ସୁନ୍ଦର ଲାଗେ
ନବବଧୂ ବେଶଟି ।
ପଡ଼ିଆ ସୁନ୍ଦର ଲାଗେ
ଥିଲେ ଘାସ ଗାଲିଚା
କୁଡ଼ିଆ ସୁନ୍ଦର ଲାଗେ
ପିଉଥିଲେ ନାଲି ଚା ।
ଘରଟି ସୁନ୍ଦର ଲାଗେ
ଥିଲେ ସ୍ନେହ ମମତା
ଦୁନିଆଁ ସୁନ୍ଦର ଲାଗେ
ବାସୁଥିଲେ ସମତା ।

ଶୂରଡିହ,ନନ୍ଦିପୁର, ଦଶରଥପୁର,ଯାଜପୁର
ମୋ:୯୪୩୭୮୬୫୭୨୭

# ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଜବରଦଖଲ ଉଚ୍ଛେଦ ଅଭିଯାନ

ସମ୍ବଲପୁର : ସମ୍ବଲପୁର ମହାନଗର ନିଗମ (ଏସଏମସି)ର ଏନଫୋର୍ସମେଂଟ ସ୍କ୍ୱାଡ୍ ପକ୍ଷରୁ ବୁର୍ଲାସ୍ଥିତ ଆନନ୍ଦ ବିହାର ଅଂଚଳରେ ବ୍ୟାପକ ଉଚ୍ଛେଦ ଅଭିଯାନ ସଫଳତାର ସହ କରାଯାଇଛି । ଆନନ୍ଦ ବିହାର ନିକଟସ୍ଥ ପାୱାର ଚ୍ୟାନେଲ କଡ଼ରେ ଦୀର୍ଘ ଦିନ ଧରି ମୋଟର ସାଇକେଲ ଗ୍ୟାରେଜ, ହୋଟେଲ, ମାଂସ ଦୋକାନ, ଗୋଦାମ, ଫାଷ୍ଟ ଫୁଡ୍ ସେଂଟର ଆଦି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଦ୍ୱାରା ବ୍ୟାପକ ଅବୈଧ ଅତିକ୍ରମଣ କରାଯାଇଥିଲା । କେତେକ ବ୍ୟକ୍ତି ସରକାରୀ ରାସ୍ତା ଜମି ଉପରେ ସ୍ଥାୟୀ ଦୋକାନ ନିର୍ମାଣ କରି ନିଜ ପେଟପାଟଣା ଦେଖିବା ସହ ଅତିରିକ୍ତ ଜାଗାକୁ ଭଡ଼ାରେ ଦେଇଥିବା ମଧ୍ୟ ଦେଖାଯାଇଥିଲା । ଉକ୍ତ ସ୍ଥାନ ନିକଟରେ ଏମସିଏଲ୍ ର ଏକ ଇନଟ୍ୟେକ୍ ୱେଲ୍ ରହିଛି, ଯେଉଁଠାରୁ ଆନନ୍ଦ ବିହାର ଟାଉନସିପ୍ ପାଇଁ ଜଳ ଉତୋଳନ ହୋଇଥାଏ । ଅତିକ୍ରମଣକାରୀ ଦୋକାନ ଗୁଡ଼ିକରୁ ସୃଷ୍ଟି ଅପରିଷ୍କାର ପରିବେଶ ଓ ବର୍ଜ୍ୟବସ୍ତୁ ଯୋଗୁଁ ଜଳ ଉତ୍ସ ପ୍ରଦୂଷିତ ହେବାର ମଧ୍ୟ ଆଶଙ୍କା ସୃଷ୍ଟି ହେଉଥିଲା । ଏପରିକି ପରିମଳ ସମ୍ବନ୍ଧୀୟ ଗୁରୁତର ସମସ୍ୟା ଦେଖା ଦେଇଥିଲା । ଏହି ଅପରିଷ୍କାର ପରିବେଶ ସମ୍ପର୍କରେ ଏମସିଏଲ୍ (ବୁର୍ଲା) ଜେନେରାଲ୍ ମ୍ୟାନେଜର (ସିଭିଲ୍)ଙ୍କ ପକ୍ଷରୁ ପୂର୍ବରୁ ମଧ୍ୟ ଲିଖିତ ଅଭିଯୋଗ ମିଳିଥିଲା । ଏହି ରାସ୍ତାଟି ବୁର୍ଲା ସହରର ପ୍ରମୁଖ ପ୍ରବେଶ ପଥ ହୋଇଥିବା ବେଳେ, ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ କରିଥାଏ । ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଭିସୁଟ୍), ବୀର ସୁରେନ୍ଦ୍ର ସାଏ ଚିକିତ୍ସା ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ ଯାତାୟାତ ପାଇଁ ଏହି ରାସ୍ତା ବ୍ୟବହୃତ ହୋଇ ଆସୁଥିଲା । ବିଶେଷକରି ଭିମସାରକୁ ଯାଉଥିବା ଆମ୍ବୁଲାନ୍ସଗୁଡ଼ିକ ପାଇଁ ଏହି ରାସ୍ତା ଜୀବନରେଖା ସଦୃଶ । ଅତିକ୍ରମଣ ଯୋଗୁଁ ରାସ୍ତାର ପ୍ରଶସ୍ତ ହ୍ରାସ ପାଇବା ସହ ଯାତାୟାତରେ ମଧ୍ୟ ବ୍ୟାପକ ବାଧା ସୃଷ୍ଟି ହେଉଥିଲା । ଜନସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ଜଳ ଉତ୍ସର ସୁରକ୍ଷା ଏବଂ ସୁଗମ ଯାତାୟାତକୁ ଦୃଷ୍ଟିରେ ରଖି ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏହି ଉଚ୍ଛେଦ କାର୍ଯ୍ୟ ଅତ୍ୟାବଶ୍ୟକ ଥିଲା । ଆଜିର ଏହି ଉଚ୍ଛେଦ ଅଭିଯାନରେ ପୋଲିସ ବିଭାଗ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ଏମସିଏଲ୍ କର୍ତ୍ତୃପକ୍ଷ, ଟିପିଡବ୍ଲୁଓଡିଏଲ୍ ପ୍ରତିନିଧି ଏବଂ ସମ୍ବଲପୁର ମହାନଗର ନିଗମର ଏନଫୋର୍ସମେଂଟ ଅଫିସରଙ୍କ ଉପସ୍ଥିତିରେ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା । ସାଧାରଣ ଜନତା ମଧ୍ୟ ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ସହଯୋଗ କରିଥିଲେ । ସହରର ସୌନ୍ଦର୍ଯ୍ୟକରଣ, ପରିବେଶ ସୁରକ୍ଷା ଏବଂ ଜନସ୍ୱାର୍ଥ ଦୃଷ୍ଟିରୁ ନିୟମିତ ବ୍ୟବଧାନରେ ଜବରଦଖଲ ଓ ଅବରୋଧ ହୋଇଥିବା ସ୍ଥାନ ଗୁଡିକ ପ୍ରତି ଆଗାମୀ ଦିନରେ ସମ୍ବଲପୁର ମହାନଗର ନିଗମ ଏହିପରି ଅଭିଯାନ ଜାରି ରଖିବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ବୌଦ୍ଧ ଜିଲ୍ଲାର ବିଭିନ୍ନ କୋର୍ଟରେ ଅଚଳାବସ୍ଥା
## ଓକିଲଙ୍କ ଆନ୍ଦୋଳନ ଚେତାବନୀ



ବୌଦ୍ଧ(ପିପିଏସ୍) : ବୌଦ୍ଧ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ଠାରେ ଜିଲ୍ଲା ଓକିଲ ସଂଘପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଜିଲ୍ଲାରେ ଥିବା ସମସ୍ତ ତହସିଲ କୋର୍ଟ, ଉପ ଜିଲ୍ଲାପାଳ କୋର୍ଟ, ଅତିରିକ୍ତ ଜିଲ୍ଲାପାଳ କୋର୍ଟ, ସେଟେଲ ମେଣ୍ଟ ଚକବନ୍ଦୀ କୋର୍ଟ ଓ ଜମି ଅଧିଗ୍ରହଣ କୋର୍ଟରେ ଚାଲିଥିବା ଅଚଳାବସ୍ଥା ସମ୍ପର୍କରେ ଓ ସାଧାରଣ ଲୋକେ ଭୋଗୁଥିବା ସମସ୍ୟା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା । ଏ ସମ୍ପର୍କରେ ଓକିଲସଂଘ ଗତ ସପ୍ତାହରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲା । ଜିଲ୍ଲାପାଳ ସମସ୍ତ ସମସ୍ୟାର ସମାଧାନ ପାଇଁ ଓକିଲ ସଂଘ ପ୍ରତିନିଧି ଓ ସମ୍ପୃକ୍ତ ଅଧିକାରୀମାନଙ୍କ ସହ ମିଳିତ ବୈଠକ କରି ଆଲୋଚନା କରିଥିଲେ । କିଛି ସମସ୍ୟାର ସମାଧାନ ହୋଇ ସାରିଥିବା ବେଳେ ଜମି ଜମା ସମ୍ପର୍କିତ ବିଭିନ୍ନ ପ୍ରାମାଣିକ ନକଲ ପ୍ରଦାନ କରାଯିବା ଓ ସାବିକ୍ ରେକର୍ଡ୍ ପାଇବାରେ ଥିବା ସମସ୍ୟା ସମାଧାନ ହୋଇ ପାରିନାହିଁ । ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ ନହେଲେ ଜିଲ୍ଲା ଓକିଲ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ସୁରେଶ ଚନ୍ଦ୍ର ମେହେର, ଉପ ସଭାପତି ଅର୍କିତା ଶତପଥି, ସମ୍ପାଦକ ଧବଳେଶ୍ୱର ମନହିରା, ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର, ଧୂରୀଣ କୁମାର ଦେହୁରୀଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଏଟିଏମ୍ ଉଦ୍‌ଘାଟିତ

ନୂଆପଡା: ନୂଆପଡା ଜିଲ୍ଲା ସଦର ବସ୍ ଷ୍ଟାଣ୍ଡର ନୂତନ ଷ୍ଟେଟ୍ ବ୍ୟାଙ୍କ୍ ଏଟିଏମ୍‌କୁ ଜଣେ ସାଧାରଣ ଯାତ୍ରୀ, ଗୋବର୍ଦ୍ଧନ ମହାନନ୍ଦ ଉଦ୍‌ଘାଟନ କରିଛନ୍ତି । ବ୍ୟାଙ୍କ୍ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ମୁଖ୍ୟଅତିଥି ଭାବରେ ଏଥିପାଇଁ ନିମନ୍ତ୍ରଣ କରା ଯାଇଥିଲା । ନିର୍ଦ୍ଦିଷ୍ଟ ସମୟରେ ଜିଲ୍ଲାପାଳ ମଧ୍ୟ ପହଂଚିଥିଲେ । କିନ୍ତୁ ସେ ନିମନ୍ତ୍ରଣ କଲେ ଜଣେ ସାଧାରଣ ଯାତ୍ରୀ ଗୋବର୍ଦ୍ଧନ ମହାନନ୍ଦ, ଧରମ ବନ୍ଧାଙ୍କୁ ଏହା ଉଦ୍‌ଘାଟନ ପାଇଁ, ଯିଏକି ନିଜ ଗାଁକୁ ଯିବା ପାଇଁ ବସ୍ ଷ୍ଟାଣ୍ଡ ଆସିଥିଲେ । ଏହି ଅବସରରେ ଷ୍ଟେଟ୍ ବ୍ୟାଙ୍କ୍ ଆର୍ ଏମ୍ ପ୍ରଦ୍ୟୁମ୍ନ କୁମାର ସାଇଁ, ନୂଆପଡା ଶାଖା ମୁଖ୍ୟ ପରିଚାଳକ ଲିଙ୍କନ ଦାଶ, ଡି ଟି ଏମ୍ ଆକାଶ ମହାପାତ୍ର, ବିଜୟ କୁମାର ରାଉତ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ପାନୀୟଜଳ ସମସ୍ୟା, ବାଲିଚୁଆଁ ଭରସା

ବଲାଙ୍ଗୀର, (ପିପିଏସ୍) : ଗାଁ ଗାଁରେ ବିଶୁଦ୍ଧ ପାନୀୟ ଜଳ ପାଇଁ ସରକାର କରୁଛନ୍ତି କୋଟି କୋଟି ଟଙ୍କାର ଯୋଜନା । ପ୍ରଶାସନର ଅବହେଳା ଯୋଗୁଁ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡ଼ା ପଂଚାୟତ ବରକାନି ଗାଁରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ପାଣି ମୁନ୍ଦାଏ ପାଇଁ ଅନେକ ଅସୁବିଧା ହଇରାଣ ହରକତ ହେଉଛନ୍ତି ଗ୍ରାମବାସୀ । ବାଲି ଚୁଆଁ କରି ପାଣି ସଂଗ୍ରହ କରୁଛନ୍ତି । ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡା ପଂଚାୟତରେ ଅଛି ବରକାନି ଗାଁ । ଜଙ୍ଗଲ ତଳି ଏହି ଦୁର୍ଗମ ଗାଁରେ ଦେଖିବାକୁ ମିଳିଛି ବିଶୁଦ୍ଧ ପାନୀୟ ଜଳର ଘୋର ସମସ୍ୟା । ସକାଳ ପାହିଲେ ଲୋକଙ୍କ ମନରେ ଗୋଟିଏ ଚିନ୍ତା ପିଇବା ପାଣି କେଉଁଠି ମିଳିବ । ହାତରେ ଗରା, ବାଲଟି, ଡେକଚି ଧରି ମହିଳାମାନେ ସକାଳୁ ଯାଇ ଘଂଟା ଘଂଟା ଧରି ଲାଇନ୍ ଲଗାନ୍ତି । ଗାଁରେ ଥିବା ନଦୀରେ ବାଲିଚୁଆଁ ନିକଟରେ ପାଣି ପାଇଁ ଘଂଟା ଘଂଟା ସମୟ ଧରି ବାଲି ଚୁଆଁ କରି ଅଳ୍ପ ଅଳ୍ପ କରି ପାଣି ସଂଗ୍ରହ କରିଥାଆନ୍ତି । ପାଣି ପାଇଁ ନିଜ ନିଜ ମଧ୍ୟରେ ଝଗଡା ଲାଗିଥାନ୍ତି । ସକାଳ ପାହାନ୍ତିଆ ୪ ଘଟିକାରୁ ପାଣି ପାଇଁ ନ ଗଲେ ପାଣି ମିଳେନାହିଁ । ପାଣି ପାଇଁ ଗାଁ ଲୋକଙ୍କ ଅସୁବିଧା ଦ୍ୱିଗୁଣିତ ହୋଇପଡିଛି । ନିର୍ବାଚନ ସମୟରେ ନେତା ମନ୍ତ୍ରୀମାନେ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି ହେଲେ ନିର୍ବାଚିତ ହେବା ପରେ ଆଉ ତାଙ୍କ ଦେଖା ମିଳେ ନାହିଁ ବୋଲି ଅଭିଯୋଗ କରିଛନ୍ତି । ୨ ୱାର୍ଡ ବିଶିଷ୍ଟ ବରକାନି ଗାଁରେ ଦୀର୍ଘ ବର୍ଷରୁ ପାଣି ସମସ୍ୟା ଲାଗିରହିଛି । ଗାଁରେ ତିନୋଟି ନଳକୂପ ଥିବାବେଳେ ୨ଟି ଅଚଳ ହୋଇଥିବା ବେଳେ ଅନ୍ୟଟି ଆବଶ୍ୟକ ପାଣି ବାହାରୁ ନାହିଁ । ଗାଁର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଗ୍ରାମବାସୀ ଦୁଇଟି ନୂତନ ନଳକୂପ ସହ ଓଭରହେଡ୍ ଟ୍ୟାଙ୍କ ଓ ଘରକୁ ଘର ପାଣି ଯୋଗାଣ କରିବା ପାଇଁ ଦାବି କରିଛନ୍ତି । ଏ ଦିଗରେ ଆବଶ୍ୟକ ପଦକ୍ଷେପ ନ ନେଲେ ବ୍ଲକ ସମ୍ମୁଖରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି । ଏନେଇ ଆମ ପ୍ରତିନିଧି ହୁଲେଶ୍ୱର ହଂସ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ବଲାଙ୍ଗୀର ପବିତ୍ର ବେହେରାଙ୍କୁ ଯୋଗାଯୋଗ କରିବାରୁ, ସେ କହିଛନ୍ତି ଅଚଳ ନଳକୂପକୁ ଶୀଘ୍ର ସଜାଡିବା ସହ ଗାଁରେ ଥିବା ପାନୀୟ ଜଳ ସମସ୍ୟାକୁ ଅତିଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ଏବେ ଦେଖିବାକୁ ବାକି ରହିଲା ପ୍ରଶାସନ କେତେ ଶୀଘ୍ର ଏହି ଗାଁର ପାନୀୟ ଜଳ ସମସ୍ୟାକୁ ସମାଧାନ କରୁଛି ।

# ନାବାଳିକା ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍ସୋ) ମନୋରଞ୍ଜନ ଦାସ ବାଲିଗୁଡ଼ା ପି.ଏସ୍.ରୁ ଉଠାଯାଇଥିବା ମାମଲା ନମ୍ବର- ସିଟି ୧୧ । ୨୦୨୪ ର ଅଭିଯୁକ୍ତ ସପନା ପାଟ ମାଝୀଙ୍କୁ, ମାମଲାର ସାକ୍ଷି ଓ ପ୍ରମାଣ ତଥା ପିଡିତାଙ୍କ ବୟାନ ଆଧାରରେ, ଦୋଷୀ ସାବ୍ୟସ୍ତ କରି, ମାମଲା ୪୬/୨୦୨୪ ତା.୨୪/୦୨/୨୦୨୪ ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ତାକୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ପୋକ୍ସୋ ଆଇନର ଧାରା ୬ ରେ ୩ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦୦୦/- ଟଙ୍କା ଜରିମାନା ଦେବାକୁ ଦଣ୍ଡିତ କରାଯାଇଛି । ଯଦି ତାହା ନହୁଏ ତେବେ ୩୬୩ ଆଇପିସି ଏବଂ ଧାରା ୬ ରେ ଆହୁରି ୨ ମାସ ସଶ୍ରମ କାରାଦଣ୍ଡ ଏବଂ ୭ (ସାତ) ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦୦୦ ଟଙ୍କା ଜରିମାନା ଦେବାକୁ ଦଣ୍ଡିତ କରାଯାଇଛି । ଯଦି ତାହା ନହୁଏ ତେବେ ୩୬୬ ଆଇପିସି ପାଇଁ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଏବଂ ୫୦୦୦ ଟଙ୍କା ସଶ୍ରମ କାରାଦଣ୍ଡ ପ୍ରଦାନ କରିବାକୁ ଦଣ୍ଡିତ କରାଯାଇଛି । ବିଚାରପତି, ପିଡିତାଙ୍କୁ ଫୁଲବାଣୀ ଆଇନସେବା ପ୍ରାଧିକରଣ ଜରିଆରେ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିବା ବେଳେ ତ୍ରିଲୋଚନ ପରିଡା, ଡିଡିପି କନ୍ଧମାଳ ଏବଂ ପୂର୍ଣ୍ଣ ଚନ୍ଦ୍ର ନାଗ, ପି.ପି. ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲା କ୍ଷ ଏହି ମାମଲାର ତଦନ୍ତକାରୀ ଅଧିକାରୀ ପ୍ରମୋଦ କୁମାର ଜେନା ଏବଂ ତତ୍କାଳୀନ ଆଇଆଇସି ସୁକାନ୍ତ କୁମାର ସାହୁଙ୍କୁ ଏ ବାବଦରେ ଧନ୍ୟବାଦ ଦିଆଯାଇଛି ।

# ନନ୍ଦପୁର ବ୍ଲକ୍ ଅଫିସ୍ ଘେରାଉ

ଜୟପୁର: କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକରେ ଚାଲିଥିବା ରାଜନୈତିକ ଛକାପଞ୍ଝା ତୀବ୍ର ରୂପ ନେଇ ବୁଧବାର ଦିନ ଘେରାଉ ଆନ୍ଦୋଳନରେ ପରିଣତ ହୋଇଛି । ବିଜେଡି ଜିଲ୍ଲା ସଂଗଠନ ତରଫରୁ ଏହି ବ୍ଲକ ଅଫିସକୁ ଘେରାଇ କରି ପଟ୍ଟାଙ୍ଗି ବିଧାୟକଙ୍କ ବିରୁଦ୍ଧରେ ଦୃଢ଼ ପ୍ରତିବାଦ କରାଯାଇଛି । ପଟ୍ଟାଙ୍ଗି ବିଧାୟକଙ୍କ ବିରୋଧରେ ଅଦୃଷ୍ଟମୂଳକ ଆଚରଣ ଓ ବିକାଶକାର୍ଯ୍ୟରେ ଅବହେଳାର ଅଭିଯୋଗ ଆସିଛି । ଇତିମଧ୍ୟେ ନିର୍ବାଚିତ ପଂଚାୟତ ପ୍ରତିନିଧିମାନେ ସାମୂହିକ ଇସ୍ତଫାର ଧମକ ମଧ୍ୟ ଦେଇଛନ୍ତି । ଏକ ସରପଂଚଙ୍କ ସ୍ୱାମୀଙ୍କୁ ବିଧାୟକଙ୍କ ଦ୍ୱାରା ଧକ୍କା ମାରିବାର ଘଟଣା ଏବେ ବହୁତ ଚର୍ଚ୍ଚା ର ବିଷୟ ପାଲଟିଛି । ଗତ ଶନିବାର ସମିତି ସଭ୍ୟ ଓ ସରପଂଚ ପ୍ରତିନିଧିମାନେ ବିଧାୟକଙ୍କୁ ବିଖ୍ୟାତ ଖୋଲା ଚିଠି ପ୍ରଦାନ କରିଥିଲେ । ରବିବାର ବିଧାୟକ ଅଭିଯୋଗ ପତ୍ରର ସ୍ୱାକ୍ଷର ନକଲି ବୋଲି ଦାବି କରିଥିଲେ । ସୋମବାର ଜିଲ୍ଲା ବିଜେଡି ସଂଗଠନ ତରଫରୁ ବିଧାୟକଙ୍କ ବିରୋଧରେ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରାଯାଇଥିଲା । ବିଧାୟକ ଏହାକୁ ଅଣଦେଖା କରୁଥିବା ଯୋଗୁଁ ବୁଧବାର ସ୍ଥାନୀୟ ସର୍ବେଶ୍ୱର ମନ୍ଦିରଠାରୁ ବିଜେଡି କର୍ମୀମାନଙ୍କର ବିଶାଳ ରାଲି ବାହାର ହୋଇ ନନ୍ଦପୁର ବ୍ଲକ ଅଫିସକୁ ଘେରାଉ କରାଯାଇଥିଲା । ଶତାଧିକ ପାର୍ଟି କର୍ମୀ ବିଧାୟକଙ୍କ ଗୁଣ୍ଡାଗିରି ବନ୍ଦ କରିବା ଓ ବ୍ଲକ ବିଡିଓଙ୍କ ବଦଳିର ଦାବି ରଖିଥିଲେ । ଏହି ଘେରାଉ ଆନ୍ଦୋଳନରେ ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଳ, ପ୍ରଫୁଲ୍ଲ ପାଙ୍ଗି, ପ୍ରୀତମ ପାଢ଼ୀ, କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା, ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କ ସହ ଅସଂଖ୍ୟ ବିଜେଡି ପାର୍ଟି ସଦସ୍ୟ ଉପସ୍ଥିତ ଥିଲେ । ଏହି ଘେରାଉ ଆନ୍ଦୋଳନର ନେତୃତ୍ୱ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଓ ପ୍ରୀତମ ପାଢ଼ୀ ନେଇଥିଲେ । ଘେରାଉ ସମୟରେ ନନ୍ଦପୁର ଠାରେ ସାପ୍ତାହିକ ହଝାଟ ଚାଲିଥିବା ହେତୁ ନନ୍ଦପୁର ବୋଲି ପୁଲିସ ବ୍ୟାପକ ନିରାପତା ବନ୍ଦୋବସ୍ତ ଓ ଜନସମାବେଶକୁ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିଥିଲେ ।

# ଜିଲ୍ଲାସ୍ତରୀୟ ବ୍ୟାଙ୍କ ସମୂହର ତ୍ରୈମାସିକ ସମୀକ୍ଷା ବୈଠକ


ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବ୍ୟାଙ୍କ ସମୂହର ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ସ୍ଥାନୀୟ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଲିଡ୍ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ତ୍ରୈମାସିକ ବୈଠକରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସଭାପତିତ୍ୱ କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନ ସ୍ଥିତି ଏବଂ ବିଭିନ୍ନ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ଉପରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଛି । ବୈଠକ ପ୍ରାରମ୍ଭରେ ବ୍ୟାଙ୍କଗୁଡ଼ିକର ବିଗତ ୨୦୨୫-୨୬ ଆର୍ଥିକ ବର୍ଷର ଋଣ ପ୍ରଦାନ ସ୍ଥିତି ଓ ଅଗ୍ରଗତିର ତଥ୍ୟ ଉପସ୍ଥାପନ କରାଯାଇଥିଲା । ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଶିରପାଣି ନାଏକଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଆୟୋଜିତ ଏହି ବୈଠକରେ ଲାଇନ ଡିପାର୍ଟମେଣ୍ଟ (ସଂପୃକ୍ତ ସରକାରୀ ବିଭାଗ) ଗୁଡ଼ିକ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ଦିଆଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଲକ୍ଷ୍ୟକୁ ସମୟସୀମା ମଧ୍ୟରେ ପୂରଣ କରିବା ପାଇଁ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଅଗ୍ରାଧିକାର ପ୍ରାପ୍ତ ଯୋଜନା ଯଥା- କୃଷି ଋଣ, ବାଣିଜ୍ୟିକ ଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ, କିଷାନ କ୍ରେଡିଟ୍ କାର୍ଡ ଋଣ ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଅଧୀନରେ ଋଣ ପ୍ରଦାନ ସମ୍ପର୍କରେ ତୃଣମୂଳ ସ୍ତରର ସମୀକ୍ଷା କରାଯାଇଥିଲା । ଏହା ସହିତ କେନ୍ଦ୍ର ସରକାରଙ୍କ ପ୍ରମୁଖ ସାମାଜିକ ସୁରକ୍ଷା ଯୋଜନା ଯଥା- ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ଅଟଳ ପେନସନ ଯୋଜନାର ସଫଳ ରୂପାୟନ ଓ ଅଧିକରୁ ଅଧିକ ହିତାଧିକାରୀଙ୍କୁ ଏଥିରେ ସାମିଲ କରିବା ପାଇଁ ବିସ୍ତାର ଭାବେ ଆଲୋଚନା ହୋଇଥିଲା । ଜିଲ୍ଲାର ଆର୍ଥିକ ପ୍ରଗତିକୁ ଆହୁରି ସୁଦୃଢ଼ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମସ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆଗାମୀ ନୂତନ ଆର୍ଥିକ ବର୍ଷ ୨୦୨୬-୨୭ ରେ ନିଜ ନିଜର ବ୍ୟାଙ୍କିଙ୍ଗ୍ ଲକ୍ଷ୍ୟ ପୂରଣ କରିବା ସହ ଜନସାଧାରଣଙ୍କୁ ସହଜରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ । ଏହି ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ତୁଳାବତି ମିଞ୍ଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଆର୍ବିଆଇ ର ଏଲ୍ଡିଓ ଅନେଟ ଶ୍ରଦ୍ଧା ଟପ୍ପୋ, ନାବାର୍ଡ ର ଡିଡିଏମ୍ ତାପସ ବେହେରା, ଟିଆର୍ଏଲ୍-ଏସ୍‌ଆଇ ଆର୍ସେଟିର ନିର୍ଦ୍ଦେଶିକା ନିବେଦିତା ବାରୱାଙ୍କ ସମେତ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଶାଖା ଅଧିକାରୀ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଂଟର ଜିଲ୍ଲା ସ୍ତରୀୟ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଗ୍ୟାସ୍ କଳାବଜାର
## କାର୍ଯ୍ୟାନୁଷ୍ଠାନ ଶୂନ



ଦେବଗଡ଼(ପିପିଏସ୍) : ଦେବଗଡ଼ ଜିଲ୍ଲା ରିଆମାଳ ଗ୍ୟାସ ଏଜେଣ୍ଟଙ୍କ କଳାବଜାର ବହୁ ମାକତ୍ରାରେ ଦିନ କୁ ଦିନ ବଢ଼ି ଚାଲିଛି । ଲୋକମାନେ ଗ୍ୟାସ ନପାଇ କାଠ ଚୂଲିରେ ରୋଷେଇ କରିବାକୁ ବାଧ୍ୟ ହେଉଛନ୍ତି । ଓଟିପି କଲେ ଗ୍ୟାସ ମିଳିବ କହି ଲୋକଙ୍କଠୁ ୫୦ ଟଙ୍କା ନିଆଯାଉଛି । ଏଜେଣ୍ଟର ୨୦ ଟଙ୍କା , ଓଟିପି କରିବା ଲୋକଙ୍କ ର ୩୦ ଟଙ୍କା ଏଜେଣ୍ଟ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ଓଟିପି କରିବାକୁ ଦେଉଛନ୍ତି । ଯେପରି ଉଭୟ ଫାଇଦାରେ ରହିବେ । ଆମ ପ୍ରତିନିଧି ତାଙ୍କୁ ଗ୍ୟାସ ବିଷୟରେ ପଚାରିବାରୁ, ତାଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଛନ୍ତି । ଏପରି ଏଜେଣ୍ଟକୁ ଡରି କରି କେହି ମୁହଁ ଖୋଲୁ ନାହାନ୍ତି । ମନଇଚ୍ଛା ୫୦୦ ଟଙ୍କା ଅଧିକ ଗ୍ୟାସ୍ ପିଛା ନେବା ଗ୍ରାହକମାନଙ୍କୁ ଅସହ୍ୟ ହେଲାଣି । ତେବେ ତୁରନ୍ତ ଏନେଇ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ହେବା ସହ ଏଜେଣ୍ଟର ଲାଇସେନ୍ସ ରଦ୍ଧ କରାଯିବାକୁ ଦାବି ହେଉଛି ।

# ବିଶ୍ୱ ପରିବେଶ ଦିବସ ପାଳିତ



ବୌଦ୍ଧ(ପିପିଏସ୍) : ବୌଦ୍ଧ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି । ବନ ଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଚଳିତ ବର୍ଷର ପ୍ରସଂଗ ଜଳବାୟୁ ପଦକ୍ଷେପ ସମ୍ପର୍କରେ ବିଶେଷଜ୍ଞ ଓ ସାଧନ କର୍ମୀ ମାନେ ନିଜ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଉକ୍ତ ଅବସରରେ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ବିତରଣ କରା ଯାଇଥିଲା କ୍ଷ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ବନ ବିଭାଗର ସହକାରୀ ବନ ସଂରକ୍ଷକ, ରେଞ୍ଜ ଅଧିକାରୀ, ବନପାଳ ଓ ବନ ରକ୍ଷୀ ମାନେ ଉପସ୍ଥିତ ଥିଲେ ।

## ମାଲକାନଗିରି ଜିଲ୍ଲାପାଳଙ୍କ ଗ୍ରୀଷ୍ମ ଶିକ୍ଷା ଶିବିର ପରିଦର୍ଶନ
# ଦଶମ ପିଲାଙ୍କୁ ଦେଲେ ସଫଳତାର ମନ୍ତ୍ର

ମାଲକାନଗିରି: ଶିକ୍ଷା କ୍ଷେତ୍ରରେ ବଡ଼ ସଂସ୍କାର ଓ ପିଲାଙ୍କ ମନୋବଳ ବଢ଼ାଇବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଚାଲିଥିବା ୨୦ ଦିନିଆ ଦଶମ ଶ୍ରେଣୀ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଅନ୍ତର୍ଗତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ । ଛାତ୍ରଛାତ୍ରୀଙ୍କ ସହ ସେ ସେମାନଙ୍କ ପାଠପଢ଼ା ଓ ଭବିଷ୍ୟତ ଲକ୍ଷ୍ୟ ବିଷୟରେ ସିଧାସଳଖ ଆଲୋଚନା କରିଥିଲେ । ଆଲୋଚନା ବେଳେ ପଢୁଥିବା ବିଷୟକୁ କେବଳ ଘୋଷିବା ପରିବର୍ତେ ତାର୍କିକ ରୂପେ ବୁଝିବା ଓ ବର୍ତମାନ ସମୟର ସଦୁପଯୋଗ କରିବାକୁ ଜିଲାପାଳ ଉପଦେଶ ଦେଇଥିଲେ । ଏଥିସହ ଦଶମ ଶ୍ରେଣୀ ପାଠକୁ ଟିକେ ଆଗୁଆ ସାରି ପରୀକ୍ଷା ପୂର୍ବରୁ ଅଭ୍ୟାସ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାକୁ ସେ ସେଠାରେ ଉପସ୍ଥିତ ଶିକ୍ଷକଗଣଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ଏହି ସ୍ପେଶାଲ ଭିଜିଟ୍ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଭାହୀରଥି ବେହେରା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରାଙ୍କ ସହ ପ୍ରଧାନ ଶିକ୍ଷକ ଈଶ୍ୱର ରାଓ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ । ଜିଲ୍ଲାପାଳଙ୍କ ଏହି ହଠାତ୍ ପରିଦର୍ଶନ ଓ ପ୍ରେରଣାଦାୟୀ ବାର୍ତା ପରେ ଶିବିରରେ ଥିବା ପିଲାମାନଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି ।

# ହିତାଧିକାରୀଙ୍କୁ ମିଳୁନି ଭତ୍ତା

ଜୟପୁର: କୋରାପୁଟ ଜିଲାରେ ହିତାଧିକାରୀଙ୍କୁ ମିଳୁନି ଦିବ୍ୟାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା । କୋରାପୁଟ ଜିଲ୍ଲା ସମେତ ରାଜ୍ୟରେ ଅନେକ ଦିବ୍ୟାଙ୍ଗ, ବିଧବା ଓ ବୃଦ୍ଧବୃଦ୍ଧା ୩ ମାସ ହେଲାଣି ଭତ୍ତା ପାଇନାହାନ୍ତି । ସେମାନେ ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି । ଅନେକ ବୃଦ୍ଧବୃଦ୍ଧା ବ୍ୟାଙ୍କ ଓ ପଞ୍ଚାୟତ କାର୍ଯ୍ୟାଳୟ ଦୌଡ଼ିଦୌଡ଼ି ନାକେଦମ ହେଲେଣି । ପେଟ୍ରୋଲ, ଡିଜେଲ, ଗ୍ୟାସ ଦରବୃଦ୍ଧି ସହ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଆହେତୁକ ଭାବେ ବଢିଚାଲିଛି । ଏହା ସାଙ୍ଗକୁ ବସ୍ ଭଡ଼ା ବୃଦ୍ଧିର ମହଙ୍ଗା ମାଡ଼ ରେ ସାଧାରଣ ଜନତା ହିନସ୍ତା ହେଉଛନ୍ତି । ଯାହାକି ଗରିବ ଗୁରୁବା ଙ୍କୁ କଷ୍ଟ ଦେଉଛି । ୩ ମାସ ହେଲା ମାସିକ ଭତ୍ତା ମିଳିନଥିବା ହେତୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କୋରାପୁଟ ଜିଲା ପ୍ରାୟ ୧ ଲକ୍ଷ ହିତାଧିକାରି ଭତ୍ତା ପାଇନାହାନ୍ତି । ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗମାନେ ଅଟୋ କିମ୍ବା ବସ ଯୋଗେ ବ୍ଲକ, ପଞ୍ଚାୟତ ଓ ବ୍ୟାଙ୍କ କାର୍ଯ୍ୟାଳୟକୁ ଯାଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ଲକ ପ୍ରଶାସନ, ବିଭାଗୀୟ ଅଧିକାରୀ କିମ୍ବା ଜନପ୍ରତିନିଧିମାନେ ଏ ନେଇ କୌଣସି ସଠିକ ସୂଚନା ଦେଉ ନ ଥିବା ଅଭିଯୋଗ ହୋଇଛି । କିଛି ବୈଷୟିକ ତୃଟି ଯୋଗୁ କେନ୍ଦ୍ରୀୟ ପାଣ୍ଠି ଉଠାଣରେ ଅସୁବିଧା ସୃଷ୍ଟି ହୋଇଛି ବୋଲି ଶୁଣିବାକୁ ମିଳୁଛି । ହେଲେ ୩ ମାସ ହେଲା କ'ଣ ଏହାର ସମାଧାନ ହୋଇପାରୁନି କି ବୋଲି ହିତାଧକାରୀ ମାନେ ପ୍ରଶ୍ନ କରିଛନ୍ତି । ହିତାଧିକାରୀଙ୍କୁ ସିଧାସଳଖ ଅନଲାଇନ ଜରିଆରେ ବ୍ୟାଙ୍କ ଜମାଖାତାକୁ ପ୍ରତି ମାସରେ ଭତ୍ତା ପଠାଯାଏ । ଏଭଳି ଦାୟିତ୍ୱହୀନତା କେବେ ଦେଖିବାକୁ ମିଳି ନଥିଲା । ବିରୋଧୀ ଦଳ ପକ୍ଷରୁ ମଧ୍ୟ ଏନେଇ ସରକାରଙ୍କୁ ସମାଲୋଚନା କରାଯାଉଛି । ତେଲ, ଗ୍ୟାସ, ବସ୍ ଭଡ଼ା ଦରବୃଦ୍ଧି ପରେ ଅତ୍ୟାବଶ୍ୟକ ଜିନିଷ ପତ୍ରର ଦାମ ବଢ଼ିବା ସମସ୍ତଙ୍କୁ ବାଧୁଛି । ହେଲେ ସରକାର ଚୁପ୍ ହୋଇ ବସିଛନ୍ତି । ଲୋକଙ୍କ ସରକାର ଲୋକଙ୍କ ସମସ୍ୟାର ସମାଧାନ କରିପାରୁନି । ଅପର ପକ୍ଷରେ ଦୁଇବର୍ଷ ପୂର୍ତ୍ତୀ ଉତ୍ସବ ପାଳନ କରିବା ଲାଗି ନେତା, ମନ୍ତ୍ରୀ ଲାଗିପଡ଼ିଥିବା ବେଳେ କୋରାପୁଟ ଜିଲାରେ ହିତାଧିକାରି ମାନେ ବହୁତ ହଇରାଣ ହରକତରେ ଅଛନ୍ତି । ତେଣୁ ରାଜ୍ୟ ସରକାର ଗିରବ ଗୁରବା ଙ୍କ ଭତ୍ତା ଟଙ୍କା ତୁରନ୍ତପ୍ରଦାନ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।

# ପରିବେଶ ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା

ଜୟପୁର: ଜୟପୁର ସାଇକେଲ କ୍ଲବ ଆନୁକୂଲ୍ୟରେ ବିଶ୍ୱ ବାଇସାଇକେଲ୍ ଦିବସ ବେଶ୍ ଉତ୍ସାହର ସହ ପାଳିତ ହୋଇଯାଇଛି । ଦ୍ୱିତୀୟ ଦୈନିକ ବଜାର ସ୍ଥିତ ସୋନି ସାଇକେଲ ମାର୍ଟ, ହାର୍କୁଲସ ସାଇକେଲ କମ୍ପାନୀ ଏବଂ ସିଓ୍ୱା ଅନୁଷ୍ଠାନର ସହଯୋଗରେ ଏକ ବିଶାଳ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏହି ରାଲି ସ୍ଥାନୀୟ ରଘୁନାଥ ମନ୍ଦିର ଛକରୁ ବାହାରି ସହରର ମୁଖ୍ୟ ଟ୍ରାଫିକ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ଶୋଭାଯାତ୍ରାରେ ସାମିଲ ସଦସ୍ୟମାନେ 'ସାଇକେଲ ଚଲାନ୍ତୁ, ସୁସ୍ଥ ରୁହନ୍ତୁ' ନାରା ଦେବା ସହ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର କମାଇ ଜୀବାଶ୍ମ ଇନ୍ଧନ ବଂଚାଇବା ପାଇଁ ସାଧାରଣ ଜନତାଙ୍କୁ ସଚେତନ କରିଥିଲେ । ସୂଚନାଯୋଗ୍ୟ ଯେ, ଜୟପୁର ସାଇକେଲ କ୍ଲବର ସଦସ୍ୟମାନେ ପ୍ରତ୍ୟେକ ଦିନ ପ୍ରାୟ ୨୦ ରୁ ୨୧ କିଲୋମିଟର ପର୍ଯ୍ୟନ୍ତ ସାଇକେଲ ଚଲାଇଥାନ୍ତି । ଏହା ମାଧ୍ୟମରେ ସେମାନେ ସ୍ୱାସ୍ଥ୍ୟ ରକ୍ଷା, ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ଶିକ୍ଷାର ପ୍ରସାର ଭଳି ସାମାଜିକ କଲ୍ୟାଣକାରୀ ବାର୍ତା ସମାଜକୁ ଦେଇ ଆସୁଛନ୍ତି, ଯାହା ସ୍ଥାନୀୟ ଅଂଚଳରେ ବେଶ୍ ପ୍ରଶଂସନୀୟ ହୋଇଛି ।

# ଟିକ୍ରାପଡ଼ା ଶୀତଳଷଷ୍ଠୀ ମହୋତ୍ସବ ପ୍ରସ୍ତୁତି



ବଲାଙ୍ଗିର,(ପିପିଏସ୍) : ଟିକ୍ରାପଡା ଠାରେ ଆସନ୍ତା ଶିତଳଷଷ୍ଠୀ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହୋତ୍ସବ ପାଇଁ ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କୁ ସଭାପତି, ବିକାଶ ସାହୁଙ୍କୁ ସଂପାଦକ ଓ ରାଜେଶ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଛି । ମହୋତ୍ସବ ଉଦ୍ଦେଶ୍ୟରେ ପଡାର ସମସ୍ତ ଘରେ ଆଲୋକ ସାଜସଜ୍ଜା କରାଯିବା ସହ ମହାଦେବଙ୍କ କଳସ ଯାତ୍ରାରେ ସମସ୍ତେ ସାମିଲ ହେବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ତା ଛଡା ଅଷ୍ଟମ ବର୍ଷ ପାଇଁ ହେଉଥିବା ଏହି ଶିତଳ ଷଷ୍ଠୀ ମହୋତ୍ସବକୁ ମହା ଆଡମ୍ବରରେ ପାଳନ କରିବା ଦିଗରେ ସମସ୍ତେ ସହଯୋଗ କରିବେ ବୋଲି କମିଟି ଅନୁରୋଧ କରିଛି । ଏହି ସଭାରେ ବାବୁ ସା, ସଂଜୟ ଶତପଥି, ତୋଫାନ ସାହୁ, ଆଶୁତୋଷ ସାହୁ, ଅଭିଷେକ ପୁଝାରୀ, ସଂଜିବ ସାହୁ, ଜ୍ୟୋତିଷ କର, ସ୍ୱସ୍ତିକ ମିଶ୍ର, ରାଜେନ୍ଦ୍ର ପାଣି, ଶ୍ୟାମଲାଲ ଅଗ୍ରୱାଲ, ଜ୍ୟୋତି ରାଉତରାଏ, କଲୁ ମହାନ୍ତି, ପଂଚାନନ ପୁଝାରୀ, ସରୋଜ ନନ୍ଦ, ସୁବାଷ ଦାସ, ପ୍ରଦୀପ ଦାଶ, ଟୁଲୁ ସାହୁ, ଆକାଶ ନନ୍ଦ, ସୋନୁ ଅଗ୍ରୱାଲ, ସଂଜୟ ଅଗ୍ରୱାଲ, ରିତେଶ କେଡିଆ, ରଂଜିତ ଦାସ, ଅଶୋକ ଦାସ, ଚିତ୍ତ ରଂଜନ ସାହୁ, ଅମିତ ଦାସ ଓ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତାମତ ରଖିଥିଲେ ।

# ବିଦ୍ୟୁତ ଉତ୍ପାଦନରେ ପ୍ରଥମ ସ୍ଥାନରେ ଓପିଜିସି

ଝାରସୁଗୁଡ଼ା : ଲଖନପୁର ବ୍ଲକ ବନହରପାଲି ସ୍ଥିତ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ (ଓପିଜିସି) ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ନିଜର କ୍ରମାଗତ ଉନ୍ନତ ପ୍ରଦର୍ଶନର ଧାରା ଜାରି ରଖୁଛି । ମଇ ୨୦୨୬ ମଧ୍ୟରେ ଦେଶରେ ଥିବା ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଗୁଡ଼ିକ ମଧ୍ୟରେ ଓପିଜିସି ପ୍ରଥମ ସ୍ଥାନ ଅଧିକାର କରିଛି । ଓପିଜିସିର ବିଶେଷ ସଫଳତା ମଧ୍ୟରେ ଦେଶରେ ଥିବା ସରକାରଙ୍କ ଅଧୀନସ୍ଥ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରେ ପ୍ରଥମ ସ୍ଥାନ, ଜାତୀୟ ସ୍ତରରେ ସମସ୍ତ ସରକାରୀ ଓ ବେସରକାରୀ କର୍ମଚାରୀ ବିଦ୍ୟୁତ ଉତ୍ପାଦନ ବନ କେନ୍ଦ୍ରଙ୍କ ମଧ୍ୟରେ ୧୦ମ ସ୍ଥାନ, ଦେଶରେ ଥିବା ୧୦୦୦ ମେଗାୱାଟରୁ ଅଧିକ କ୍ଷମତା ସମ୍ପନ୍ନ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଙ୍କ ମଧ୍ୟରେ ୬ଷ୍ଠ ସ୍ଥାନରେ ରହିଛି । ଏହି ଏହି ସଫଳତା ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ର ରାଜ୍ୟ ତଥା ଦେଶ ପାଇଁ ସମର୍ପିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଦିଗରେ ଦାୟିତ୍ୱବୋଧତାକୁ ପ୍ରତିଫଳିତ କରୁଛି ।

# ସ୍କୁଟି ଚୋରି କରି ଯୁବକ ଗିରଫ

**ଭୁବନେଶ୍ୱର(ପିପିଏସ୍):** ସ୍କୁଟି ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରହ୍ମପୁର ବଡ଼ବଜାର ଥାନା ନୋଳିଆ ସାହିର ପପୁ ଓରଫ ନିର୍ମଳ ଦାସ। ପପୁ ଦୀର୍ଘବର୍ଷ ହେବ ଧଉଳି ଥାନା ରଘୁନାଥପୁର ଭୋଇ ସାହିରେ ଭଡାରେ ରହୁଥିଲେ। ପୁଲିସ୍ ସୂତ୍ରରୁ ଜଣାପଡ଼ିଛି ଏହି ଥାନା ନାଥପୁର ଗ୍ରାମର ବିକ୍ରମ କେଶରୀ ପ୍ରଧାନ ତାଙ୍କ ହୋଣ୍ଡା ଆକ୍ଟିଭା ସ୍କୁଟିକୁ ନିଜ ଘର ବାରଣ୍ଡା ସମ୍ମୁଖରେ ପାର୍କିଂ କରି ରଖିଥିଲେ। ଦିନ ପ୍ରାୟ ସାଢ଼େ ଗୋଟାଏରେ ପପୁ ଉକ୍ତ ସ୍କୁଟିକୁ ରାସ୍ତାରେ ଗଡ଼ାଇ ନେଉଥିଲେ। ପଡୋଶୀଙ୍କ ଠାରୁ ଖବର ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ପପୁକୁ ସ୍କୁଟି ସହ କାବୁ କରିଥିଲେ। ପରେ ଧଉଳି ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ସେଠାରେ ପହଞ୍ଚି ସ୍କୁଟିକୁ ଉଦ୍ଧାର କରିବା ସହ ପପୁକୁ ଥାନାକୁ ନେଇ ପଚରାଉଚରା ଚଳାଇଥିଲେ।




# ନୃତ୍ୟଉତ୍ସବ 'ମାର୍ଗୀ' ଉଦ୍‌ଯାପିତ

**ଭୁବନେଶ୍ୱର(ପିପିଏସ୍):** ନୃତ୍ୟଶାଳା ଦ୍ୱାରା ରବୀନ୍ଦ୍ରମଣ୍ଡପରେ ଆୟୋଜିତ ନୃତ୍ୟଉତ୍ସବ 'ମାର୍ଗୀ' ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟ ଜେନା, ପ୍ରତିଷ୍ଠିତ ମର୍ଦ୍ଦଳବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଛଉନୃତ୍ୟ ଗୁରୁ ସଦାଶିବ ପ୍ରଧାନ, ନାଟ୍ୟଗୁରୁ ପ୍ରଦୀପ ମିଶ୍ର, ନୃତ୍ୟଶାଳା ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନୃତ୍ୟଗୁରୁ ଡ. ମନୋରଞ୍ଜନ ପ୍ରଧାନ ମଙ୍ଗଳାଚରଣରେ ମଙ୍ଗଳ ପୂର୍ବକ ଈଶ୍ୱର ଆରାଧନା କରିଥିଲେ। ଏହାପରେ ନୃତ୍ୟଶିଳ୍ପୀ ସୁହାଗ ନଳିନୀ ଦାସ ରାସ ପାନଚାଲ୍ ପରିବେଷଣ କରିଥିଲେ। ମିଶ୍ର ତାଳ ଉପରେ ପର୍ଯ୍ୟବେକ୍ଷିତ ଏହି ନୃତ୍ୟକୁ ଆଦି ଗୁରୁ ପଙ୍କଜ ଚରଣ ଦାସ ନୃତ୍ୟ ସଂଯୋଜନା କରିଥିବା ବେଳେ ଗୁରୁ ରାମହରି ଦାସ ସ୍ୱର ସଂଯୋଜନା କରିଛନ୍ତି। ପରବର୍ତ୍ତୀ ପସ୍ତୁତିରେ ଦ୍ୱୈତ ନୃତ୍ୟ ପରିବେଷଣ କରିଥିଲେ ଶିଳ୍ପୀ ସସ୍ମିତା ବେହେରା ଓ ଜଗଜିତ୍ ଦାସ। ଦୁହେଁ ଅଭିନୟରେ 'ଆହେ ନୀଳ ଶୈଳ.. ପରିବେଷଣ କରିଥିଲେ। ତାଳ-ଯତି ଉପରେ ନିବଦ୍ଧ ଏହି ନୃତ୍ୟକୁ ଗୁରୁ ନବକିଶୋର ମିଶ୍ର ଓ ଗୁରୁ ନିରଞ୍ଜନ ରାଉତ ସଂଯୋଜନା କରିଥିବା ବେଳେ ସଂଗୀତରେ ଥିଲେ ଗୁରୁ ସୁକାନ୍ତ କୁମାରେ କୁଣ୍ଡୁ। ଶେଷ ପର୍ଯ୍ୟାୟରେ ନୃତ୍ୟଶାଳା ଅନୁଷ୍ଠାନ ଦ୍ୱାରା ନୃତ୍ୟନାଟିକା ମୁଁ ପରିବେଷିତ ହୋଇଥିଲା। ଏହାକୁ ଗୁରୁ ନବ କିଶୋର ମିଶ୍ର ରଚନା କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ହିଂମାଶୁ ଶେଖର ସ୍ୱାଇଁ ଏବଂ ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଅଜୟ ଚୌଧୁରୀ କରିଥିଲେ। ପରିକଳ୍ପନା ଓ ନୃତ୍ୟ ସଂଯୋଜନା ଗୁରୁ ଅଶୋକ କୁମାର ଘୋଷାଲ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।



# ପଶୁପକ୍ଷୀଙ୍କ ସେବାରେ ସମାଜସେବୀ

**ଭୁବନେଶ୍ୱର(ପିପିଏସ୍):** ବର୍ତ୍ତମାନ ସାରା ଭାରତ ସମେତ ଓଡ଼ିଶାରେ ତାପମାତ୍ରା ୪୫ ଡିଗ୍ରୀରୁ ଉର୍ଦ୍ଧ୍ୱ ରହୁଥିବା ବେଳେ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁ ସମଗ୍ର ଜୀବଜଗତ ପ୍ରଭାବିତ ହେବାରେ ଲାଗିଛି। ଏପରିସ୍ଥଳେ ସମାଜସେବୀ ପ୍ରତାପ ସାହୁ ବାଇକ ପଛରେ ଜାରରେ ଥଣ୍ଡା ପାଣି ବାନ୍ଧି କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ମାହାଙ୍ଗା, ପିପିଲିର ବିଭିନ୍ନ ଅଞ୍ଚଳରେ ପଥଯାତ୍ରୀମାନଙ୍କୁ ଜଳ ଯୋଗାଉଥିବା ବେଳେ ରାସ୍ତାକଡ଼ରେ ବୁଲୁଥିବା ବୁଲା ଗୋରୁଗାଈ ଓ ଷଣ୍ଢମାନଙ୍କୁ ଜଳସେବ ଯୋଗାଉଛନ୍ତି। ପକ୍ଷୀମାନଙ୍କ ପାଇଁ ମାଟିପାତ୍ରରେ ପାଣି ଭର୍ତ୍ତିକରି ଏହିସବୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ବଡ଼ ବଡ଼ ଚଢି ରଶି। ସାହାଯ୍ୟରେ ଗଛର ଡାଳରେ ମାଟିପାତ୍ରକୁ ବାନ୍ଧି ପକ୍ଷୀମାନଙ୍କ ତୃଷ୍ଣା ମେଣ୍ଟାଉଛନ୍ତି। ସେହିପରି ରାଜଧାନୀର ରାଜମହଲ, ପୁରୁଣା ବସଷ୍ଟ ସଷ୍ଟାଣ୍ଡ, ରାମ ମନ୍ଦିର, ମାଷ୍ଟର କ୍ୟାଣ୍ଟିନ, ବରମୁଣ୍ଡା, ନୂଆପଲ୍ଲୀ ଶ୍ରମିକ ରହଣିସ୍ଥଳ, ଚନ୍ଦ୍ରଶେଖରପୁର ଭଳି ବିଭିନ୍ନ ରାସ୍ତାକଡ଼ରେ ବୁଲୁଥିବା ଅସହାୟ ଗରିବ ନିରୀହ ଲୋକଙ୍କୁ ଗ୍ଲୁକୋଜ, ଲେମ୍ବୁପାଣି ଏବଂ ଓଆରଏସ୍ ପାଣି ପାଣି ବଣ୍ଟନ କରି ଆସୁଛନ୍ତି। ଏହା ବ୍ୟତୀତ ରାସ୍ତାରେ ପକ୍ଷୀମାନଙ୍କୁ ଋଉଳ, ଗହମ, ସୋରିଷ ଭଳି ବିଭିନ୍ନ ଖାଦ୍ୟ ପଦାର୍ଥ ମଧ୍ୟ ଦେଇଥାନ୍ତି। ଏ ନେଇ ଶ୍ରୀଯୁକ୍ତ ସାହୁ କହିଛନ୍ତି, ଗ୍ରୀଷ୍ମପ୍ରବାହ ଆରମ୍ଭ ହେବାଠାରୁ ଦୀର୍ଘ ଏକମାସ ହେବ ପ୍ରତିଦିନ ସକାଳ ୬ ଘଟିକାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସହର ଗସ୍ତ କରି ବୁଲା ଗୋରୁ, ଗାଈ, ଷଣ୍ଢ ଏବଂ ପକ୍ଷୀମାନଙ୍କୁ ଜଳ ଯୋଗାଇ ଆସୁଛି ୧ ଯେତେଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିବ, ସେତେଦିନ ପର୍ଯ୍ୟନ୍ତ ପଶୁପକ୍ଷୀଙ୍କ ସେବାରେ ନିଜକୁ ନିୟୋଜିତ କରୁଥିବି ବୋଲି ସୂଚନା ଦେଇଛନ୍ତି।



# ଓକେସିଏଲ୍ ପକ୍ଷରୁ ଏଆଇ ଦକ୍ଷତା ବିକାଶ କର୍ମଶାଳା

**ଭୁବନେଶ୍ୱର(ପିପିଏସ୍):** ଓଡିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍) ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲ ଅଡିଟୋରିୟମ୍‌ରେ ଏକ ଦିନିଆ 'ଏଆଇ ଦକ୍ଷତା ବିକାଶ କର୍ମଶାଳା' ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ଼ା ମନୋରଞ୍ଜନ ପୁଥାଳ ଏବଂ ଡିଏଭିର ଆଞ୍ଚଳିକ ନିର୍ଦ୍ଦେଶକ ଡ଼ା କେଶବ ଚନ୍ଦ୍ର ଶତପଥୀ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଡ଼ା ପୁଥାଳ କହିଥିଲେ ଯେ ଓକେସିଏଲ୍ ଦୀର୍ଘ ବର୍ଷ ଧରି ଓଡ଼ିଶାର ଲୋକମାନଙ୍କ ମଧ୍ୟରେ ଡିଜିଟାଲ ସାକ୍ଷରତା ଓ ପ୍ରଯୁକ୍ତି ଦକ୍ଷତା ବୃଦ୍ଧି ପାଇଁ କାର୍ଯ୍ୟ କରିଆସୁଛି। ତେଣୁ ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଏହି ପ୍ରଯୁକ୍ତିକୁ ବୁଝି ଏହାର ସକାରାତ୍ମକ ବ୍ୟବହାର କଲେ ଶିକ୍ଷାର ଗୁଣବତ୍ତାକୁ ଆହୁରି ଉନ୍ନତ କରିପାରିବେ ବୋଲି ସେ କହିଥିଲେ। କର୍ମଶାଳାରେ ଓକେସିଏଲ୍‌ର ସିନିୟର ପ୍ରୋଜେକ୍ଟ ମ୍ୟାନେଜର ଡ଼ା ଅଂଶୁମାନ ସର, ସୁଶାନ୍ତ ଜେ ଦାସ ଏବଂ ଜୟଶ ମାହାତୋ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଅଂଶଗ୍ରହଣକାରୀମାନେ ବିଭିନ୍ନ ଏଆଇ ଟୁଲ୍‌ର ଲାଇଭ୍ ଡେମୋ ଦେଖିବା ସହ ନିଜେ ମଧ୍ୟ ଏହାର ବ୍ୟବହାର କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ କନସଲଟାଣ୍ଟ ତଡିତ ପରିଡ଼ା ଓକେସିଏଲ୍‌ର ବିଭିନ୍ନ କାର୍ଯ୍ୟକ୍ରମ, ଡିଜିଟାଲ ସାକ୍ଷରତା ଅଭିଯାନ ଏବଂ ଏଆଇ କ୍ଷେତ୍ରରେ ଏହାର ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସିନିୟର ମ୍ୟାନେଜର ନୀଳାଦ୍ରି ବିହାରୀ ରାୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଦିନବ୍ୟାପୀ କାର୍ଯ୍ୟସୂଚୀ ଏବଂ ଏହାର ଆଶାକରାଯାଉଥିବା ଫଳାଫଳ ସମ୍ପର୍କରେ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ। ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଡିଏଭି ବିଦ୍ୟାଳୟରୁ ପ୍ରାୟ ୬୦ ଜଣ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

# ୧୫ରେ ରଜ ଉତ୍ସବ

**ଭୁବନେଶ୍ୱର(ପିପିଏସ୍):** ଜୟ ମା' ଭବାନୀ ଟ୍ରଷ୍ଟ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ମିଳିତ ଆନୁକୂଲ୍ୟରେ ରଜ ଉତ୍ସବ ଓ ନବମ ବାର୍ଷିକ ଉତ୍ସବ ପାଳନ ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଯାଉଛି। ଡ. ନାରାୟଣ ମହାପାତ୍ର, ଉମାନାଥ ମିଶ୍ର ବିଜୟ ମୋହନ ପଣ୍ଡାଙ୍କ ସଂଯୋଜନାରେ ଏନେଇ ଏକ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ୨ ଜଣଙ୍କୁ ଉତ୍କଳ ସେବା ରତ୍ନ ଓ ୧୭ ଜଣଙ୍କୁ ସେବା ରତ୍ନ ସମ୍ମାନରେ ସମ୍ମାନିତ କରାଯିବ। ନିଶିକାନ୍ତ ମିଶ୍ରଙ୍କୁ ଅନୁଷ୍ଠାନର ମର୍ଯ୍ୟାଦା ଜନକ 'ଉତ୍କଳ ଶ୍ରୀ ସମ୍ମାନ' ରେ ସମ୍ବର୍ଦ୍ଧନା ଦିଆଯିବ। ଏହି ବୈଠକରେ ସୁରେଶ କୁମାର ମିଶ୍ର, ପ୍ରମୋଦିନୀ ପଣ୍ଡା, ତ୍ରିଲୋଚନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଚାକିରି ଦେବା ଆଳରେ ଠକେଇ; ୨ ଗିରଫ



**ଭୁବନେଶ୍ୱର(ପିପିଏସ୍):** ରେଳ ବିଭାଗରେ ଚାକିରି ଦେବା ପ୍ରତିଶ୍ରୁତି ଆଳରେ ଠକେଇ ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିନୋଦାନନ୍ଦ ନନ୍ଦ ଏବଂ ବିରେନ କୁମାର ସ୍ୱାଇଁ। ଗିରଫ ଅଭିଯୁକ୍ତଙ୍କ ଠାରୁ ନକଲି ଜଏନିଂ ଲେଟର ଜବତ କରାଯାଇଛି। ଏଭଳି ଉପାୟରେ ସେମାନେ ବଜାରରୁ ଅନେକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ୟୁନିଟ-୧ ମାର୍କେଟ ଅଞ୍ଚଳରେ ଏକ ଚା' ଦୋକାନ ଚଳାନ୍ତି। ସେ ଅଭିଯୁକ୍ତ ବିନୋଦାନନ୍ଦ ପାତ୍ରଙ୍କ ଯୋଗାଯୋଗରେ ଆସିଥିଲେ। ଯିଏ ନିଜର କିଛି ସହଯୋଗୀଙ୍କ ମାଧ୍ୟମରେ ରେଲୱେ ବିଭାଗରେ ଚାକିରି କରାଇ ଦେଇପାରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବେକାର ଯୁବକ ଓ ସେମାନଙ୍କ ପରିବାରର ଆଶା ଓ ବିଶ୍ୱାସର ସୁଯୋଗ ନେଇ ଅଭିଯୁକ୍ତମାନେ ରେଳବାଇରେ ଚାକିରି କରାଇ ଦେବା ନାମରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ସେମାନେ କିଛି ବ୍ୟକ୍ତିଙ୍କୁ ନିଜ ସହଯୋଗୀ ଭାବେ ପରିଚୟ କରାଇବା ସହ ରେଳବାଇ ବିଭାଗର ପରିଚୟପତ୍ର ଏବଂ ଅନ୍ୟାନ୍ୟ ଦସ୍ତାବିଜ ଦେଖାଉଥିଲେ। ଅଭିଯୁକ୍ତମାନଙ୍କ କଥାକୁ ସତ ବୋଲି ବିଶ୍ୱାସ କରି ଅଭିଯୋଗକାରୀ ଓ ଅନ୍ୟାନ୍ୟ ଚାକିରି ଆଶାୟୀ ବ୍ୟକ୍ତିମାନେ ସେମାନଙ୍କ ଏବଂ ସେମାନଙ୍କ ସହଯୋଗୀଙ୍କ ବ୍ୟାଙ୍କ ଖାତାକୁ ବହୁ ପରିମାଣର ଟଙ୍କା ପଠାଇଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ରେଳବାଇରେ ଚାକିରି କରାଇ ଦେବା ଆଳରେ ବିନୋଦାନନ୍ଦ ପାତ୍ର, ବୀରେନ କୁମାର ସ୍ୱାଇଁ, ସୁକାନ୍ତ ବିଶୋୟୀ, ଜାନକୀ ବିଶୋୟୀ ଓ ଅନ୍ୟମାନଙ୍କ ଖାତାକୁ ବହୁ ପରିମାଣର ଟଙ୍କା ଜମା କରାଯାଇଥିଲା। ଏପରିକି ଚାକିରି ପୂର୍ବ ପ୍ରଶିକ୍ଷଣ ନାମରେ ପୀଡ଼ିତମାନଙ୍କୁ ଦିଲ୍ଲୀ, ଭୁସାୱାଲ, ଉତ୍ତରପ୍ରଦେଶ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ସ୍ଥାନକୁ ମଧ୍ୟ ପଠାଯାଇଥିଲା। ମାତ୍ର ଟଙ୍କା ନେବା ପରେ ମଧ୍ୟ କାହାକୁ ରେଳବାଇରେ ଚାକିରି ମିଳିନଥିଲା।" ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା ଏବଂ ବିଭିନ୍ନ ବ୍ୟାଙ୍କ କାରବାର ସମ୍ପର୍କିତ ଦସ୍ତାବିଜ, ପୂର୍ବ ମଧ୍ୟ ରେଳବାଇ ନାମରେ ପ୍ରସ୍ତୁତ ଜାଲ ନିଯୁକ୍ତିପତ୍ର ଏବଂ ତଥାକଥିତ ପ୍ରଶିକ୍ଷଣ ସମ୍ବନ୍ଧୀୟ ଦସ୍ତାବିଜ ଜବତ କରାଯାଇ ଯାଞ୍ଚ କରାଯାଇଥିଲା। ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ, ଅଭିଯୁକ୍ତମାନେ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଏକ ସଙ୍ଗଠିତ ଠକେଇ ନେଟୱର୍କ ଗଠନ କରି ରେଲୱେ ବିଭାଗରେ ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ବିପୁଳ ଅର୍ଥ ଆଦାୟ କରି ତାହାର ଆତ୍ମସାତ କରୁଥିଲେ।

## ଗୁରୁ ଦୁର୍ଗାଚରଣଙ୍କୁ 'ମାର୍ଗି ଜୀବନବ୍ୟାପୀ ସାଧନା ସମ୍ମାନ'

**ଭୁବନେଶ୍ୱର(ପିପିଏସ୍):** ନୃତ୍ୟଶାଳା ଓ ମାସିକ ସାଂସ୍କୃତିକ ପତ୍ରିକା କଳାକୃତିର ମିଳିତ ସହଯୋଗରେ ୧୬ତମ ଶାସ୍ତ୍ରୀୟ ନୃତ୍ୟଉତ୍ସବ 'ମାର୍ଗୀ' ରବିନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଭାବେ ମାନ୍ୟବର ଏକାମ୍ର ବିଧାୟକ ବାବୁ ସିଂହ, ଓଡିଶା ସଂଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଗୁରୁ ରାମହରି ଦାସ, ଗୁରୁ ରତିକାନ୍ତ ମହାପାତ୍ର, ନୃତ୍ୟଶାଳାର ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠିତ ଓଡିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କୁ 'ମାର୍ଗି ଜୀବନ ବ୍ୟାପୀ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଓଡିଶୀ ନୃତ୍ୟଶିଳ୍ପୀ ଗୁରୁ ଗଜେନ୍ଦ୍ର ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ଦ୍ୱିତୀୟ ଚରଣରେ ନୃତ୍ୟ ଅଭିନୟ କରିଥିଲେ ଗୁରୁ ଶିଳ୍ପୀ ବନ୍ଦିତା ଘୋଷାଲ। ରାଧାକୃଷ୍ଣଙ୍କ ନୈସର୍ଗିକ ପ୍ରେମ 'ମୁଁ ତ ଜାଣି ଜାଣି କରିଚି ମାନ ଗୀତରେ ଅଭିନୟ କରିଥିଲେ। ପରେ ଦ୍ୱୈତ ନୃତ୍ୟରେ ଗାୟତ୍ରୀ ପ୍ରଧାନ ଓ ମନୋଜ ପ୍ରଧାନ ନୃତ୍ୟ କରିଥିଲେ। ଶେଷରେ ଦଳଗତ ନୃତ୍ୟ ଗୁରୁ ପୁଷ୍ପିତା ମିଶ୍ର ଓ ସାଥିକଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା 'ଉଦ୍‌ବୋଧନ'। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# ବେଆଇନ ବାଲି ଚାଲାଣ; ଚାଳକ ଗିରଫ

**ଭୁବନେଶ୍ୱର(ପିପିଏସ୍):** ଧଉଳି ଥାନା ପୁଲିସ ଟିମ୍ ଟିକରପଡ଼ା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ଗାଡ଼ି ଯାଞ୍ଚ କରୁଥିବା ବେଳେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ସିଙ୍ଗିବ୍ରହ୍ମପୁରର ଟୁନିଆ ଉର୍ଫ ତ୍ରିଲୋଚନ ବେହେରା(୪୦) ବାଲି ପରିବହନ ସମ୍ବନ୍ଧୀୟ କୌଣସି ବୈଧ ଦସ୍ତାବିଜ, ମାଇନିଂ ପରମିଟ୍, ଟ୍ରାଞ୍ଜିଟ୍ ପାସ୍ କିମ୍ବା କ୍ଷୁଦ୍ର ଖଣିଜ ପଦାର୍ଥ ପରିବହନ ପାଇଁ ଆବଶ୍ୟକ "ୱାଇ" ଫର୍ମ ଦାଖଲ କରିପାରି ନ ଥିଲେ। ଫଳରେ ଉକ୍ତ ବାଲି ବୋଝେଇ ଟ୍ରାକ୍ଟର ଓ ଟ୍ରଲିକୁ (ଡ଼ାଲା) ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ କୌଣସି ବୈଧ ଅନୁମତି, ଲାଇସେନ୍ସ କିମ୍ବା ପରମିଟ୍ ବିନା ବେଆଇନ ଭାବେ ବାଲି ପରିବହନ କରୁଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ପ୍ରକାଶ କରିଥିଲେ ଯେ, ଟ୍ରାକ୍ଟରର ପଞ୍ଜୀକୃତ ମାଲିକଙ୍କ ସ୍ୱାମୀ ଅଶ୍ୱିନୀ ମଙ୍ଗରାଜଙ୍କ ନିର୍ଦ୍ଦେଶରେ ସେ ବାଲି ପରିବହନ କରୁଥିଲେ ଏବଂ ଏପରି ବେଆଇନ ବାଲି ପରିବହନ ପୂର୍ବରୁ ମଧ ଏକାଧିକ ଥର କରାଯାଇଥିଲା। ତଦନ୍ତରୁ ଆହୁରି ସ୍ପଷ୍ଟ ହୋଇଥିଲା ଯେ, ଏପରି ବେଆଇନ ଖନନ ଓ ପରିବହନ ଯୋଗୁଁ ସରକାରୀ ରାଜସ୍ୱର କ୍ଷତି ଘଟୁଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ବେଆଇନ ବାଲି ପରିବହନ ଚକ୍ର ସହ ଜଡ଼ିତ ଅନ୍ୟ ବ୍ୟକ୍ତିମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ପ୍ରକାଶ ଥାଉ କି ଧଉଳି ଥାନାର ଏଏସ୍‌ଆଇ ମନ୍ମଥ କୁମାର ବେହେରାଙ୍କ ରିପୋର୍ଟ ଉପରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।

# ଲୁଟ୍ ପରେ ଖଣ୍ଡାରେ ଆକ୍ରମଣ କରି ଗିରଫ

**ଭୁବନେଶ୍ୱର(ପିପିଏସ୍):** ଲୁଟ୍ ପରେ ଅଭିଯୋଗକାରୀଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗୋପୀନାଥ ନାୟକ ଓରଫ ଗୋପୀ। ତାଙ୍କ ଠାରୁ ଖଣ୍ଡା ଏବଂ ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨ ତାରିଖ ରାତି ପ୍ରାୟ ୮ଟା ସମୟରେ ଅଭିଯୋଗକାରିଣୀ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡ ନିକଟରେ ବସ୍‌କୁ ଅପେକ୍ଷା କରି ବସିଥିବା ବେଳେ ଅଭିଯୁକ୍ତ ହଠାତ୍ ତାଙ୍କ ନିକଟକୁ ଆସି ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସାମଗ୍ରୀ ଥିବା ତାଙ୍କ ହ୍ୟାଣ୍ଡବ୍ୟାଗ୍‌କୁ ଛଡ଼ାଇ ନେଇଥିଲେ।



ଅଭିଯୋଗକାରିଣୀ ପ୍ରତିବାଦ କରିବାରୁ ଅଭିଯୁକ୍ତ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ସେ ରକ୍ତାକ୍ତ ଆହତ ହୋଇଥିଲେ। ଏହାପରେ ଅଭିଯୁକ୍ତ ଛଡ଼ାଇ ନେଇଥିବା ସାମଗ୍ରୀ ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ଅବସ୍ଥାରେ ଅଭିଯୋଗକାରିଣୀଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ପୁଲିସ ମାଷ୍ଟରକ୍ୟାଣ୍ଟିନ ନିକଟରୁ ଅଭିଯୁକ୍ତଙ୍କୁ କାବୁ କରିଥିଲା। ତାଙ୍କ ତଲାସୀ ସମୟରେ ଘଟଣାରେ ବ୍ୟବହୃତ ଏକ ଧାରୁଆ ଅସ୍ତ୍ର ଏବଂ ନଗଦଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ପୂର୍ବରୁ ଶହୀଦନଗର, କ୍ୟାପିଟାଲ ଏବଂ ଖାରବେଳନଗର ଥାନାରେ ରୁଜୁ ହୋଇଥିବା ଚୋରି, ଲୁଟ, ମାଡ଼ପିଟ, ଛଡ଼ାଇନେବା, ଧମକ ଏବଂ ଅନ୍ୟାନ୍ୟ ସଙ୍ଗୀନ ଅପରାଧରେ ସମ୍ପୃକ୍ତ ଥିବା ଯାଞ୍ଚରୁ ଜଣାପଡ଼ିଛି।

# ଜମି ବିକ୍ରି ଆଳରେ ୬୨ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ

**ଭୁବନେଶ୍ୱର(ପିପିଏସ୍):** ଜମି ବିକ୍ରି ଆଳରେ ୬୨ ଲକ୍ଷ ଟଙ୍କା ଠକି ନେଇଥିବା ଠକକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଟିଆର ଅମୀୟ କୁମାର ମହାନ୍ତି (୫୦)। ପୁଲିସ ସୂଚନାନୁସାରେ, ଅମିୟ ନିଜକୁ ପଟିଆ ମୌଜାରେ ଥିବା ଏକ ଜମିର ମାଲିକ ଓ ସାଧାରଣ ପାୱାର ଅଫ୍ ଅଟର୍ଣ୍ଣି (ଜିପିଏ) ଧାରକ ବୋଲି ମେସର୍ସ ପଟ୍ଟନାୟକ ଆସୋସିଏଟ୍ସର ପରିଚାଳନା ନିର୍ଦ୍ଦେଶକଙ୍କୁ ପରିଚୟ ଦେଇଥିଲେ। ମୋଟ ଏକର ୫୨ ଡିସିମିଲ ଜମିରୁ ୩୩ ଡିସିମିଲ ଜମିକୁ କୋଟିଏ ୪୦ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅମୀୟ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ତାରିଖରେ ମୋଟ ୬୨ ଲକ୍ଷ ୬୦ ହଜାର ଟଙ୍କା ଅଗ୍ରୀମ ଆକାରରେ ଦେଇଥିଲେ।



ଅମୀୟ ଟଙ୍କା ପାଇବା ପରେ ମନି ରିସିପ୍ଟ ଦେବା ସହ ସେଲ୍ ଡିଡ୍ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେଲ୍ ଡିଡ୍ କାର୍ଯ୍ୟକାରୀ କରିନଥିଲେ କି ଅଗ୍ରୀମ ଟଙ୍କା ଫେରାଇନଥିଲେ। ପରେ ଏକ ଚୁକ୍ତିନାମା କରି ୬୨ ଲକ୍ଷ ୬୦ ହଜାର ଟଙ୍କା ନେଇଥିବା କରିଥିବା ସ୍ୱୀକାର କରିବା ସହ ଜମି ସେଲ୍ ଡିଡ୍ କରିବେ କିମ୍ବା ଟଙ୍କା ଫେରାଇବେ ବୋଲି ରାଜି ହୋଇଥିଲେ। ହେଲେ ତାହା ମଧ କରିନଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅମୀୟ ନିଜ ମାଆଙ୍କ ମୃତ୍ୟୁ ପୂର୍ବରୁ ପାୱାର ଅଫ୍ ଆଟର୍ନି କରିଥିଲେ। ମାଆଙ୍କ ମୃତ୍ୟୁ ପରେ ସ୍ୱତଃ ରଦ୍ଦ ହୋଇଯାଇଥିଲେ ମଧ ଅଭିଯୋଗକାରୀଙ୍କୁ ଏ ସଂପର୍କରେ ଜଣାଇନଥିଲେ। ଏମିତିକି ଜମିର ଆହୁରି ୬ ଜଣ ସତ୍ତ୍ୱାଧିକାରୀ ଥାଇ ମଧ, ସେ ବିଷୟରେ କହିନଥିଲେ। ଆଜି ଚନ୍ଦ୍ରଶେଖରପୁର ଥାନା ପୁଲିସ ଅମୀୟଙ୍କୁ ଗିରଫ କରିବା ସହ ବ୍ୟାଙ୍କ ଖାତା ବିବରଣୀ, ମନି ରିସିପ୍ଟ, ଚୁକ୍ତିନାମାଓ ଜମି ସମ୍ବନ୍ଧୀୟ ଅନ୍ୟାନ୍ୟ ଦସ୍ତାବିଜ ଜବତ କରିଛି।

## ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନର ଶୀତଳଷଷ୍ଠୀ ପ୍ରସ୍ତୁତି

**ଭୁବନେଶ୍ୱର(ପିପିଏସ୍):** ଶ୍ରୀଲିଙ୍ଗରାଜଙ୍କ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ପାଇଁ ମନ୍ଦିର ପ୍ରଶାସନର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇଛି। ଆସନ୍ତା ଜୁନ୍ ୧୭ତାରିଖରେ ମଙ୍ଗନ, ଜୁନ୍ ୧୮ତାରିଖରେ ଶିବବିବାହ ଓ ଜୁନ୍ ୧୯ ତାରିଖରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ। ବିବାହ ପାଇଁ ଠାକୁର ରାତି ୧୨ଟା ସୁଦ୍ଧା ବରାନୁଗମନ କରିବେ। ରାତି ୧୨ଟାରୁ ୪ଟା ମଧ୍ୟରେ ବିବାହ ଅନୁଷ୍ଠିତ ହେବା ସେହିପରି ୩୦ ତାରିଖ ରାତି ସାଢ଼େ ୯ଟାରୁ ଶୀତଳଷଷ୍ଠୀ ଯାତ୍ରା ପାଇଁ କେଦାରଗୌରୀ ମନ୍ଦିରରୁ ନବଦମ୍ପତି ବାହାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଯାତ୍ରା ପାଇଁ କେଦାରଗୌରୀ ମନ୍ଦିରକୁ ସଫା କରିବା ଓ ବଡ଼ଦାଣ୍ଡ ଶୀତଳଷଷ୍ଠୀ ରାସ୍ତାରେ ଡ୍ରେନ୍‌ରେ ସ୍ଲାବ୍ ପକାଇବା, ଠାକୁରଙ୍କ ଯିବା ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ ବିଏମ୍‌ସିକୁ ଚିଠି ଲେଖାଯିବା ଶୀତଳଷଷ୍ଠୀ ରାସ୍ତାରେ ପିଏଚ୍‌ଡି ପକ୍ଷରୁ ଚାରିଟି ଛକରେ ପାଣି ଟାଙ୍କି ରଖିବା ବିଦ୍ୟୁତ୍ ସେକ୍ସନ ପକ୍ଷରୁ ବିଦ୍ୟୁତ୍ ନ କାଟିବାକୁ ସେସୁକୁ ଚିଠି ଲେଖାଯିବ ବୋଲି ନିଷ୍ପତ୍ତି ହୋଇଛି। ଆଇନଶୃଙ୍ଖଳା ବ୍ୟବସ୍ଥା ପାଇଁ ପୁଲିସ ବିଭାଗକୁ ଚିଠି ଲେଖାଯିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

## ପାତ୍ରପଡ଼ା ରଜ ମହୋତ୍ସବ ପ୍ରସ୍ତୁତି

**ଭୁବନେଶ୍ୱର(ପିପିଏସ୍):** ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ୍ ଆସୋସିଏସନ୍ ରଜ ମଣ୍ଡପ ଠାରେ ୧୬ ତମ ବାର୍ଷିକ ପାତ୍ରପଡ଼ା ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ଆୟୋଜିତ ଏହି ବୈଠକରେ ମହାରାଜା କ୍ରିକେଟ୍ ଆସୋସିଏସନ୍‌ର ବରିଷ୍ଠ ସଭ୍ୟମାନଙ୍କ ସହିତ ପାତ୍ରପଡ଼ା ଭଗବାନପୁର ଯୁବ ବାହିନୀ ସଭ୍ୟ ଓ ଆରାଧା ବାହିନୀ ସଭ୍ୟାମାନେ ଉପସ୍ଥିତ ଥିଲେ। ଚଳିତ ମାସ ଜୁନ୍ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ପାଳନ କରାଯିବ। ଏଥିରେ ୧୦୦ରୁ ଅଧିକ ଦୋଳି ସହିତ ରାଧାକୃଷ୍ଣ ଝୁଲିବା ପାଇଁ ଦୋଳିର ବ୍ୟବସ୍ଥା କରାଯାଇଛି। ରଜ ଉପଲକ୍ଷେ ପୋଡ଼ ପିଠା ପ୍ରତିଯୋଗିତା, ପୁଞ୍ଚି, ଦୌଡିଦିଆଁ, ମେହେନ୍ଦି, ଶଙ୍ଖ ଫୁଙ୍କା, ମ୍ୟୁଜିକ୍ ଚେୟାର ସମେତ ଚେସ, ତାସ ଓ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପହିଲି ରଜ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରତି ସଂଧାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ସହିତ ଚାରିଦିନ ବ୍ୟାପି ରଜ ପଡ଼ିଆରେ ମୀନ ବଜାର ସହିତ ରାମଦୋଳି, ବିଭିନ୍ନ ପ୍ରକାରର ମନୋହରୀ ଦୋକାନଠୁ ଆରମ୍ଭ କରି ସମସ୍ତ ପ୍ରକାରର ସୁସ୍ୱାଦୁ ଖାଦ୍ୟ ଷ୍ଟଲ୍ ଖୋଲାଯିବ। ଜନଗହଳି ଭିତରେ ଶାନ୍ତି ଶୃଙ୍ଖଳା ରକ୍ଷା, ଯାନବାହାନ ଗମନାଗମନର ସୁବିଧା ପାଇଁ ଯୁବାବହିନୀ ସଦସ୍ୟମାନଙ୍କ ସହିତ, ଖଣ୍ଡଗିରି ପୋଲିସ୍‌ର ସହଯୋଗ ଲୋଡାଯିବ। ବୈଠକରେ ସ୍ଥାନୀୟ କର୍ପୋରେଟର ରଶ୍ମି ରଂଜନ ପାଟସାଣି ଓ ମହାରାଜା କ୍ରିକେଟ୍ ଆସୋସିଏସନ୍‌ର ବରିଷ୍ଠ ସଭ୍ୟ, ଯୁବ ବାହିନୀର ସଭ୍ୟ ଓ ଆରାଧା ବାହିନୀ ସଭ୍ୟାମାନେ ଉପସ୍ଥିତ ଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ୱାକାଥନ୍

**ଭୁବନେଶ୍ୱର(ପିପିଏସ୍):** ତମାଖୁ ସେବନର ଭୟାବହତା ଓ ଅପକାରିତା ଏବଂ ତମାଖୁ ମୁକ୍ତ ଜୀବନ ସମ୍ପର୍କରେ ସଚେତନତା ବାଣ୍ଟିବା ଲକ୍ଷ୍ୟ ନେଇ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଏକ ୱାକାଥନ୍ ଆୟୋଜିତ ହୋଇଯାଇଛି। ଆଇଡିଏସ୍‌ରୁ ଏହି ରାଲି ଆରମ୍ଭ ହୋଇ ସମ୍ ହସ୍ପିଟାଲ ଛକ ଓ ଏପିଜେ ଅବଦୁଲ କଲାମ୍ ପାର୍କ ଅତିକ୍ରମ କରି ପୁଣି କଲେଜକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ରାଲିରେ ଫ୍ୟାକଲ୍ଟି ସଭ୍ୟ, ଇନ୍‌ଟର୍ଣ୍ଣ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ରାଲିକୁ ଆଇଡିଏସ୍ ର ଟୋବାକୋ ସିସେସନ୍ ସେଣ୍ଟରର ନୋଡାଲ୍ ଅଫିସର ପ୍ରଫେସର ସନତ୍ କୁମାର ଭୂୟାଁ ଶୁଭାରମ୍ଭ କରିଥିବାବେଳେ ତାଙ୍କ ସହିତ ଡ. ବସନ୍ତ ଚୌଧୁରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଡ. ଗାଥା ମହାନ୍ତି, ଡ. ସ୍ମିତା ପ୍ରିୟଦର୍ଶନୀ ଓ ଡ. ସୁମିତା ମିଶ୍ର ପରିଚାଳନା କରିଥିଲେ। ଆଇଡିଏସ୍‌ର ଡିନ୍ ପ୍ରଫେସର ଡ. ରୁଚି ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଓଡିଶାକୁ ସୁସ୍ଥ ଓ ତମାଖୁ ମୁକ୍ତ କରିବା ନେଇ ଏକ ବାର୍ତ୍ତା ପ୍ରଦାନ କରିଥିଲେ।

## ଭାଗବତ ବେହେରାଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ

**ଭୁବନେଶ୍ୱର(ପିପିଏସ୍):** ସମାଜବାଦୀ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ଦିବଂଗତ ଭାଗବତ ବେହେରାଙ୍କ ୨୪ତମ ବାର୍ଷିକୀ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଗୀତଗୋବିନ୍ଦ ଭବନରେ ଅନୁଷ୍ଠିତ ହୋଇଛି। ଦେଶର ଅଧା ଜନସଂଖ୍ୟାର ବିକାଶ ବିନା ଦୁନିଆରେ ପ୍ରକୃତ ସାମାଜିକ ନ୍ୟାୟ ହାସଲ ହୋଇପାରିବ ନାହିଁ। ସମୟ ଆସିଛି ବଞ୍ଚିତ ବର୍ଗଙ୍କୁ ବେସରକାରୀ କ୍ଷେତ୍ରରେ ସଂରକ୍ଷଣ ଓ ଉଦ୍ୟୋଗ ବିକାଶ ପାଇଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ଦରକାର ବୋଲି ବୈଠକରେ ଅଧିକାଂଶ ବକ୍ତା ମତ ରଖିଥିଲେ। ପ୍ରାରମ୍ଭରେ ଦିବଂଗତ ଭାଗବତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ ସହ ଦୀପ ପ୍ରଜ୍ୱଳିତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସମାଜସେବୀ, ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରିଥିଲେ। ଏହି ସଭାରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ମୁଖ୍ୟ ଅତିଥି, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟବକ୍ତା, ବରିଷ୍ଠ ସାମ୍ବାଦିକ ରବିଦାସ, ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଓ ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଶିକ୍ଷାବିତ୍ ପ୍ରଫେସର ମାନସ ବେହେରା ଓ ଅବସରପ୍ରାପ୍ତ ଆଇଏଏସ୍ ନାରାୟଣ ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ମୃତି ସଂସଦର କୋଷାଧ୍ୟକ୍ଷ ସରୋଜ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଘରର ମଙ୍ଗଳ ପାଇଁ ପୂଜାପାଠ ଆଳରେ ଅସଦାଚରଣ

**ଭୁବନେଶ୍ୱର(ପିପିଏସ୍):** ଝିଅ ବାହାଘର ପରେ ଶାଶୂଘରେ ପାରିବାରିକ ଅଶାନ୍ତି ଦେଖା ଦେଇଥିଲା। ଯାହାକୁ ନେଇ ଭଉଣୀ ଠାରୁ ବାପା ପର୍ଯ୍ୟନ୍ତ, ସମସ୍ତେ ଚିନ୍ତାରେ ଥିଲେ। ସବୁକିଛି ଠିକଠାକ କରିବାକୁ ଝିଅର ବାପା ଆଧାତ୍ମିକ ଚିକିତ୍ସା କରିବାକୁ ନିଷ୍ପତ୍ତି ନେଇଥିଲେ। ବହୁ ଖୋଜାଖୋଜି କରିବା ପରେ ଜଣେ ଚିକିତ୍ସକକୁ ଘରକୁ ଡାକି ପୂଜାପାଠ କରିଥିଲେ। ହେଲେ ଆଧାତ୍ମିକ ଚିକିତ୍ସା ଆଳରେ ବିବାହିତା ଝିଅକୁ ଏକାକୀ ପାଇ ଅସଦାଚରଣ କରିଥିଲା ଆତ୍ମଘୋଷିତ ଚିକିତ୍ସକ। ସିଆରପି ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଆତ୍ମଘୋଷିତ ଚିକିତ୍ସକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିରେ ରହୁଥିବା ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଗୋବରାର ସନ୍ତୋଷ କୁମାର ଗୌଡ଼ (୩୦)। ପେସାରେ ସେ ଜଣେ ନିର୍ମାଣ ମିସ୍ତ୍ରୀ। ପୁଲିସ ସୂଚନାନୁସାରେ, ସିଆରପି ଅଞ୍ଚଳର ଜଣେ ଯୁବତୀ ୩ ବର୍ଷ ନୟାଗଡ଼ରେ ବିବାହ କରିଥିଲେ। କିଛିଦିନ ପର୍ଯ୍ୟନ୍ତ ସବୁକିଛି ଠିକଠାକ ଚାଲିଥିଲେ ମଧ ପରବର୍ତ୍ତୀ ସମୟରେ ବିବାଦ ଆରମ୍ଭ ହୋଇଥିଲା। ପାରିବାରିକ ଜୀବନରେ ଅଶାନ୍ତି ଆସିବାରୁ ମହିଳା ଜଣକ ଭୁବନେଶ୍ୱର ଫେରି ଆସି ବାପଘରେ ରହିବା ସହ ଏକ ଘରୋଇ ହସ୍ପିଟାଲରେ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ। ହେଲେ ନବବିବାହିତା ଝିଅର ଭବିଷ୍ୟତକୁ ନେଇ ପୁରା ପରିବାର ଚିନ୍ତାରେ ରହିଥିଲା। ସବୁ ଦିଗରୁ ନିରାଶ ହେବାପରେ ଆଧାତ୍ମିକ ଚିକିତ୍ସା ବା ଝଡ଼ା ଫୁଙ୍କା କରି ଝିଅ ଜୀବନରେ ଶାନ୍ତି ଫେରାଇ ଆଣିବାକୁ ବାପା ନିଷ୍ପତ୍ତି ନେଇଥିଲେ। ସାହି ପଡ଼ିଶାରୁ ବୁଝାବୁଝି କରିବା ପରେ ଆତ୍ମଘୋଷିତ ଆଧାତ୍ମିକ ଚିକିତ୍ସକ ସନ୍ତୋଷକୁ ଡକାଇଥିଲେ। ନିଜ ପାଖରେ ଆଧାତ୍ମିକ ଶକ୍ତି ରହିଥିବା ବେଳେ ତା ବଳରେ ପାରିବାରିକ ବିବାଦର ସମାଧାନ କରିଦେବ ବୋଲି ସନ୍ତୋଷ କହିଥିଲା। ବାପା ଓ ସାନ ଭଉଣୀର ଉପସ୍ଥିତିରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲା। ମହିଳାଙ୍କ ଦେହରେ ଚନ୍ଦନ ମାରି ଗୋଟିଏ ସ୍ଥାନରେ ବସିବାକୁ ନିର୍ଦ୍ଦେଶ ଦେଇଥିଲା। ମହିଳାଙ୍କ ପାଦ ଓ ଶରୀରରେ ସ୍ୱତନ୍ତ୍ର ତେଲ ମାରିବା ଦ୍ୱାରା ନକରାତ୍ମକ ପ୍ରଭାବ ଦୂରେଇ ଯିବ ବୋଲି କହି ସନ୍ତୋଷ ସମସ୍ତଙ୍କ ବିଶ୍ୱାସ ଜିତିଥିଲା। ମହିଳାଙ୍କୁ ଏକାକୀ ଥିବାବେଳେ ତେଲ ମାରିବାକୁ ପରିସ୍ଥିତି ସୃଷ୍ଟି କରିଥିଲା। ବାପାଙ୍କୁ ବେଲ ଆଣିବାକୁ ପଠାଇଥିବା ବେଳେ ସାନ ଭଉଣୀକୁ ତୁଳସୀ ପତ୍ର ଆଣିବାକୁ କହିଥିଲା। ବାପା ଓ ସାନ ଭଉଣୀ ବାହାରକୁ ଯିବା ପରେ ସନ୍ତୋଷ ମହିଳାଙ୍କ ପାଦରେ ତେଲ ଘଷିବା ଆରମ୍ଭ କରିଥିଲା। ପାଦରେ ତେଲ ଘଷିବା ବେଳେ ସମ୍ବେଦନଶୀଳ ଅଙ୍ଗ ଆଡ଼କୁ ହାତ ନେବାକୁ ଉଦ୍ୟମ କରିଥିଲା। ଏଥିସହିତ ଅଶ୍ଳୀଳ ଭାବେ ସ୍ପର୍ଶ କରିବାକୁ ମଧ ଚେଷ୍ଟା କରିଥିଲା। ମହିଳା ଜଣକ ସନ୍ତୋଷର ଉଦ୍ଦେଶ୍ୟ ଜାଣିପାରି ବିରୋଧ କରିବା ସହ ଜୋରରେ ଚିତ୍କାର କରିଥିଲେ। ମହିଳାଙ୍କ ପାଟି ଶୁଣି ସନ୍ତୋଷ ତୁରନ୍ତ ସେଠାରୁ ଫେରାର ହୋଇ ଯାଇଥିଲା। ବାପା ଓ ଭଉଣୀ ଘରକୁ ଫେରିବା ପରେ ମହିଳା ଜଣକ ଘଟଣା ବିଷୟରେ ଜଣାଇଥିଲେ। ମହିଳାଙ୍କ ବାପା ଏନେଇ ନୂଆପଲ୍ଲୀ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ରାଜମିସ୍ତ୍ରୀ ସନ୍ତୋଷକୁ ଗିରଫ କରିଥିଲା।






# ଜାତୀୟ ମାନସିକ ସ୍ୱାସ୍ଥ୍ୟ ନୀତିର ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଦ୍ୟାଳୟଗୁଡ଼ିକ ପାଇଁ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ନୀତିର ଡ୍ରାଫ୍ଟ ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶିକ୍ଷା ପରିବେଶରେ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସାମଗ୍ରିକ ଓ ପ୍ରତିଷେଧକ ଆଭିମୁଖ୍ୟ ଲୋଡିଥିଲେ। ଶିକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ଏକ୍ସରେ କହିଛି ଯେ, କେନ୍ଦ୍ରମନ୍ତ୍ରୀ ପ୍ରଧାନ ବିଦ୍ୟାଳୟଗୁଡ଼ିକ ପାଇଁ ପ୍ରସ୍ତାବିତ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ନୀତି ଉପରେ ଅଧିକାରୀ, କମିଟି ସଦସ୍ୟ ଓ ଡୋମେନ୍ ବିଶେଷଜ୍ଞଙ୍କ ସହ ଏକ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା କରିଛନ୍ତି। ଏକ ସାମଗ୍ରିକ ଓ ପ୍ରତିଷେଧମୂଳକ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରି ପ୍ରଧାନ ନିରାପଦ, ଅନ୍ତର୍ଭୁକ୍ତ ଓ ସହାୟକ ଶିକ୍ଷଣ ପରିବେଶକୁ ପ୍ରୋତ୍ସାହିତ କରିବା, ଏକ ସକାରାତ୍ମକ ବିଦ୍ୟାଳୟ ସଂସ୍କୃତି ଗଠନ କରିବା ଏବଂ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ବିଦ୍ୟାଳୟ ବ୍ୟବସ୍ଥାରେ ଏକୀକୃତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ମନ୍ତ୍ରୀ ଆହୁରି କହିଛନ୍ତି ଯେ ଏହି ନୀତି ଭାରତୀୟ ଜ୍ଞାନ ପ୍ରଣାଳୀ ଓ ସଂସ୍କୃତିର ଲାଭ ଉଠାଇବା ଉଚିତ। ଶିକ୍ଷକମାନଙ୍କୁ ଛାତ୍ରମାନଙ୍କ ପାଇଁ ପ୍ରଥମ ସ୍ତରର ପରାମର୍ଶଦାତା ଭାବରେ ସ୍ଥାନିତ କରାଯିବା ଆବଶ୍ୟକ। ଗତ ମାସରେ ଅଧିକାରୀମାନେ କହିଥିଲେ ଯେ ମନ୍ତ୍ରଣାଳୟ ମଧ୍ୟ ବିଦ୍ୟାଳୟ ସ୍ତରରେ ଏକ ମାନସିକ ସ୍ୱାସ୍ଥ୍ୟ ନୀତି ପ୍ରଣୟନ କରିବାକୁ ଯାଉଛି। ଜୁନ୍ ପ୍ରଥମ ସପ୍ତାହରେ ଏହା ରିଲିଜ୍ ହେବାର ସମ୍ଭାବନା ରହିଛି। ପିଲାର ମାନସିକ ସ୍ୱାସ୍ଥ୍ୟ କେବଳ ବିଦ୍ୟାଳୟ ଦ୍ୱାରା ନୁହେଁ ବରଂ ଘରର ପରିବେଶ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାଏ। ତେଣୁ, ସମସ୍ତେ ଏକାଠି ହେବା ଏବଂ ନିୟମିତ ଭାବରେ ଶିଶୁର ଶିକ୍ଷା ଓ ସାମଗ୍ରିକ ପ୍ରଗତିର ସମୀକ୍ଷା କରିବା ଜରୁରୀ ବୋଲି ସେ କହିଛନ୍ତି। ଏହି ନୀତି ବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ସହାୟତା ବ୍ୟବସ୍ଥାକୁ ମଜବୁତ କରିବା ଉପରେ ଧ୍ୟାନ ଦେବ ବୋଲି ଆଶା କରାଯାଉଛି, ଯେଉଁଥିରେ କାଉନସେଲିଂ ଓ ଛାତ୍ରମାନଙ୍କ ମଧ୍ୟରେ ଚାପର ଚିହ୍ନଟ ଅନ୍ତର୍ଭୁକ୍ତ।

# ଖାନ୍ ସାର୍‌ଙ୍କ ବିରୁଦ୍ଧରେ ଏଫଆଇଆର୍ ରୁଜୁ



ନୂଆଦିଲ୍ଲୀ: ଗୁଳିକାଣ୍ଡ ଘଟଣାରେ ପାଟନା ପୁଲିସ ସୁପରିଚିତ ଶିକ୍ଷାବିତ୍ ଫୈଜଲ୍ ଖାନ ଓରଫ ଖାନ୍ ସାର୍ ଏବଂ ଅନ୍ୟ ଦୁଇଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି। ଜୁନ୍ ୨ ତାରିଖରେ ତାଙ୍କ କୋଚିଂ ଇନଷ୍ଟିଚ୍ୟୁଟ୍ ବାହାରେ ଗୁଳିକାଣ୍ଡ ଏବଂ ଭଙ୍ଗାରୁଜା ଘଟଣାରେ ଏକ ଏଫଆଇଆର ରୁଜୁ କରିଛି। ଚଳିତ ସପ୍ତାହରେ କିଛି ଲୋକ ଖାନ ଗ୍ଲୋବାଲ୍ ଷ୍ଟଡିଜ୍ ଇନଷ୍ଟିଚ୍ୟୁଟ୍ ଭଙ୍ଗାରୁଜା କରିବା ସହ ଏହାର ପରିସରରେ ପଥର ମାଡ଼ କରିବା ପରେ ଏହି ଘଟଣା ଘଟିଛି। ଭିଡିଓ ପ୍ରମାଣ ଆଧାରରେ ସଂସ୍ଥାନ ସହିତ ଜଡିତ ଦୁଇ ଜଣ ଗାର୍ଡଙ୍କୁ ଗିରଫ କରାଯାଇଥିବା ଅଧିକାରୀମାନେ ଆଜି କହିଛନ୍ତି। କଦମକୁଆନ୍ ଥାନାରେ ରୁଜୁ ହୋଇଥିବା ଏଫଆଇଆରରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୯ ସହ ଅସ୍ତ୍ରଶସ୍ତ୍ର ଆଇନ ଧାରା ୨୫(୯), ୨୭, ଏବଂ ୩୫ ଅନ୍ତର୍ଭୁକ୍ତ କରାଯାଇଛି। ଘଟଣାଟି ଜୁନ୍ ୨ ରାତି ପ୍ରାୟ ୧୦:୧୦ ସମୟରେ ଘଟିଥିଲା। ଖାନ ଗ୍ଲୋବାଲ୍ ଷ୍ଟଡିଜ୍ କୋଚିଂ ସେଣ୍ଟରରେ ପଥର ଫିଙ୍ଗାଳି ଏବଂ ଭଙ୍ଗାରୁଜା କରିବାରେ କିଛି ବ୍ୟକ୍ତି ନିୟୋଜିତ ହୋଇଥିବା ସୂଚନା ମିଳିଛି। ଘଟଣା ପରେ ମାମଲା ପଞ୍ଜିକୃତ ହୋଇଥିଲା, ଏବଂ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରେ ଏକ ଭିଡିଓ ଉଦ୍ଧାର କରାଯାଇଥିଲା ଯେଉଁଥିରେ ଦୁଇ ଜଣ ବ୍ୟକ୍ତି ଭଙ୍ଗାରୁଜା ପରେ ଫାଙ୍କା ଗୁଳି ଚଳାଇଥିବା ଦେଖାଯାଇଥିଲା। ଭିଡିଓ ଫୁଟେଜ୍ ଯାଞ୍ଚ ପରେ, ପୁଲିସ ପ୍ରତିଷ୍ଠାନ ସହିତ ଜଡିତ ଦୁଇ ଜଣ ଗାର୍ଡଙ୍କୁ ଚିହ୍ନଟ କରି ଅଟକ ରଖିଛି। ଘଟଣା କ୍ରମ ଏବଂ ଅସ୍ତ୍ରଶସ୍ତ୍ର ଉଦ୍ଧାରର ତଦନ୍ତ ଆଧାରରେ, ପୋଲିସ ପ୍ରୋତ୍ସାହନ ଏବଂ ଅସ୍ତ୍ରଶସ୍ତ୍ର ଆଇନ ଧାରା ଅନୁଯାୟୀ ଏଫଆଇଆରରେ ଖାନ ସିର ଏବଂ ଅନ୍ୟ ଦୁଇ ଜଣଙ୍କ ନାମ ଉଲ୍ଲେଖ କରିଛି। ପୁଲିସ ନିଶ୍ଚିତ କରିଛି ଯେ ଘଟଣାରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ଏବଂ ପରୀକ୍ଷା ପାଇଁ ଫୋରେନସିକ୍ ସାଇନ୍ସ ଲାବୋରେଟୋରୀକୁ ପଠାଯାଇଛି।

# ମଣିପୁରରେ ପୁଣି ହିଂସାକାଣ୍ଡ

ଇମ୍ଫାଲ/କାଙ୍ଗପୋକପି: କ୍ରମାଗତ ଜାତିଗତ ହିଂସା ମଧ୍ୟରେ ଗତି କରୁଥିବା ମଣିପୁରର କାଙ୍ଗପୋକପି ଜିଲ୍ଲାରେ ଶୁକ୍ରବାର ଭୋର ସମୟରେ ପୁଣି ଥରେ ଭୟାବହ ରକ୍ତପାତ ଦେଖିବାକୁ ମିଳିଛି। ନ୍ୟୁ କେଥେଲମାନବି ଅଞ୍ଚଳ ଅଧୀନରେ ଥିବା ଲୋଇବୋଲ୍ ଗ୍ରାମ ଉପରେ କିଛି ଅଜ୍ଞାତ ସଶସ୍ତ୍ର ଆକ୍ରମଣକାରୀ ଅତି ନିର୍ମମ ଭାବେ ପ୍ରାଣଘାତୀ ଆକ୍ରମଣ କରିବା ଯୋଗୁଁ ୩ ଜଣ ଗ୍ରାମବାସୀଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଘର ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୪ଟା ୧୦ ମିନିଟ୍ ସମୟରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏହି ଦୁର୍ବୃତ୍ତମାନେ ଗ୍ରାମକୁ ଘେରିଯାଇ ଆଖିବୁଜା ଗୁଳିଚାଳନା କରିଥିଲେ, ଯାହାଫଳରେ ଶୋଇଥିବା ଗ୍ରାମବାସୀଙ୍କ ମଧ୍ୟରେ ପ୍ରାଣବିକଳରେ ଆତଙ୍କ ଖେଳିଯାଇଥିଲା। ଗୁଳିମାଡ଼ କରିବା ସହିତ ଆକ୍ରମଣକାରୀମାନେ ଗ୍ରାମର ଅନେକ ଘରକୁ ନିଆଁ ଲଗାଇ ବ୍ୟାପକ ସମ୍ପତ୍ତି ନଷ୍ଟ କରିଛନ୍ତି। ସଶସ୍ତ୍ର ଉଗ୍ରବାଦୀଙ୍କ ଏହି ବର୍ବର ଆକ୍ରମଣରେ ପ୍ରାଣ ହରାଇଥିବା ୩ ଜଣ ପୀଡ଼ିତଙ୍କୁ ଲେଟଖୋଙ୍ଗାମ ହାଓକିପ୍, ଟିନମାରୀ ହାଓକିପ୍ ଏବଂ ଜାଙ୍ଗମିନଲାଲ୍ ହାଓକିପ୍ ଭାବେ ଚିହ୍ନଟ କରାଯାଇଛି। ଆକ୍ରମଣ ସମୟରେ ହିଁ ଏହି ତିନିଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏହି ଘଟଣା ସମଗ୍ର ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଶୋକ ଓ ଅସନ୍ତୋଷ ସୃଷ୍ଟି କରିଛି।

# ଭାରତ ସହ ରାଜିନାମା ନେଇ ଟ୍ରମ୍ପ୍ ଆଶାବାଦୀ



ୱାସିଂଟନ: ଭାରତ ସହ ଖୁବ୍‌ଶୀଘ୍ର ବାଣିଜ୍ୟ ରାଜିନାମା ହେବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଶା ପ୍ରକଟ କରିଛନ୍ତି। ଚଡ଼ା ଟିକସ ଲଗାଉଥିବା ଭାରତକୁ ସମାଲୋଚନା କରିବାକୁ ସେ ଭୁଲିନାହାନ୍ତି। ସେ କହିଛନ୍ତି ଯେ ବର୍ଷ ବର୍ଷ ଧରି ଭାରତ ଆମର ଫାଇଦା ଉଠାଉଥିଲା। ଆମେ ଉପରେ ସେମାନେ ଚଡ଼ା ଟିକସ ଲଗାଉଥିଲେ, କିନ୍ତୁ କିଛି ବି ଦେଉନଥିଲେ। ଏବେ କିନ୍ତୁ ତାହା ବଦଳିଛି। ଆମେ ଭାରତ ମାଧ୍ୟମରେ ଆୟ କରିପାରୁଛୁ ବୋଲି ସେ କହିଛନ୍ତି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପସନ୍ଦ କରୁଥିବା ଟ୍ରମ୍ପ କହିବା ସହ ସେ ମୋର ଜଣେ ଭଲ ବନ୍ଧୁ ବୋଲି କହିଛନ୍ତି। ଆମ ଭିତରେ ସମ୍ପର୍କ ବହୁତ ଭଲ ଅଛି ବୋଲି ହ୍ୱାଇଟ୍ ହାଉସ୍ରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଟ୍ରମ୍ପ କହିଛନ୍ତି। ସେ ପୁଣି ଥରେ ସେହି ପୁରୁଣା ହାର୍ଲି ଡେଭିଡ୍ସନ୍ ଟିକସ ପ୍ରସଙ୍ଗ ଉଠାଇ କହିଥିଲେ ଯେ ଭାରତ ତାହା ଉପରେ ୨୦୦ ପ୍ରତିଶତ ଟିକସ ଲଗାଇଥିଲା। ତେଣୁ ସେମାନେ ବାଧ୍ୟ ହୋଇ ଭାରତରେ ସେମାନଙ୍କ କାରଖାନା ବସାଇଥିଲେ। ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କିନ୍ତୁ ସେହି ଘଟଣା ମୋ ପୂର୍ବ ସରକାର ସମୟରେ ଘଟିଥିଲା ବୋଲି ଟ୍ରମ୍ପ କହିଛନ୍ତି।

# ଟ୍ରମ୍ପ୍‌ଙ୍କୁ ଚେତାବନୀ ଦେଲେ ପୁଟିନ୍



ମସ୍କୋ : ଋଷିଆ ଭାରତକୁ ଖୋଲାଖୋଲି ଭାବେ ସମର୍ଥନ କରିଛି। ଭାରତର ବୈଦେଶିକ ନୀତି ଏବଂ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ସେ ଭାରତକୁ ଏକ ସାର୍ବଭୌମ ଦେଶ, ନିଜର ସବୁଠାରୁ ବୁଦ୍ଧିମାନ ବନ୍ଧୁ ଏବଂ ବିଶ୍ୱାସଯୋଗ୍ୟ ସହଯୋଗୀ ବୋଲି ଅଭିହିତ କରିଛନ୍ତି। ପୁଟିନ କହିଛନ୍ତି ଯେ ଭାରତ ବିଶ୍ୱର ପ୍ରମୁଖ ଅର୍ଥନୈତିକ ଶକ୍ତିଗୁଡ଼ିକ ମଧ୍ୟରୁ ଅନ୍ୟତମ। ଭାରତର ଅର୍ଥବ୍ୟବସ୍ଥା ବିଶ୍ୱର ଅଗ୍ରଣୀ ଅର୍ଥନୀତି ମଧ୍ୟରେ ଗଣାଯାଉଛି ଏବଂ ଋଷ ସହିତ ଏହାର ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ ରହିଛି। ପାଶ୍ଚାତ୍ୟ ଦେଶ, ବିଶେଷ କରି ଆମେରିକା, ଋଷିଆ ଏବଂ ଭାରତର ସହଯୋଗ ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରୁଛି, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଚାପ ପକାଇବା ସମ୍ପୂର୍ଣ୍ଣ ବେକାର। ଆମେରିକା ଦ୍ୱାରା ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଚାପ ପକାଇବା ଚେଷ୍ଟା ନିଜ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ। ଭାରତ ଏବଂ ଋଷିଆର ସମ୍ପର୍କ ଅତି ମଜଭୁତ ଏବଂ ଏହା ବିଶ୍ୱାସର ଭିତ୍ତିଭୂମି ଉପରେ ଠିଆ ହୋଇଛି। ଭାରତ-ଋଷିଆର ଦ୍ୱିପାକ୍ଷିକ ସମ୍ପର୍କକୁ କୌଣସି ବାହ୍ୟ ଚାପ ପ୍ରଭାବିତ କରିପାରିବ ନାହିଁ। ତେଣୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ଖରାପ କରିପାରିବେ ନାହିଁ।
ଋଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗୁରୁବାର ଦିନ ସେଣ୍ଟ ପିଟର୍ସବର୍ଗରେ ବିଶ୍ୱର ବଡ଼ ବଡ଼ ସମ୍ବାଦ ସରବରାହ ସଂସ୍ଥା (ନ୍ୟୁଜ ଏଜେନ୍ସି) ର ମୁଖ୍ୟମାନଙ୍କ ସହ ଏକ ବିଶେଷ ବୈଠକ କରିଥିଲେ। ଏଥିରେ ସେ ଭାରତ, ଆମେରିକା ଏବଂ ପାକିସ୍ତାନକୁ ନେଇ ନିଜର ମତାମତ ବ୍ୟକ୍ତ କରିଥିଲେ। ସେ କହିଛନ୍ତି ଯେ ଯଦି ଅନ୍ୟ ଦେଶଗୁଡ଼ିକ ସହିତ ଭାରତର ସହଯୋଗ ବଢୁଛି, ତେବେ ଏହା ଋଷ ସହିତ ତାର ଦ୍ୱିପାକ୍ଷିକ ସମ୍ପର୍କ ପ୍ରତି କୌଣସି ବିପଦ ନୁହେଁ। ଆମେରିକା ଅଶୋଧିତ ତୈଳ (କ୍ରୁଡ ଅଏଲ) କୁ ନେଇ ଭାରତ ଉପରେ ଚାପ ପକାଇଛି, କିନ୍ତୁ ଏହା ଦ୍ୱାରା ଭାରତର ଋଷ ସହ ଥିବା ସମ୍ପର୍କ ପ୍ରଭାବିତ ହେବ ନାହିଁ। ପୁଟିନ କହିଛନ୍ତି ଯେ ଭାରତ ଉପରେ ଚାପ ପକାଇବା, ନରେନ୍ଦ୍ର ମୋଦିଙ୍କ ଉପରେ ଚାପ ପକାଇବା ଆମେରିକାର ଆନ୍ତର୍ଜାତୀୟ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ଋଷିଆ ଏବଂ ଭାରତର ସମ୍ପର୍କ କ୍ରମାଗତ ଭାବେ ବିକଶିତ ହେଉଛି। ଆଗକୁ ମଧ୍ୟ ଏହି ସମ୍ପର୍କ ବଜାୟ ରହିବ, ସୁଦୃଢ଼ ହେବ ଏବଂ ଆହୁରି ଆଗକୁ ବଢ଼ିବ। କେବଳ ଅଶୋଧିତ ତୈଳ କିଣିବା ମଧ୍ୟରେ ଭାରତ ଏବଂ ଋଷର ସମ୍ପର୍କ ସୀମିତ ନୁହେଁ। ଆସନ୍ତା କିଛି ବର୍ଷ ମଧ୍ୟରେ ଦୁଇ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟ ୧୦୦ ବିଲିୟନ (୧୦ ହଜାର କୋଟି) ଡଲାରରେ ପହଞ୍ଚିପାରେ। ଭାରତ ସର୍ବଦା ନିଜର ଜାତୀୟ ସ୍ୱାର୍ଥକୁ ସର୍ବୋପରି ମନେକରି କାର୍ଯ୍ୟ କରିଥାଏ।

# ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ରାମଲିଙ୍ଗା ରେଡ୍ଡୀ



କର୍ଣ୍ଣାଟକା : କର୍ଣ୍ଣାଟକାର ନୂଆ ମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାରଙ୍କ ସହିତ ବୁଧବାର ମନ୍ତ୍ରୀ ଭାବେ ଶପଥ ନେଇଥିଲେ ରାମଲିଙ୍ଗା ରେଡ୍ଡୀ। ହେଲେ ଶୁକ୍ରବାର ସେ ତାଙ୍କର ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ନେତୃତ୍ୱାଧୀନ ସରକାର ଏକ ଅପ୍ରୀତିକର ସ୍ଥିତିରେ ପଡ଼ିଯାଇଛି। ବିଭାଗ ବଣ୍ଟନକୁ ନେଇ ରାମଲିଙ୍ଗା ରେଡ୍ଡୀ ଅସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ କ୍ୟାବିନେଟ୍ରୁ ଇସ୍ତଫା ଦେଇଛନ୍ତି। ନିଜ ଇସ୍ତଫା ବିଷୟରେ ସ୍ପଷ୍ଟ କରି ରେଡ୍ଡୀ ଦାବି କରିଛନ୍ତି ଯେ ଡି.କେ. ଶିବକୁମାର ନିଜେ ତାଙ୍କୁ 'ବେଙ୍ଗାଲୁରୁ ବିକାଶ' ବିଭାଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାଙ୍କୁ 'ଜଳସେଚନ' ବିଭାଗ ଆବଣ୍ଟନ କରାଗଲା। ସେ କହିଛନ୍ତି, ଡି.କେ. ଶିବକୁମାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ମୋ ଘରକୁ ଆସିଥିଲେ। ସେ ମୋତେ କହିଥିଲେ ଯେ ମୋତେ ବେଙ୍ଗାଲୁରୁ ବିଭାଗ ଦିଆଯିବ। ମୁଁ ମୁଖ୍ୟମନ୍ତ୍ରୀଙ୍କୁ କୌଣସି ବିଭାଗ ମାଗି ନଥିଲି। ସେ ନିଜ ଆଡୁ ଏହି ପ୍ରସ୍ତାବ ଦେଇଥିଲେ ଏବଂ ମୁଁ ହଁ କହିଥିଲି। ମୁଖ୍ୟମନ୍ତ୍ରୀ ମୋତେ ଦୁଇ ଦୁଇ ଥର ଏହି ବିଭାଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ଜଳସେଚନ ବିଭାଗ ଦାୟିତ୍ୱ ଦେଲେ। ଏହି ବିଭାଗରେ ମୁଁ କାମ କରିବାକୁ ଚାହେଁନାହିଁ। ତେଣୁ ମୁଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛି। ରାମଲିଙ୍ଗା ରେଡ୍ଡୀ ଆହୁରି ମଧ୍ୟ ଘୋଷଣା କରିଛନ୍ତି ଯେ ଏବେ ଯଦି ତାଙ୍କୁ ତାଙ୍କ ପସନ୍ଦର ବିଭାଗ ମଧ୍ୟ ଅଫର୍ କରାଯାଏ, ତଥାପି ସେ ଡି.କେ. ଶିବକୁମାରଙ୍କ ଅଧୀନରେ କୌଣସି ମନ୍ତ୍ରୀ ପଦ ଗ୍ରହଣ କରିବେ ନାହିଁ। ସେ କହିଛନ୍ତି, ଏବେ ଯଦି ସେମାନେ ମୋତେ ବେଙ୍ଗାଲୁରୁ ବିକାଶ ବିଭାଗ ଦିଅନ୍ତି, ତଥାପି ମୁଁ ତାହାକୁ ଗ୍ରହଣ କରିବି ନାହିଁ। ମୁଁ ଜଣେ ବିଧାୟକ (ଗଖଇ) ଭାବେ କାର୍ଯ୍ୟ କରିବି ଏବଂ କଂଗ୍ରେସ ସହିତ ରହିବି। ରାମଲିଙ୍ଗା ରେଡ୍ଡୀଙ୍କ ଇସ୍ତଫା ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଛନ୍ତି ଯେ ରାମଲିଙ୍ଗା ରେଡ୍ଡୀ ଜଣେ ବରିଷ୍ଠ ନେତା ତଥା ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ। ସେ ତାଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିବେ। ଗୁରୁବାର (ଗତକାଲି) ରାତିରେ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ତାଙ୍କର ୧୩ ଜଣ ମନ୍ତ୍ରୀଙ୍କୁ ବିଭାଗ ବଣ୍ଟନ କରିଥିଲେ। ସୂତ୍ର ଅନୁସାରେ, ରେଡ୍ଡୀ 'ବେଙ୍ଗାଲୁରୁ ବିକାଶ' ବିଭାଗ ପାଇଁ ଜିଦ୍ ଧରିଥିଲେ, ଯାହା ତାଙ୍କୁ ଦିଆଯାଇ ନଥିଲା। ବିଭାଗ ଚୂଡ଼ାନ୍ତ କରିବା ପାଇଁ ଗୁରୁବାର ଅନୁଷ୍ଠିତ ବୈଠକରୁ ରେଡ୍ଡୀ ଅଧାରୁ ବାହାରି ଆସିଥିଲେ ବୋଲି ଜଣାପଡ଼ିଛି। ବୈଠକରେ ସେ ମୁଖ୍ୟମନ୍ତ୍ରୀଙ୍କୁ ୨୦୨୩ ମସିହାରେ ଦେଇଥିବା ପ୍ରତିଶ୍ରୁତି ମନେ ପକାଇ ଦେଇଥିଲେ ଯେ, ଯେତେବେଳେ ବି କ୍ୟାବିନେଟ୍ ଅଦଳବଦଳ ହେବ, ତାଙ୍କୁ ବେଙ୍ଗାଲୁରୁ ବିକାଶ ବିଭାଗ ଦିଆଯିବ ବୋଲି କୁହାଯାଇଥିଲା।

# ଭାରତୀୟଙ୍କ ପାଇଁ ଆବଶ୍ୟକ ହେବନି ଟ୍ରାଞ୍ଜିଟ୍ ଭିସା : ଜର୍ମାନୀ




ନୂଆଦିଲ୍ଲୀ: ଭାରତୀୟଙ୍କ ପାଇଁ ବଡ଼ ଘୋଷଣା କରିଛି ଜର୍ମାନୀ। ଜର୍ମାନୀ ଦୂତାବାସ ଘୋଷଣା କରିଛି ଯେ ଭାରତୀୟ ନାଗରିକମାନଙ୍କୁ ଆଉ ଜର୍ମାନୀର କୌଣସି ବି ବିମାନବନ୍ଦରରେ ଅଟକି ଅନ୍ୟ ଦେଶକୁ ଯାତ୍ରା କରିବା ପାଇଁ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ପଡ଼ିବ ନାହିଁ। ଦୂତାବାସ ଅନୁଯାୟୀ, ଛାତ୍ର, କର୍ମଜୀବୀ ଏବଂ ପର୍ଯ୍ୟଟକଙ୍କ ସମେତ ବହୁ ସଂଖ୍ୟକ ଭାରତୀୟ ଅନ୍ୟ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଜର୍ମାନ ବିମାନବନ୍ଦର ଦେଇ ଯାତ୍ରା କରନ୍ତି। ଏକ ବିବୃତ୍ତିରେ, ଜର୍ମାନୀ ଦୂତାବାସ କହିଛି, 'ଜର୍ମାନୀ ବିମାନବନ୍ଦରରେ ଅଟକି ଅନ୍ୟ ଦେଶକୁ ଯାତ୍ରା କରୁଥିବା ଭାରତୀୟ ନାଗରିକମାନଙ୍କୁ ଆଉ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ପଡ଼ିବ ନାହିଁ। ଏହି ପଦକ୍ଷେପ ୟୁରୋପ, ଉତ୍ତର ଆମେରିକା ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଯାତ୍ରା କରିବା ସମୟରେ ଜର୍ମାନୀ ବିମାନବନ୍ଦରକୁ ଟ୍ରାଞ୍ଜିଟ୍ ହବ୍ ଭାବରେ ବ୍ୟବହାର କରୁଥିବା ଭାରତୀୟ ଯାତ୍ରୀମାନଙ୍କୁ ଯଥେଷ୍ଟ ଲାଭ ଦେବ ବୋଲି ଆଶା କରାଯାଉଛି। ଦୂତାବାସ କହିଛି, 'ଏହି ନିଷ୍ପତ୍ତି ଭାରତ-ଜର୍ମାନୀ ସମ୍ପର୍କକୁ ଆହୁରି ମଜବୁତ କରିବା, ଲୋକଙ୍କ ମଧ୍ୟରେ ଯାତାୟାତକୁ ସହଜ କରିବା ଏବଂ ଆର୍ଥିକ ସମ୍ପର୍କକୁ ଗଭୀର କରିବା ପାଇଁ ଜର୍ମାନୀ ସଂଘୀୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।' ଦୂତାବାସ କହିଛି ଯେ ଏହି ପଦକ୍ଷେପ ଜାନୁଆରୀରେ ଜର୍ମାନୀ ଚାନସ୍ଲେର ଫ୍ରେଡ୍ରିଚ୍ ମର୍ଜଙ୍କ ଭାରତ ଗସ୍ତ ପରେ ନିଆଯାଇଛି। ଉଲ୍ଲେଖ ଥାଉ କି ଏହି ବର୍ଷ ଏପ୍ରିଲରେ, ଫ୍ରାନ୍ସ ଭାରତୀୟ ନାଗରିକଙ୍କ ପାଇଁ ବିମାନବନ୍ଦର ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତାକୁ ଉଚ୍ଛେଦ କରିଥିଲା, ଯାହା ଫଳରେ ତୃତୀୟ ଦେଶକୁ ଯାତ୍ରା କରିବା ପାଇଁ ଫ୍ରାନ୍ସ ବିମାନବନ୍ଦର ଦେଇ ଯାଉଥିବା ଯାତ୍ରୀମାନଙ୍କ ଯାତ୍ରା ସହଜ ହୋଇଥିଲା।

# ଭାରତ ସହିତ ଏସ୍ୟୁ-୫୭ ଯୁଦ୍ଧବିମାନ ବିକଶିତ କରିବାକୁ ରୁଷ୍ ପ୍ରସ୍ତୁତ: ପୁଟିନ୍




ନୂଆଦିଲ୍ଲୀ: ଭାରତ ଏହାର ବାୟୁସେନା ପାଇଁ ପଞ୍ଚମ ପିଢ଼ିର ବିମାନ ସନ୍ଧାନ କରୁଥିବାବେଳେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ସୁଖୋଇ ଏସ୍ୟୁ-୫୭ ଜେଟ୍ ନେଇ ବଡ଼ ପ୍ରସ୍ତାବ ଦେଇଛନ୍ତି। ବିଶ୍ୱର ବିଭିନ୍ନ ଖବର ସରବରାହ ସଂସ୍ଥା ସହିତ କଥାବାର୍ତ୍ତାବେଳେ ପୁଟିନ କହିଛନ୍ତି, ରୁଷ ଭାରତ ସହିତ ମିଳିତ ଭାବରେ ଏସ୍ୟୁ-୫୭ ବିକଶିତ ଓ ଉତ୍ପାଦନ କରିବାକୁ ଇଚ୍ଛୁକ। ଏହି ବିମାନ ଉନ୍ନତ ଗୁପ୍ତ କ୍ଷମତା ବିଶିଷ୍ଟ ଓ ଭାରତକୁ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ମଧ୍ୟ ସ୍ଥାନାନ୍ତର କରିବ। ଭାରତ ପାଖରେ ବର୍ତ୍ତମାନ ପଞ୍ଚମ ପିଢ଼ିର ବିମାନ ନଥିବାରୁ ରୁଷ୍ର ଏହି ପ୍ରସ୍ତାବ ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହାବ୍ୟତୀତ ପାକିସ୍ତାନ ଖୁବ୍ ଶୀଘ୍ର ଚୀନର ସେନୟାଙ୍ଗ ଜେ-୩୫ଏଇ ଯୁଦ୍ଧ ବିମାନ ହାସଲ କରିବା ନେଇ କଳ୍ପନାଜଳ୍ପନା ଭାରତର ଚିନ୍ତାର କାରଣ ହୋଇଛି। ଭାରତର ଏକ ସ୍ୱଦେଶୀ ପଞ୍ଚମ ପିଢ଼ିର ଜେଟ୍ (ଆଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ) ବିକଶିତ କରିବାର ନିଜସ୍ୱ ପ୍ରକଳ୍ପ ବର୍ତ୍ତମାନ ବିକାଶାଧୀନ ଅଛି। ୨୦୩୦ ମଧ୍ୟବର୍ତ୍ତୀ ସମୟ ସୁଦ୍ଧା ଏହି ବିମାନ ପ୍ରସ୍ତୁତ ହେବା ନେଇ ଆଶା କରାଯାଉଛି। ପୁଟିନ୍ ଅବଶ୍ୟ କହିଛନ୍ତି ଯେ, ଏସ୍ୟୁ-୫୭ ମିଳିତ ଭାବେ ବିକଶିତ କରିବାକୁ ରୁଷ୍ ୨୦୧୮ ମଧ୍ୟ ପ୍ରସ୍ତାବ ଦେଇଥିଲା, କିନ୍ତୁ ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା। ପଞ୍ଚମ ପିଢ଼ି ବିମାନ ଭିତରେ ରୁଷ୍ର ଏସ୍ୟୁ -୫୭ ବ୍ୟତୀତ ଚୀନର ଜେ-୩୫ ଓ ଆମେରିକାର ଏଫ୍-୩୫ ରହିଛି।

# ବିଧାନନଗର ଟିଏମ୍‌ସି ମେୟରଙ୍କ ଇସ୍ତଫା

କୋଲକାତା : କଲକାତା ମେୟର ପଦ ଛାଡିବାର ଗୋଟିଏ ଦିନ ପରେ ବିଧାନନଗରର ଟିଏମସି ମେୟର ଇସ୍ତଫା ଦେଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିଜୟ ପରେ ତୃଣମୂଳ କଂଗ୍ରେସ ମଧ୍ୟରେ ଉତ୍ତେଜନା ଦେଖାଯାଇଛି। ଜଣଙ୍କ ପରେ ଜଣେ ନେତା ଟିଏମସିରୁ ଇସ୍ତଫା ଦେଇ ଚାଲିଛନ୍ତି। କଲକାତା ମେୟର ଫିରହାଦ ହାକିମ ଇସ୍ତଫା ଦେବାର ଗୋଟିଏ ଦିନ ପରେ ଗୁରୁବାର ତୃଣମୂଳ କଂଗ୍ରେସ ନେତା କ୍ରିଷ୍ଣା ଚକ୍ରବର୍ତ୍ତୀ ବିଧାନନଗର ମ୍ୟୁନିସିପାଲ କର୍ପୋରେସନର ମେୟର ପଦରୁ ଇସ୍ତଫା ଦେଇଛନ୍ତି। ଶ୍ରୀମତୀ ଚକ୍ରବର୍ତ୍ତୀ ମ୍ୟୁନିସିପାଲ ଆୟୁକ୍ତଙ୍କୁ ତାଙ୍କର ଇସ୍ତଫା ପତ୍ର ପଠାଇଛନ୍ତି। ପତ୍ରରେ ସେ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଉଥିବା ଦର୍ଶାଇଛନ୍ତି। ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀଙ୍କ ଦୀର୍ଘ ଦିନର ସହଯୋଗୀ ଶ୍ରୀମତୀ ଚକ୍ରବର୍ତ୍ତୀ କହିଛନ୍ତି ଯେ ସେ ଜଣେ କାଉନସିଲର ଭାବରେ କାର୍ଯ୍ୟ କରିବେ।

# 'ଆନ୍ନାମଲାଇ' ଗଢ଼ିବେ ନୂଆ ଦଳ



ଚେନ୍ନାଇ : ବିଜେପି ଛାଡ଼ିଲେ, ନୂଆ ରାଜନୈତିକ ଦଳ ଗଢ଼ିବେ ଆନ୍ନାମଲାଇ। କିଛି ଦିନର କଳ୍ପନାଜଳ୍ପନା ପରେ ଶେଷରେ ବିଜେପି ଛାଡ଼ିଛନ୍ତି କେ.ଆନ୍ନାମଲାଇ। ତାମିଲନାଡୁ ବିଜେପିର ପୋଷ୍ଟର ବୟ ତଥା ଫାଏର ବ୍ରାଣ୍ଡ ନେତା ଥିବା ଆନ୍ନାମଲାଇ ଶେଷରେ ବିଜେପିକୁ ବାଏ ବାଏ କରିଛନ୍ତି। ଆଜି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଆନ୍ନାମଲାଇଙ୍କ ଇସ୍ତଫା ପତ୍ରକୁ ସ୍ୱୀକାର କରିଛନ୍ତି। ଏନେଇ ବିଜେପି ପକ୍ଷରୁ ବିଧିବଦ୍ଧ ଭାବେ ବି ସୂଚନା ଦିଆଯାଇଛି। ବିଜେପିରୁ ଇସ୍ତଫା ପରେ ସେ ନିଜ ରାଜନୈତିକ ଦଳ ଗଠନ କରିବେ ବୋଲି ସୂଚନା ଦେଇଛନ୍ତି। ଆଗାମୀ ତାମିଲନାଡୁ ନିର୍ବାଚନରେ ତାଙ୍କ ଦଳ ଲଢ଼ିବ ବୋଲି ସେ ବଡ଼ ସୂଚନା ଦେଇଛନ୍ତି। ତାସହ ବିଜେପିରେ ଥିବା ସମୟରେ ସେ ସବୁବେଳେ ତାମିଲ ଲୋକଙ୍କ ପାଇଁ କାମ କରିଛନ୍ତି। ଆଗାମୀ ଦିନରେ ବି ଏମିତି କାମ ଜାରି ରଖିବେ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି ଆନ୍ନାମଲାଇ। ମୋଦି ସବୁବେଳେ ତାମିଲନାଡୁର ବିକାଶ ପାଇଁ ଚେଷ୍ଟା କରୁଛନ୍ତି। ସେ ଦଳ ଛାଡ଼ିବାକୁ ଗତ ଡିସେମ୍ବର ମାସରୁ ଇଚ୍ଛା ପ୍ରକାଶ କରିଥିଲେ କିନ୍ତୁ ନିର୍ବାଚନ ଯାଏଁ ତାଙ୍କୁ ଅପେକ୍ଷା କରିବାକୁ କୁହାଯାଇଥିବା କହି ଆନ୍ନାମଲାଇ। ଯାହା ପୁଣି ଥରେ ଅନେକ ପ୍ରଶ୍ନ ତାମିଲନାଡୁ ରାଜନୀତିରେ ସୃଷ୍ଟି କରିଛି। ଦୁଇ ଦିନ ତଳେ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲେ ଆନ୍ନାମଲାଇ। ସେବେଠୁ ସେ ଦଳ ଛାଡ଼ିବେ ବୋଲି ଚର୍ଚ୍ଚା ହେଉଥିଲା। ଯାହା ଆଜି ଅବସାନ ଘଟିଛି। ତାମିଲନାଡୁ ରାଜନୀତିରେ ଥଲାପତି ବିଜୟଙ୍କ ବଡ଼ ଏଣ୍ଟ୍ରି ପରେ ନୂଆ ସମୀକରଣ ସୃଷ୍ଟି ହୋଇଛି। ଏହାକୁ ନଜରରେ ରଖି ନୂଆ ଦଳ କେତେ ମାତ୍ରାରେ ପ୍ରଭାବିତ କରିବ ତା ଉପରେ ବି ସାରା ଦେଶର ନଜର ରହିଛି।






# ଟି-୨୦ ନେତୃତ୍ୱ ହରାଇବେ ସୂର୍ଯ୍ୟକୁମାର, ଦୌଡ଼ରେ ଶ୍ରେୟସ, ସାମ୍ସନ



ନୂଆଦିଲ୍ଲୀ : ଭାରତୀୟ ଟି-୨୦ ଦଳରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଆଗାମୀ ଆର୍ୟଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ଶୃଙ୍ଖଳା ପାଇଁ ଭାରତୀୟ ଦଳକୁ ମିଳିପାରେ ନୂଆ ଅଧିନାୟକ। ଖରାପ ଫର୍ମଦେଇ ଗତି କରୁଥିବା ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ଏବେ ଜଣେ ତାରକା ଖେଳାଳିଙ୍କୁ ଭାରତୀୟ ଟି-୨୦ ଦଳର ନେତୃତ୍ୱ ମିଳିପାରେ। ଏହି ଦୌଡ଼ରେ ସବୁଠାରୁ ଆଗରେ ଷ୍ଟାର ବ୍ୟାଟ୍‌ସମ୍ୟାନ ଶ୍ରେୟସ ଆୟର ରହିଛନ୍ତି। ଆଇପିଏଲରେ ଅଧିନାୟକ ଭାବେ ଶ୍ରେୟସଙ୍କ ବହୁତ ଭଲ ଅଭିଜ୍ଞତା ରହିଛି। ଚାପର ପରିସ୍ଥିତିରେ ଧୈର୍ଯ୍ୟର ସହ ନିଷ୍ପତ୍ତି ନେବାର ଶୈଳୀ ବିସିସିଆଇ ସିନିୟର ମନୋନୟନ କମିଟିକୁ ପ୍ରଭାବିତ କରିଛି। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସହ ଆଲୋଚନା ପରେ ଶ୍ରେୟସଙ୍କ ନାମରେ ମୋହର ବାଜିପାରେ। ଅନ୍ୟପକ୍ଷରେ ଅଧିନାୟକ ଦୌଡ଼ରେ ସଞ୍ଜୁ ସାମସନ ମଧ୍ୟ ରହିଛନ୍ତି। ସାମସନ ଟି-୨୦ ବିଶ୍ୱକପ -୨୦୨୬ରେ ଚମତ୍କାର ପ୍ରଦର୍ଶନ କରି ଦକ୍ଷତା ଦେଖାଇଛନ୍ତି। ସୂର୍ଯ୍ୟକୁମାର ଆଇପିଏଲ-୨୦୨୬ରେ ୧୩ଟି ଇନିଂସରୁ ୨୭୦ରନ କରିଥିଲେ।

ସେହିପରି ଟି୨୦ ବିଶ୍ୱକପରେ ୧୦ଟି ଇନିଂସରୁ ୧୯୫ରନ କରିଥିଲେ। ଯେଉଁଥିରେ ଆମେରିକା ବିପକ୍ଷରେ ୮୪ ରନ ରହିଥିଲା। ଏହା ମନୋନୟନକାରୀଙ୍କ ଚିନ୍ତା ବଢାଇଛି। ଯଦି ଶ୍ରେୟସଙ୍କୁ ଅଧିନାୟକ ଦାୟିତ୍ୱ ମିଳେ ତେବେ ଉପ ଅଧିନାୟକ ଭାବେ ଈଶାନ କିଷନ କିମ୍ବା ତିଳକ ବର୍ମାଙ୍କ ମଧ୍ୟରେ ଟକ୍କର ଦେଖିବାକୁ ମିଳିବ। ଆଗାମୀ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବଜାୟ ରଖିବା ଲକ୍ଷ୍ୟରେ ବିସିସିଆଇ ଯୁବ ଖେଳାଳିଙ୍କୁ ଅଧିକ ଦାୟିତ୍ୱ ଦେବାକୁ ଯୋଜନା କରୁଛି। ଅନ୍ୟପକ୍ଷରେ ଆଇପିଏଲ ୨୦୨୬ରେ ଚମତ୍କାର ପ୍ରଦର୍ଶନ କରିଥିବା ୧୫ ବର୍ଷୀୟ ଯୁବ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଆର୍ୟଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ଶୃଙ୍ଖଳାରେ ସ୍ଥାନ ମିଳିବା ପ୍ରାୟ ନିଶ୍ଚିତ। ଭାରତୀୟ ଦଳରେ ଏକାଧିକ ଓପନର ରହିଥିଲେ ମଧ୍ୟ ମନୋନୟନକାରୀ ଏହି ଯୁବ ପ୍ରତିଭାଙ୍କୁ ଅନ୍ତର୍ଜାତୀୟସ୍ତରରେ ଦେଖିବାକୁ ଚାହୁଁଛନ୍ତି।

## ଟିମ୍ ଇଣ୍ଡିଆକୁ ବଡ଼ ଝଟକା
# ଆଫଗାନିସ୍ତାନ ବିପକ୍ଷ ଏକଦିବସୀୟ ସିରିଜ୍‌ରୁ ବାଦପଡ଼ିଲେ କୋହଲି



ନୂଆଦିଲ୍ଲୀ : ଟିମ୍ ଇଣ୍ଡିଆକୁ ବଡ ଝଟକା। ଖେଳିବେନି ବିରାଟ କୋହଲି। ଆଫଗାନିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ପୂର୍ବରୁ ଭାରତୀୟ କ୍ରିକେଟ ଦଳକୁ ଏକ ବଡ଼ ଝଟକା ଲାଗିଛି। ଷ୍ଟାର ବ୍ୟାଟସମ୍ୟାନ ବିରାଟ କୋହଲି ତିନି ମ୍ୟାଚ୍ ବିଶିଷ୍ଟ ସିରିଜରୁ ବାଦ ପଡ଼ିଛନ୍ତି। ୩୭ ବର୍ଷୀୟ କୋହଲି ନିକଟରେ ଶେଷ ହୋଇଥିବା ଆଇପିଏଲରେ ଉତ୍କୃଷ୍ଟ ଫର୍ମରେ ଥିଲେ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ଲଗାତାର ଦ୍ୱିତୀୟ ଟାଇଟଲ ଜିତିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

୩୭ ବର୍ଷ ବୟସରେ ମଧ୍ୟ ବିରାଟ କୋହଲିଙ୍କୁ ବିଶ୍ୱର ସବୁଠାରୁ ଫିଟ୍ କ୍ରିକେଟରଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ସେ ଆଇପିଏଲ ସିଜିନରେ ଅସାଧାରଣ ଭାବରେ ଭଲ ପ୍ରଦର୍ଶନ କରିଥିଲେ। କୋହଲି ସମଗ୍ର ଟୁର୍ଣ୍ଣାମେଣ୍ଟରେ ସ୍ଥିର ଭାବରେ ସ୍କୋର କରିଥିଲେ ଏବଂ ଫାଇନାଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ଲଗାତାର ଦ୍ୱିତୀୟ ଥର ପାଇଁ ଚାମ୍ପିଅନ ହେବାରେ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଫାଇନାଲରେ ବିଜୟୀ ରନ ମଧ୍ୟ କରିଥିଲେ।

ବିରାଟ କୋହଲି ଏବେ ସୀମିତ ଓଭର କ୍ରିକେଟ ଖେଳନ୍ତି ଏବଂ ଏକଦିବସୀୟ ଦଳର ସବୁଠାରୁ ବଡ଼ ତାରକାମାନଙ୍କ ମଧ୍ୟରୁ ଜଣେ। ତାଙ୍କର ଲୋକପ୍ରିୟତା କେବଳ ଭାରତରେ ସୀମିତ ନୁହେଁ, ବରଂ ବିଶ୍ୱବ୍ୟାପୀ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ଫଳସ୍ୱରୂପ, ଆଫଗାନିସ୍ତାନ ବିପକ୍ଷ ସିରିଜରୁ ତାଙ୍କର ଅନୁପସ୍ଥିତି କେବଳ ଭାରତୀୟ ବ୍ୟାଟିଂକୁ ଦୁର୍ବଳ କରିବ ନାହିଁ ବରଂ ଦର୍ଶକଙ୍କ ଆଗ୍ରହକୁ ମଧ୍ୟ ପ୍ରଭାବିତ କରିବ।

ବିରାଟ କୋହଲିଙ୍କ ବ୍ୟତୀତ ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ଫିଟନେସ୍ ମଧ୍ୟ ସ୍ପଷ୍ଟ ନୁହେଁ। ରୋହିତ ଆଇପିଏଲ ସମୟରେ ହାମଷ୍ଟ୍ରିଙ୍ଗ୍ ଆଘାତର ଶିକାର ହୋଇଥିଲେ, ଯାହା ତାଙ୍କ ଉପଲବ୍ଧତା ଉପରେ ପ୍ରଶ୍ନ ଉଠାଇଛି। ତାଙ୍କୁ ଆଫଗାନିସ୍ତାନ ସିରିଜ୍ ପାଇଁ ଦଳରେ ସାମିଲ କରାଯାଇଛି। କିନ୍ତୁ ତାଙ୍କର ଅଂଶଗ୍ରହଣ ତାଙ୍କ ଫିଟନେସ୍ ଉପରେ ନିର୍ଭର କରିବ। ଦଳ ପରିଚାଳନା ତାଙ୍କ ଅବସ୍ଥା ଉପରେ କଡ଼ା ନଜର ରଖିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ମଧ୍ୟ ସମାନ କଥା।

କୋହଲିଙ୍କ ଅନୁପସ୍ଥିତି ଭାରତୀୟ ବ୍ୟାଟିଂ କ୍ରମ ଉପରେ ଅତିରିକ୍ତ ଚାପ ପକାଇବ। ଯୁବ ଖେଳାଳି ଏବଂ ମଧ୍ୟମ କ୍ରମ ବ୍ୟାଟସମ୍ୟାନଙ୍କୁ ଅଧିକ ଦାୟିତ୍ୱ ନେବାକୁ ପଡ଼ିବ। ଚୟନକର୍ତ୍ତା ଏବଂ ଦଳ ପରିଚାଳନା ଏବେ ପ୍ଲେଇଂ ଇଲେଭେନରେ ତାଙ୍କ ସ୍ଥାନରେ କିଏ ନେବ ତାହା ନିଷ୍ପତ୍ତି ନେବାରେ ବ୍ୟସ୍ତ ରହିବେ। ଆଫଗାନିସ୍ତାନ ବିପକ୍ଷ ଏହି ସିରିଜ୍ ଆଗାମୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତର ପ୍ରସ୍ତୁତି ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଫଳସ୍ୱରୂପ, କୋହଲିଙ୍କ ଆଘାତ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

## (୧୮ ବର୍ଷରୁ କମ୍ ଏସିଆ କପ୍ ହକି)

# ପାକିସ୍ତାନକୁ ହରାଇ ଫାଇନାଲ୍‌ରେ ଭାରତୀୟ ପୁରୁଷ ଦଳ



ଭୁବନେଶ୍ୱର, (ପିପିଏସ୍): ଭାରତ ଶନିବାର ସ୍ୱର୍ଣ୍ଣ ପଦକ ପାଇଁ ଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଭାରତ ପ୍ରବେଶ କରିଛି। ଶୁକ୍ରବାର ସେମିଫାଇନାଲ୍‌ରେ ଭାରତ ୫-୩ ଗୋଲ୍‌ରେ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଏହି ସଫଳତା ପାଇଛି। ପାନକୁ ଭେଟିବ। ପ୍ରଥମ ସେମିଫାଇନାଲ୍‌ରେ ଜାପାନ୍ ୮-୧ ଗୋଲ୍‌ରେ ମାଲେସିଆକୁ ମାତ୍ ଦେଇଥିଲା।

ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ୍‌ର ଦ୍ୱାଦଶ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍‌ଟି ଷ୍ଟ୍ରୋକ୍‌କୁ ଆଶିଷ ତାନି ପୂର୍ତ୍ତି ଗୋଲ୍‌ରେ ପରିଣତ କରି ଦଳକୁ ପ୍ରଥମ କ୍ୱାର୍ଟରରେ ଆଗରେ ରଖିଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ପାକିସ୍ତାନର ଆଦିଲ୍ (୨୭ ମିନିଟ୍) ଗୋଲ୍‌ଟି ଶୁଝି ସ୍ଥିତି ସମାନ କରି ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଶାହରୁଖ ଖାନ୍ (୩୫ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପୁଣି ଆଗୁଆ ହୋଇଯାଇଥିଲା। ଏହାପରେ ଅସ୍‌ଲାନ୍ ମହମ୍ମଦ ଫରାନ (୩୭ ମିନିଟ୍) ଓ ଉଜେର ଅହମ୍ମଦ କ୍ୟୁରେସୀ (୪୨ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ପାକିସ୍ତାନକୁ ତୃତୀୟ କ୍ୱାର୍ଟର ସୁଦ୍ଧା ୩-୨ରେ ଆଗରେ ରଖିଥିଲେ। ତେବେ ଶେଷ କ୍ୱାର୍ଟରରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ୩ ଗୋଲ୍ ଲଦି ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲା। ଦଳକୁ ମିଳିଥିବା ୩ଟି ପେନାଲ୍‌ଟି କର୍ଣ୍ଣରକୁ ଆଶିଷ ତାନି ପୂର୍ତ୍ତି ଲଗାତାର ଗୋଲ୍‌ରେ ପରିଣତ କରି ଭାରତକୁ ୫-୩ରେ ବିଜୟ ଭେଟି ଦେଇଥିଲେ। ସେ ୪୯, ୫୩ ଓ ୫୬ ମିନିଟ୍‌ରେ ଏହି ଗୋଲ୍ ତ୍ରୟ ଦେବା ସହ ମୋଟ ଉପରେ ୪ ଗୋଲ୍ କରି ପାକିସ୍ତାନର ପରାଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ।

# କାଂସ୍ୟ ପାଇଁ ଖେଳିବ ମହିଳା ଭାରତୀୟ ଦଳ



ଭୁବନେଶ୍ୱର : ଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଭାରତ କଡ଼ା ସଂଘର୍ଷ କରି ୧-୩ (୨-୨) ସୁଟ୍‌ଆଉଟ୍‌ରେ ଚୀନ୍‌ଠୁ ହାରି ଯାଇଛି। ଫଳରେ ଭାରତ ଏବେ କାଂସ୍ୟ ପାଇଁ ଶନିବାର କୋରିଆ ସହ ଖେଳିବ। ଅନ୍ୟଏକ ସେମିଫାଇନାଲ୍‌ରେ କୋରିଆ ୦-୧ ଗୋଲ୍‌ରେ ଜାପାନଠୁ ପରାସ୍ତ ହୋଇଛି।

ଶୁକ୍ରବାର ପ୍ରଥମ ସେମିଫାଇନାଲ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ଭଲ ଆରମ୍ଭ କରିଥିଲା। ତୃତୀୟ ମିନିଟ୍‌ରେ ଓଡ଼ିଆ ଝିଅ ତଥା ଅଧିନାୟିକା ସ୍ୱିଟି କୁଜୁରଙ୍କ ଚମତ୍କାର ପାସ୍‌କୁ ନେସୀନ ନାଜ୍ ଗୋଲ୍‌ରେ ପରିଣତ କରି ଦଳକୁ ୧-୦ରେ ଆଗୁଆ ରଖିଥିଲେ। ୨୧ତମ ମିନିଟ୍‌ରେ ଚୀନ୍‌କୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ଲି ଜି ୟାନ୍ ଗୋଲ୍‌ରେ ପରିଣତ କରି ସ୍ଥିତି ସମାନ କରିଥିଲେ। ତୃତୀୟ କ୍ୱାର୍ଟରରେ ଝାଙ୍ଗ ୟୁଝେଙ୍ଗ (୪୮ ମିନିଟ୍)ଙ୍କ ଗୋଲ୍‌ରେ ଚୀନ୍ ୨-୧ରେ ଆଗୁଆ ହୋଇଯାଇଥିଲା। ଶେଷ କ୍ୱାର୍ଟରରେ ଓଡ଼ିଆ ଝିଅ କିରଣ ଏକ୍କାଙ୍କ ଗୋଲ୍‌ରେ ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ସମାନ ସ୍ତରରେ ଶେଷ ହୋଇଥିଲା। ତେଣୁ ଫଳାଫଳ ଲାଗି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୧-୩ରେ ପଛରେ ପଡ଼ି ଫାଇନାଲ୍ ଖେଳିବାରୁ ବଞ୍ଚିତ ହୋଇଥିଲା।

# ବିଶ୍ୱକପ୍ ଖେଳିବାରେ କ୍ଷୁଦ୍ରତମ ଦେଶ କ୍ୟୁରାସାଓ



ନ୍ୟୁୟର୍କ : ଦକ୍ଷିଣ କ୍ୟାରିବିୟାନ୍ ସାଗରରେ ଅବସ୍ଥିତ ଅନ୍ୟତମ ଛୋଟ ଦେଶ କ୍ୟୁରାସାଓ। ଏହାର ଜନସଂଖ୍ୟା ମାତ୍ର ୧ ଲକ୍ଷ ୫୬ ହଜାର। କ୍ୟୁରାସାଓର ଆୟତନ ହେଉଛି ୪୪୪ ବର୍ଗ କିଲୋମିଟର। ଏହାକୁ ଏବିସି ଆଇଲାଣ୍ଡ ମଧ୍ୟ କୁହାଯାଏ। ପୂର୍ବରୁ କ୍ୟୁରାସାଓ ନେଦରଲାଣ୍ଡ୍ସ ଅଧୀନରେ ଥିବାବେଳେ ଏବେ ଏହା ସ୍ୱାଧୀନ ରାଷ୍ଟ୍ର। ୨୦୨୬ ଫିଫା ବିଶ୍ୱକପ୍‌ରେ ପ୍ରଥମଥର ଭାଗ ନେଉଥିବା ଏଥର ୪ଟି ଦେଶଙ୍କ ମଧ୍ୟରେ କ୍ୟୁରାସାଓ ରହିଛି। ଫୁଟ୍‌ବଲ ଇତିହାସରେ ବିଶ୍ୱକପ୍ ଖେଳିବାରେ ଏହା କ୍ଷୁଦ୍ରତମ ଦେଶ। ଫିଫା ମାନ୍ୟତାରେ କ୍ୟୁରାସାଓ ୯୦ ସ୍ଥାନରେ ରହିଛି। ବିଶ୍ୱକପ୍ ପାଇଁ ଯୋଗ୍ୟତା ପର୍ଯ୍ୟାୟରେ କ୍ୟୁରାସାଓ କନ୍‌କାଫ୍‌ରେ ସ୍ଥାନ ପାଇଥିଲା। ଗ୍ରୁପ୍ 'ସି'ରେ କ୍ୟୁରାସାଓ ୪ଟିଯାକ ମ୍ୟାଚ୍ ଜିତିଥିଲା। ଏହାର ବାର୍ବାଡୋଜ୍‌କୁ ୪-୧, ଆରୁବାକୁ ୨-୦, ସେଣ୍ଟ ଲୁସିଆକୁ ୪-୦ ଓ ହାଇତିକୁ ୫-୧ ଗୋଲ୍‌ରେ ପରାସ୍ତକରି ଗ୍ରୁପ୍ ଶୀର୍ଷରେ ରହିଥିଲା। ପରେ କନ୍‌କାଫ୍‌ର ୩ୟ ରାଉଣ୍ଡକୁ କ୍ୟୁରାସାଓ ଉନ୍ନୀତ ହୋଇଥିଲା। ଏଥିରେ କ୍ୟୁରାସାଓ ଗ୍ରୁପ୍ 'ବି' ରେ ଥିଲା। ତ୍ରିନିଦାଦ୍ ଟବାଗୋ ବିପକ୍ଷରେ ୦-୦ ଡ୍ର ପରେ ବର୍ମୁଡାକୁ ୩-୨, ଜାମାଇକାକୁ ୨-୦ ଓ ବର୍ମୁଡାକୁ ୭-୦ ଗୋଲ୍‌ରେ ହରାଇଥିଲା।

ଫଳରେ ୬ଟି ମ୍ୟାଚ୍‌ରୁ ୩ ବିଜୟ ଓ ୩ ଡ୍ର ସହ କ୍ୟୁରାସାଓ ଗ୍ରୁପ୍ 'ବି'ରେ ଶୀର୍ଷ ସ୍ଥାନରେ ରହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଯୋଗ୍ୟତା ପର୍ଯ୍ୟାୟରେ କ୍ୟୁରାସାଓ ଅପରାଜିତ ରହି ୧୦ଟି ମ୍ୟାଚ୍ ଖେଳି ୭ଟି ଜିତି ୩ଟି ଡ୍ର ରଖିଥିଲା। ଏହା ୨୭ଟି ଗୋଲ୍ ଦେଇଥିବା ବେଳେ ମାତ୍ର ୩ଟି ଗୋଲ୍ ବରଣ କରିଥିଲା। ଏଥର କନ୍‌କାଫ୍ ଜୋନ୍‌କୁ ଫିଫା ଅଧିକ କୋଟା ସ୍ଥାନ ଦେଇଥିଲା। ପୁଣି ୩ ଆୟୋଜକ ଆମେରିକା, ମେକ୍ସିକୋ ଓ କାନାଡା ସିଧାସଳଖ ଯୋଗ୍ୟତା ଅର୍ଜନ କରିବାରୁ ଏହି ଜୋନ୍‌ର ଅନ୍ୟ ଦେଶଙ୍କୁ ଫିଫା ବିଶ୍ୱକପ୍ ଖେଳିବାର ସୁଯୋଗ ମିଳିଥିଲା। ଯୋଗ୍ୟତା ପର୍ଯ୍ୟାୟରେ କ୍ୟୁରାସାଓ ପାଇଁ ତାହିତ୍ ଚୋଙ୍ଗ, କେଞ୍ଜି ଗୋରେ ଓ ଜୋର୍ଡି ପୌଲିନା ୨ଟି ଲେଖାଏଁ ଗୋଲ୍ ଦେଇଥିଲେ। ବିଶ୍ୱକପ୍‌ରେ କ୍ୟୁରାସାଓ ଗ୍ରୁପ୍ 'ଇ' ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଥିବା ଅନ୍ୟ ୩ଟି ଦଳ ହେଲେ ଜର୍ମାନୀ, ଆଇଭରି କୋଷ୍ଟ ଓ ଇକ୍ୱେଡର। ୨ୟ ରାଉଣ୍ଡକୁ ଯିବାକୁ ହେଲେ କ୍ୟୁରାସାଓକୁ ଅତିକମ୍‌ରେ ୨ଟି ମ୍ୟାଚ୍ ଜିତିବାକୁ ହେବ। ନେଦରଲାଣ୍ଡ୍ସର ଅତ୍ୟନ୍ତ ଅଭିଜ୍ଞ ଡିକ୍ ଆଡ୍‌ଭୋକେଟ୍ ଏହି ବିଶ୍ୱକପ୍‌ରେ କ୍ୟୁରାସାଓର ପ୍ରଶିକ୍ଷକ। ୭୮ ବର୍ଷ ବୟସ୍କ ଆଡ୍‌ଭୋକାଟ୍ ୨୦୨୬ ବିଶ୍ୱକପ୍‌ରେ ବୟୋଜ୍ୟେଷ୍ଠ ପ୍ରଶିକ୍ଷକ।

# କ୍ରିକେଟ୍‌ରୁ ଭାରତଙ୍କ ଅବସର



ବିଶାଖାପାଟଣା : ମାତ୍ର ୩୨ ବର୍ଷ ବୟସରେ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ନେଇଛନ୍ତି କୋନା ଶ୍ରୀକର ଭାରତ ବା କେ.ଏସ୍. ଭାରତ। ଗୁରୁବାର ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଭାରତ ତାଙ୍କ ନିଷ୍ପତ୍ତି ଜଣାଇଛନ୍ତି। ତେବେ ଏତେ କମ୍ ବୟସରେ ଭାରତ ଆନ୍ତର୍ଜାତିକ କ୍ରିକେଟ୍ ଛାଡ଼ିବା କ୍ରିକେଟ୍‌ପ୍ରେମୀଙ୍କୁ ଚକିତ କରିଛି। ୱିକେଟ୍ ରକ୍ଷକ ବ୍ୟାଟ୍‌ସମ୍ୟାନ କେ.ଏସ୍. ଭାରତ ୨୦୨୩ ଓ ୨୦୨୪ରେ ଭାରତ ପାଇଁ ୭ଟି ଟେଷ୍ଟମ୍ୟାଚ୍ ଖେଳି ମୋଟ ୨୨୧ ରନ୍ କରିଥିଲେ। ୨୦୨୩ ଫେବୃଆରୀରେ ନାଗପୁରରେ ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ଟେଷ୍ଟ ପଦାର୍ପଣ କରିଥିଲେ। ବର୍ଷକ ପରେ ତାଙ୍କ ନିଜ ସହର ବିଶାଖାପାଟଣାରେ ଇଂଲଣ୍ଡ ବିପକ୍ଷରେ କେ.ଏସ୍. ଭାରତ ୭ମ ତଥା ଅନ୍ତିମ ଟେଷ୍ଟ ଖେଳିଥିଲେ। ଏକାଧିକ ଆଇପିଏଲ୍ ଦଳରେ ଭାରତ ସାମିଲ ହୋଇଥିଲେ ହେଁ ଆରସିବି ଓ ଦିଲ୍ଲୀ କ୍ୟାପିଟାଲ୍‌ସ ପାଇଁ ମୋଟ ୧୦ଟି ମ୍ୟାଚ୍ ଖେଳି ମୋଟ ୧୯୯ ରନ୍ କରିଥିଲେ। ଭାରତୀୟ ଟେଷ୍ଟ ଦଳରେ ଋଷଭ ପନ୍ତ ଓ ଧ୍ରୁବ ଜୁରେଲଙ୍କ ପରି ୱିକେଟ୍ ରକ୍ଷକ ଥିବାରୁ ଭାରତଙ୍କୁ ଆଉ ସୁଯୋଗ ମିଳିନଥିଲା। ଆନ୍ତର୍ଜାତିକ କ୍ରିକେଟ୍ ଛାଡ଼ିଥିଲେ ମଧ୍ୟ ସେ ଘରୋଇ କ୍ରିକେଟ୍ ଖେଳିବେ କି ନାହିଁ; ତାହା ଭାରତ ସ୍ପଷ୍ଟ କରିନାହାନ୍ତି।


## ସପ୍ତାହର ଶେଷରେ
## ପ୍ରଜାତନ୍ତ୍ର ସାପ୍ତାହିକୀ

୭-୧୩ ଜୁନ୍ ୨୦୨୬ ଦୁଇ ବର୍ଷରେ ଲୋକ ସରକାର




**ଜାତୀୟ:** ଭାରତ ଆଗରେ ଦୁଇଗୁଣା ବିପଦ
**ଅନ୍ତର୍ଜାତୀୟ:** ଚରମ ସୀମାରେ ହୋର୍ମୁଜ ସଙ୍କଟ
**ବିଶେଷ ପ୍ରସଙ୍ଗ:** ଯୌତୁକ ଭାଙ୍ଗୁଛି ସମ୍ପର୍କ
**କ୍ଷୁଦ୍ରଗଳ୍ପ :** ଉପେକ୍ଷିତ ସମୟ
**ନାରୀ :** ଗର୍ଭଧାରଣ କରିବାର ସଠିକ୍ ବୟସ କେତେ ହେବା ଦରକାର ?
**ଚଳଚ୍ଚିତ୍ର :** ହେରା ଫେରି ୩ରେ ପୁଣି ଅଡୁଆ !
ଚଳଚ୍ଚିତ୍ର: ବଲିଉଡ୍ ଅଭିନେତ୍ରୀ ଶମିତା ସେଟ୍ଟି
**ଖେଳ:** ଏବର ଫ୍ଲାଇଂ ଶିଖ୍ ଗୁରିନ୍ଦରବୀର
**ମୀନାବଜାର :** ମବୀ ଓ ମୃତ୍ୟୁ ଉତ୍ସବ, ଚର୍ଚ୍ଚାରେ: ବରଯାତ୍ରୀଙ୍କୁ ରିଟର୍ଣ୍ଣ ଗିଫ୍ଟରେ ବର ଦେଲେ ୩୩ କୋଟି, ବିଜ୍ଞାନ: ମଣିଷର ଅଛି ତୃତୀୟ ଆଖି, ପର୍ଯ୍ୟଟନ: ଅପରୂପ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ଭିତରକନିକା, ଜାଣନ୍ତି କି ? : ଗାଡ଼ି ଟାୟାରର ରଙ୍ଗ ସବୁବେଳେ କଳା କାହିଁକି ?, ସ୍ୱାସ୍ଥ୍ୟ: ଖରା ଗରମରୁ ତ୍ରାହି ପାଇବା ପାଇଁ ପିଅନ୍ତୁ ଲେମ୍ବୁ ପାଣି, ଧର୍ମ: ଦାନ ପାଇଁ କାହିଁକି ଖୋଜା ପଡ଼େ ତମ୍ବା ପାତ୍ର ?, କବିତା: ସ୍ମୃତି ଫଗୁଆ ପରି ଆହୁରି ଅନେକ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


# ବ୍ରହ୍ମପୁର ଜୋନର ଅନ୍ତଃ ଜିଲ୍ଲା ସିଏମ୍ ଟ୍ରଫି



ବ୍ରହ୍ମପୁର(ପିପିଏସ୍): ଅନ୍ତଃ ଜିଲ୍ଲା ସିଏମ୍ କପ ବ୍ରହ୍ମପୁର ଜୋନରେ ଆଜି ଅନ୍ତଃ ୧୪ବର୍ଷୀୟ ବାଳିକା ବର୍ଗରେ ମାଲକାନଗିରି ଓ କୋରାପୁଟ ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା। ମାଲକାନଗିରି ବାଳିକା ଦଳ ପକ୍ଷରୁ ସୁମିତା ଦାସ ଓ ମଧୁସ୍ମିତା ସୀସା ଦଳ ପାଇଁ ଗୋଟି ଲେଖାଏଁ ଗୋଲ କରିଥିଲେ। ଏଥିସହ ମାଲକାନଗିରି ୨-୦ ଗୋଲ କରି ବିଜୟ ହାସଲ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ ବାଳିକା ବର୍ଗରେ ନବରଙ୍ଗପୁର ଓ ଗଞ୍ଜାମ ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା। ନବରଙ୍ଗପୁର ବାଳିକା ଦଳରୁ ରଶ୍ମିତା ଗଣ୍ଡ ୩ଟି, ପିଙ୍କି ଗଣ୍ଡ ୩ଟି ଓ ନାଇକା ବାଘା ୧ଟିଏ ଗୋଲ କରିଥିଲେ। ଏଥିସହ ନବରଙ୍ଗପୁର ୭-୦ ଗୋଲ କରି ବିଜୟୀ ହାସଲ କରିଥିଲେ। ଅତିଥି ଭାବେ ଯୋଗ ଦେଇଥିଲେ କେ.ଭି.ଜି. ରବି କୁମାର ରୋଟାରୀୟାନ। ମ୍ୟାଚ ପରିଚାଳନା କରିଥିଲେ ବନିତା ହେମରିକା, ରାହାନ୍ତି ସରକାର, ରେବତୀ ପୀଡିକ୍ଷିକା, ରୋହିଲା ଭର୍ତ୍ତା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ। ଅନ୍ତଃ ୧୪ ବାଳକ ବର୍ଗରେ ପଞ୍ଚମ ଦିନ ସନ୍ଧ୍ୟାର ପ୍ରଥମ ମ୍ୟାଚ ମାଲକାନଗିରି ଓ କୋରାପୁଟ ଦଳ ମଧ୍ୟରେ ଖେଳାଯାଇଥିଲା।

ମାଲକାନଗିରି ବାଳକ ଦଳ ୨-୦ ଗୋଲରେ ବିଜୟ ହାସଲ କରିଛନ୍ତି। ମାଲକାନଗିରି ବାଳକ ଦଳରୁ ଦୀନବନ୍ଧୁ ବାସକି ସର୍ବାଧିକ ୨ଟି ଗୋଲ କରି ଦଳକୁ ବିଜୟ କରାଇଥିଲେ। ବାଳକ ବର୍ଗର ଦ୍ୱିତୀୟ ମ୍ୟାଚ ଗଞ୍ଜାମ ଓ ନବରଙ୍ଗପୁର ବାଳକ ଦଳ ମଧ୍ୟରେ ଖେଳା ଯାଇଥିଲା। ନବରଙ୍ଗପୁର ଦଳ ୫-୦ ଗୋଲ କରି ବିଜୟ ହାସଲ କରିଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ ଯୋଗ ଦେଇଥିଲେ ଯଶପଲ ଉର୍ମା ଫୁଟବଲ ପ୍ରଶିକ୍ଷକ। ଏଥିସହ ଗଞ୍ଜାମ ଜିଲ୍ଲାର ସଦସ୍ୟ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଡ଼ି.ଡ଼ି ଗନ୍ତାୟତ, ବିଜୟ କୁମାର ପଟ୍ଟନାୟକ, ଜି.ଏମ୍ ବାବୁ, ସୀତାରାମ ବେବର୍ତ୍ତା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି.ଆପ୍ପା ରାଓ, ଦୁର୍ଗା ପଟ୍ଟନାୟକ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା ଏବଂ ଜିଲ୍ଲାର ବରିଷ୍ଠ ଫୁଟବଲ ଖେଳାଳି ମାନେ ଉପସ୍ଥିତ ଥିଲେ। ଏହି ମ୍ୟାଚ ଗୁଡ଼ିକୁ ପରିଚାଳନା କରିଥିଲେ ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା, ଖଗପତି ଖରା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ ବୋଲି ଜେ. କାମେଶ୍ୱର ରାଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ସୂଚନା ଦେଇଛନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583